ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 14/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 168 | ମୂଲ୍ୟ ₹୭/-

**ସିବିଏସ୍‌ଇ ପରୀକ୍ଷାଫଳ**

# ଓଡ଼ିଶାରେ ୯୨.୪% ଦଶମ ପାସ୍

## ଦ୍ୱାଦଶ ପାସ୍‌ହାର ୭୮.୭୪%

## ୧୨ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ



ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର କୃତୀ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଖୁସି ମନାଉଛନ୍ତି।

**ଭୁବନେଶ୍ୱର,୧୩।୫(ସୁଚିସ୍ମିତା ସାହୁ)**

## ଏଥର ବି ଝିଅ ଆଗରେ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉଭୟ ପରୀକ୍ଷାରେ ପୁଅଙ୍କ ଅପେକ୍ଷା ଝିଅମାନେ ଆଗରେ ରହିଛନ୍ତି। ସର୍ବଭାରତୀୟସ୍ତରରେ ଦଶମ ପାସ୍‌ହାର ୯୩.୬୬% ରହିଥିବାବେଳେ ଦ୍ୱାଦଶ ପାସ୍‌ହାର ୮୮.୩୯% ରହିଛି। ଓଡିଶାରେ ଦଶମ ପାସ୍ ହାର ୯୨.୪୦% ଓ ଦ୍ୱାଦଶରେ ୭୮.୭୪% ରହିଛି। ଚଳିତବର୍ଷ ଦଶମ ପାସ୍ ହାର ଗତବର୍ଷ ତୁଳନାରେ ୦.୦୬% ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୫% ରହିଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୨.୬୩% ଓ ଟ୍ରାନ୍ସଜେଣ୍ଡରଙ୍କ ପାସ୍‌ହାର ୯୫% ରହିଛି। ଭୁବନେଶ୍ୱର ଜୋନରେ ୯୨.୬୪ ପ୍ରତିଶତ ପାସ୍ ହାର ରହିଛି। ଦଶମ ବୋର୍ଡ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ମୋଟ ୨୩ ଲକ୍ଷ ୮୫ ହଜାର ୭୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ପ୍ରଥମ ସ୍ଥାନରେ କେରଳ ତ୍ରିଭେନ୍ଦ୍ରମ୍ ରିଜିଅନରେ ସର୍ବାଧିକ ପାସ୍‌ହାର ୯୯.୭୯% ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ବିଜୟୱାଡା ରିଜିଅନ ୯୯.୭୯% ରଖିଥିବା ବେଳେ ବେଙ୍ଗାଲୁରୁ ରିଜିଅନ ୯୮.୯୦% ମାର୍କ ରଖି ତୃତୀୟ ସ୍ଥାନରେ ରହିଛି। ୯୮.୭୧% ସହ ଚତୁର୍ଥ ସ୍ଥାନରେ ଚେନ୍ନାଇ, ୯୬.୫୪% ସହ ପଞ୍ଚମରେ ପୁଣେ ରହିଛି। ତେବେ ୧୨ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ପାସ୍‌ହାର ୯୨.୬୪% ରହିଛି। ଜବାହର ନବୋଦୟ ବିଦ୍ୟାଳୟରେ ୯୯.୪୯ ପ୍ରତିଶତ ପାସ୍‌ହାର ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ୯୯.୪୫ ପ୍ରତିଶତ ଏବଂ ଇଣ୍ଡିପେଣ୍ଡେଣ୍ଟରେ ୯୪.୧୭ ପ୍ରତିଶତ ପାସ୍‌ହାର ରହିଛି। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବଭାରତୀୟସ୍ତରରେ କୃତକାର୍ଯ୍ୟ ହାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଷାକ୍ତ ସ୍ପର୍ଶ**

# ଲକ୍ଷ୍ମଣରେଖା ଡେଇଁଲେ ଘରେ ପଶି ମାରିବୁ: ମୋଦି



## ଆଦମ୍‌ପୁର ବାୟୁସେନା ଘାଟିରୁ ପାକିସ୍ତାନକୁ କଡ଼ା ଚେତାବନୀ

ଆତଙ୍କବାଦ ବିରୋଧରେ ଭାରତ ସ୍ପଷ୍ଟ ଲକ୍ଷ୍ମଣରେଖା ଆଙ୍କିଛି। ଆଗକୁ ପାକିସ୍ତାନ ଏହାକୁ ଅତିକ୍ରମକଲେ ଭାରତ ଦୃଢ଼ ଜବାବ ଦେବ। ଦେଶରେ କୌଣସି ଆତଙ୍କବାଦୀ ଆକ୍ରମଣ ହେଲେ ଘରେ ପଶି ମାରିବୁ। ପଞ୍ଜାବର ଜଲନ୍ଧର ଜିଲାସ୍ଥିତ ଆଦମ୍‌ପୁର ଭାରତୀୟ ବାୟୁସେନା (ଆଇଏଏଫ୍) ଘାଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପାକିସ୍ତାନକୁ ଏଭଳି ଭାଷାରେ ଜବାବ ଦେଇଛନ୍ତି। ଆଦମ୍‌ପୁର ଏୟାରବେସ୍ ହେଉଛି ଆଇଏଏଫ୍‌ର ସେହି ସୀମାନ୍ତ ସାମରିକ ପ୍ରତିଷ୍ଠାନ, ଯାହାକୁ ପାକିସ୍ତାନ ମେ' ୯ ରାତିରେ ମିଶାଇଲ ମାଡ଼ କରି ଉଡ଼ାଇଦେବାକୁ ଉଦ୍ୟମ କରିଥିଲା। ତେବେ ଭାରତର ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମ୍ ପାକିସ୍ତାନୀ ବାୟୁସେନାର ଉଦ୍ୟମକୁ ପଣ୍ଡ କରିଦେଇଥିଲା। କିନ୍ତୁ ପାକିସ୍ତାନ ଏହାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ଦାବି କରିଥିଲା। 'ଅପରେଶନ୍ ସିନ୍ଦୂର' ପରେ ସଶସ୍ତ୍ର ବଳକୁ ପ୍ରଥମ ଥର ୨୭ ମିନିଟ୍ ଧରି ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତର ସାମରିକ ବଳକୁ ପ୍ରଶଂସା କରିବା ସହ ଆତଙ୍କବାଦ ବିରୋଧରେ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ଏଥିସହ ପାକିସ୍ତାନର ଡାହା ମିଛକୁ ଧରାପକାଇ ଦେଇଛନ୍ତି।

**ନୂଆଦିଲ୍ଲୀ,୧୩।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପଞ୍ଜାବର ଆଦମ୍‌ପୁର ଏୟାରବେସ୍‌ରେ ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ସମ୍ମୁଖରେ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇ କହିଛନ୍ତି, ପାକିସ୍ତାନ ମାଟିରୁ ଯଦି ଆତଙ୍କବାଦ ଜାରି ରହେ, ତେବେ ଏହାକୁ ମାଟିରେ ମିଶାଇଦେବୁ। 'ଅପରେଶନ ସିନ୍ଦୂର' ପରେ ସଶସ୍ତ୍ର ବଳକୁ ପ୍ରଥମ ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ ସେନାର ବୀରତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି। ୪ ଦିନର ସଂଘର୍ଷରେ ☞ପୃଷ୍ଠା-୪

DSPL - 64


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଜଳଧାରା

ଯାନ୍ତ୍ରିକ ପଦ୍ଧତିରେ କ୍ଷେତ ପୋଖରୀ ଖନନ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିଜସ୍ୱ ଜମିରେ କ୍ଷେତ ପୋଖରୀ ଖନନ ନିମନ୍ତେ ସ୍ଥାନୀୟ ଚାଷୀ ମାନଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ଆହ୍ୱାନ କରାଯାଉଛି

ଅନୁସୂଚିତ ଜାତି, ଜନଜାତି, ମହିଳା ଓ ତୃତୀୟ ଲିଙ୍ଗ ହିତାଧିକାରୀଙ୍କ ନିମନ୍ତେ ୯୫% ରିହାତି ଏବଂ ସାଧାରଣ ବର୍ଗ ହିତାଧିକାରୀଙ୍କ ନିମନ୍ତେ ୯୦% ରିହାତି ରାଶି ରାଜ୍ୟ ସରକାର ପ୍ରଦାନ କରୁଛନ୍ତି

ଯୋଜନାର ଅବଧି : ୨୦୨୪-୨୫ ରୁ ୨୦୨୬-୨୭

କ୍ଷେତ ପୋଖରୀ ମାଧ୍ୟମରେ ସମନ୍ୱିତ ଚାଷ ପଦ୍ଧତି ଆପଣେଇ ନିଜର ଆୟ ବୃଦ୍ଧି କରନ୍ତୁ

| କୋରାପୁଟ | ମାଲକାନଗିରି | ବଲାଙ୍ଗୀର | ନୂଆପଡ଼ା | ବରଗଡ଼ | କଳାହାଣ୍ଡି |
|---|---|---|---|---|---|
| କୋଟିଆ ଗ୍ରାମପଞ୍ଚାୟତ | ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ | ଆଗଲପୁର, ବେଲପଡ଼ା, ବଙ୍ଗମୁଣ୍ଡା, ଗୁଡୁଭେଲା, ଖପ୍ରାଖୋଲ, ମୁରିବାହଲ, ପାଟଣାଗଡ଼, ସଇଁତଳା, ଟିଟିଲାଗଡ଼ ଓ ତୁରେଇକେଲା | ଖରିଆର, ସିନାପାଲ୍ଲୀ ଓ ବୋଡ଼େନ | ଗାଇସିଲଟ, ଝାରବନ୍ଧ, ସୋହେଲା, ଆମ୍ବାଭୋନା, ପାଇକମାଲ ଓ ପଦ୍ମପୁର | ଭବାନୀପାଟଣା, ଲାଞ୍ଜିଗଡ଼, ମଦନପୁର ରାମପୁର, ନର୍ଲା ଓ ଥୁଆମୂଳ ରାମପୁର |




ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ
ଉପ- ନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ( ଜଳ ବିଭାଜିକା )
ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ଓଡ଼ିଶା




OIPR-01510/13/0047/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର


ସିଡିଏସ୍ ଜେନେରାଲ ଅନିଲ ଚୌହାନ ମଙ୍ଗଳବାର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ଭେଟୁଛନ୍ତି।


ଆଦମପୁର ଏୟାରବେସ୍‌ରେ ବାୟୁସେନା ଯବାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ପିଓକେ ଖାଲି କର

## କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୧୩।୫

ଜମ୍ମୁ-କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ 'ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଅଞ୍ଚଳକୁ ଫେରାଇଦେଉ' ଅପରିବର୍ତ୍ତିତ ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଙ୍ଗଳବାର କହିଛି। କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ପୂର୍ବରୁ ପାକିସ୍ତାନ ଏଥିରେ ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହୁଁଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଥିପାଇଁ ୨ ଥର ପ୍ରସ୍ତାବ ଦେଇଛନ୍ତି। ତେବେ ୨ ଦେଶ ମଧ୍ୟରେ କଶ୍ମୀର ପ୍ରସଙ୍ଗର ସମାଧାନ କରିବାକୁ ଭାରତ ପ୍ରତିବଦ୍ଧ ବୋଲି


ରଣଧୀର ଜୟସ୍ୱାଲ

ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ମଙ୍ଗଳବାର ସନ୍ଧ୍ୟାରେ ଗଣମାଧ୍ୟମକୁ କହିଛନ୍ତି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଆମର ଦୀର୍ଘଦିନରୁ ଜାତୀୟ ଆଭିମୁଖ୍ୟ ଅପରିବର୍ତ୍ତିତ ରହିଆସିଛି। ଏହା କେବଳ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହୋଇପାରିବ। ଉକ୍ତ ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ।

ଟ୍ରମ୍ପ୍ ମଧ୍ୟସ୍ଥତା ପାଇଁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ପ୍ରଶ୍ନ ହେବାରୁ ଜୟସ୍ୱାଲ କହିଥିଲେ, ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ ଅଞ୍ଚଳ ଖାଲି କରାଯିବା ଗୁରୁତ୍ୱପୂର୍ଣ୍ଣ ବିଷୟ। ଦୁଇ ଦେଶ ମଧ୍ୟରେ ଆଣବିକ ଯୁଦ୍ଧକୁ ବନ୍ଦ କରିଦେଲୁ ବୋଲି ଟ୍ରମ୍ପ୍ ଦାବି କରୁଥିବା ବେଳେ ଜୟସ୍ୱାଲ କହିଛନ୍ତି, ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ପାରମ୍ପରିକ ଅସ୍ତ୍ରରେ କରାଯାଇଥିଲା। ପାକିସ୍ତାନର ନ୍ୟାଶନାଲ କମାଣ୍ଡ ଅଥରିଟି ବୈଠକ ୧୦ ତାରିଖରେ ବସୁଥିବା ଖବର ପ୍ରକାଶ ପାଇଥିବାବେଳେ ପରେ ତାହାକୁ ଖଣ୍ଡନ କରାଯାଇଥିଲା। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ନିଜେ ଆଣବିକ ଆକ୍ରମଣ ସମ୍ଭାବନାକୁ ଖଣ୍ଡନ କରିଛନ୍ତି।

ଜୟସ୍ୱାଲ କହିଛନ୍ତି, ଭାରତର ସ୍ପଷ୍ଟ ଆଭିମୁଖ୍ୟ ହେଲା, ଏହା କାହାକୁ ଆଣବିକ ଆକ୍ରମଣ ଧମକ ଦେବ ନାହିଁ କିମ୍ବା ସୀମାପାର ଆତଙ୍କବାଦକୁ ଅନୁମତି ଦେବ ନାହିଁ। ବିଭିନ୍ନ ରାଷ୍ଟ୍ର ସହ ଆଲୋଚନା ବେଳେ ସେମାନଙ୍କୁ ସତର୍କ କରି ଦିଆଯାଇଛି ଯେ, ଆଣବିକ ଅସ୍ତ୍ରର ଧମକ କିମ୍ବା ଆତଙ୍କବାଦକୁ ପ୍ରଶ୍ରୟ ଦେଲେ ତାହା ସେମାନଙ୍କ ନିଜ କ୍ଷେତ୍ରରେ କାଳ ସାଜିବ। ସୀମାପାର ଆତଙ୍କବାଦକୁ ସମର୍ଥନ ପାକିସ୍ତାନ ବିଶ୍ୱସନୀୟ ଭାବେ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରଖାଯିବ ବୋଲି ଜୟସ୍ୱାଲ ସ୍ପଷ୍ଟ କରିଦେଇଛନ୍ତି। ପାକିସ୍ତାନ ଆତଙ୍କବାଦକୁ ଶିଳ୍ପଭଳି ବଢ଼ାଇଚାଲିଛି। ଅପରେଶନ ସିନ୍ଦୂରରେ ଭାରତ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିଛି। ସେହି ଭିତ୍ତିଭୂମିଗୁଡ଼ିକ କେବଳ ଭାରତୀୟଙ୍କ ମୃତ୍ୟୁ ପାଇଁ ନୁହେଁ ସାରା ବିଶ୍ୱର ଅନେକ ନିରୀହଙ୍କ ମୃତ୍ୟୁ ପାଇଁ ଦାୟୀ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

## କଶ୍ମୀର, ପଞ୍ଜାବରେ ଖୋଲିଲା ସ୍କୁଲ


ଶ୍ରୀନଗର ସ୍ଥିତିରେ ଉନ୍ନତି ଆସିବା ପରେ ମଙ୍ଗଳବାର ପିଲାମାନେ ସ୍କୁଲକୁ ଯାଉଛନ୍ତି।

ଶ୍ରୀନଗର/ଅମୃତସର, ୧୩।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ଜମ୍ମୁ-କଶ୍ମୀର ସୀମାବର୍ତ୍ତୀ ଜିଲାଗୁଡ଼ିକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ମଙ୍ଗଳବାରଠାରୁ ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଖୋଲାଯାଇଛି। ଜମ୍ମୁ ଡିଭିଜନର ଡୋଡା, କିସ୍ତୱାର, ରେଆସି ଏବଂ ରାମବନ ଜିଲାରେ ସ୍କୁଲ ଖୋଲିଛି। ତେବେ କଠୁଆ, ଜମ୍ମୁ, ରାଜୌରୀ, ପୁଞ୍ଛ୍, ସାମ୍ବା ଏବଂ ଉଧାମପୁର ଜିଲାରେ ସ୍କୁଲ ବନ୍ଦ ରହିଛି। ସେହିପରି କଶ୍ମୀରରେ କୁପ୍‌ୱାରା ଏବଂ ବାରାମୁଲାକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ସ୍କୁଲ ଖୋଲିଛି। ଗତ ସପ୍ତାହରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବା ପରେ ଜମ୍ମୁ-କଶ୍ମୀରର ସମସ୍ତ ସ୍କୁଲ ଏବଂ କଲେଜକୁ ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ପଞ୍ଜାବର ୫ ସୀମାନ୍ତ ଜିଲା ଅମୃତସର, ପଠାନକୋଟ, ଫାଜିଲକା, ଫିରୋଜପୁର ଏବଂ ତରନ ତରନକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ସ୍କୁଲ ଖୋଲାଯାଇଛି। ସତର୍କତାମୂଳକ ପଦକ୍ଷେପ ଭାବେ ରାଜ୍ୟର ୫ ସୀମାନ୍ତ ଜିଲାରେ ସ୍କୁଲ୍ ବନ୍ଦ ରଖାଯାଇଥିବା ନେଇ ପଞ୍ଜାବ ରାଜ୍ୟ ପ୍ରଶାସନ କହିଛି।

## ପାକିସ୍ତାନ କହିଲା ୧୧ ସୈନ୍ୟ ମୃତ

ଭାରତୀୟ ସେନାର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ସିନ୍ଦୂର'ରେ ପାକିସ୍ତାନୀ ବାୟୁସେନାର ମୁଖ୍ୟ ଟେକ୍‌ନିସିଆନ୍‌ଙ୍କ ସମେତ ୧୧ ସୈନ୍ୟ ନିହତ ହେବା ସହ ୭୮ ଜଣ ଆହତ ହୋଇଥିବା ଏହାର ଇଣ୍ଟରସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ ମଙ୍ଗଳବାର ପ୍ରଥମ ଥର ପାଇଁ ସ୍ୱୀକାର କରିଛି। ଭାରତୀୟ ବାୟୁସେନା ପାକିସ୍ତାନର ଏଫ୍-୧୬ ଏବଂ ଜେଏଫ୍-୧୭ ଯୁଦ୍ଧବିମାନକୁ ଭାରତ ଖସାଇଥିଲା। ଭାରତର ଆକ୍ରମଣରେ ପାକିସ୍ତାନର ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

ଭାରତର ଅପରେଶନ ସିନ୍ଦୂର ଜବାବରେ ପାକିସ୍ତାନ ସେନା ପକ୍ଷରୁ 'ଅପରେଶନ ବୁନ୍ୟାନ-ଅଲ୍-ମର୍‌ସସ୍' ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ସେନାର ଅନ୍ୟୁନ ୩୫ରୁ ୪୦ ସୈନ୍ୟ ନିହତ ହୋଇଥିବା ଭାରତ ପକ୍ଷରୁ କୁହାଯାଇଥିଲା।

## ସୀମାନ୍ତ ଗ୍ରାମରେ ବ୍ୟାପକ ତଲାସି

ଜମ୍ମୁ, ୧୩।୫

ଜମ୍ମୁ-କଶ୍ମୀରର ସୀମାନ୍ତ ଗ୍ରାମଗୁଡ଼ିକରେ ପାକିସ୍ତାନୀ ସେନା ଛାଡ଼ିଥିବା ଗୋଳା ଓ ମୋର୍ଟାର ଶେଲ୍ ମଧ୍ୟରୁ କେତେକ ବିସ୍ଫୋରଣ ନ ହୋଇ ରହିଯାଇଥିବାରୁ ସେଗୁଡ଼ିକୁ ଅକାମୀ କରିବା ପାଇଁ ସେନା ଏବଂ ପୋଲିସର ମିଳିତ ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି। ତଲାସି ଅଭିଯାନ ଶେଷ ହେବା ପରେ ବିସ୍ଥାପିତ ହୋଇଥିବା ସୀମାନ୍ତ ଅଞ୍ଚଳର ଲୋକଙ୍କୁ ଘରକୁ ଫେରିବା ପାଇଁ ଅନୁମତି ଦିଆଯିବ ବୋଲି ଜମ୍ମୁ-କଶ୍ମୀରର ମୁଖ୍ୟ ସଚିବ କହିଛନ୍ତି। ଶେଲ୍ ମାଡ଼ରେ ଯେଉଁମାନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ। ରାଜୌରୀ ଓ ପୁଞ୍ଛ୍ ଜିଲାର ଏଲ୍‌ଓସି ଅନ୍ତର୍ଗତ ଅଞ୍ଚଳ ଏବଂ ଜମ୍ମୁ ଓ ଶାମ୍ବାର ଅନ୍ତର୍ଜାତୀୟ ସୀମା ନିକଟରୁ ଅନେକ ସଂଖ୍ୟାରେ ବିସ୍ଫୋରଣ ହୋଇ ନ ଥିବା ଶେଲ୍‌କୁ ଅକାମୀ କରାଗଲାଣି।

## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ


ଜମ୍ମୁ-କଶ୍ମୀରର ସୋପିଆନ୍‌ରେ ସୁରକ୍ଷାବଳ ପକ୍ଷରୁ ତଲାସି ଅଭିଯାନ କରଯାଉଛି।

ଶ୍ରୀନଗର, ୧୩।୫

ଜମ୍ମୁ-କଶ୍ମୀରର ଶୋପିଆନସ୍ଥିତ ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ ମଙ୍ଗଳବାର ସୁରକ୍ଷାବଳ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତାଇବାର ୩ ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଉଛନ୍ତି ଶାହିଦ କୁଟ୍ଟେ ଏବଂ ଅଦନାନ୍ ଶାଫି। କୁଟ୍ଟେ ୨୦୨୩ରେ ଲଶ୍କରରେ ଯୋଗଦେଇଥିଲେ। ଗତ ବର୍ଷ ଶୋପିଆନର ଦାନିଶ ରିସର୍ଟରେ ହୋଇଥିବା ଗୁଳିକାଣ୍ଡ ମାମଲାରେ କୁଟ୍ଟେଙ୍କ ସମ୍ପୃକ୍ତି ଥିଲା। ସେହିପରି ଗତବର୍ଷ ମେ'ରେ ସହରର ହିରପୋରାଠାରେ ଜଣେ ଭାଜପା ସରପଞ୍ଚଙ୍କ ହତ୍ୟାରେ ମଧ ତାଙ୍କର ସମ୍ପୃକ୍ତି ରହିଥିଲା। ଶାଫି ଲଶ୍କର ସହ ୨୦୨୪ରେ ଜଡ଼ିତ ହୋଇଥିଲେ। ଗତବର୍ଷ ଶୋପିଆନର ୱାଚିଠାରେ ଜଣେ ପ୍ରବାସୀ ଶ୍ରମିକଙ୍କ ହତ୍ୟାରେ ତାଙ୍କର ସମ୍ପୃକ୍ତି ରହିଥିଲା। ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାବଳ ଉକ୍ତ ଅଞ୍ଚଳରେ ଅପରେଶନ କେଲ୍ଲେର ଆରମ୍ଭ କରିଥିଲା। ମୃତ ୩ ଆତଙ୍କବାଦୀଙ୍କ ନିକଟରୁ ଏକେ-୪୭ ରାଇଫଲ୍ସ ସହ ଅନ୍ୟ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

ପ୍ରକାଶ ଯେ, ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ପହଲଗାମ୍‌ର ବୈସରନରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଏହାପରଠୁ ଭାରତ, ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇ ଶେଷରେ ଯୁଦ୍ଧର ରୂପ ନେଇଥିଲା। ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ କଶ୍ମୀରରେ ଅସ୍ଥିରତା ସୃଷ୍ଟିଲାଗି ପାକିସ୍ତାନ ଉଦ୍ୟମ ଚଳାଇଛି। ଭାରତରେ ଆଗକୁ କୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣ ହେଲେ ତାକୁ ଯୁଦ୍ଧଭଳି କାର୍ଯ୍ୟ ରୂପେ ବିବେଚନା କରି ମୁହଁତୋଡ଼ ଜବାବ ଦିଆଯିବ ବୋଲି ଭାରତ ପକ୍ଷରୁ ଚେତାବନୀ ଦିଆଯାଇଛି।

## ରୁଷିଆରୁ ଅଧିକ ଏସ୍-୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ କିଣିବ ଭାରତ

ନୂଆଦିଲ୍ଲୀ, ୧୩।୫

'ଅପରେଶନ ସିନ୍ଦୂର' ବେଳେ ପାକିସ୍ତାନୀ ମିଶାଇଲ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରତିହତ କରିବାରେ ଭାରତର ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ଘାତକ ପ୍ରମାଣିତ ହୋଇଛି। ଏହି ସିଷ୍ଟମ୍ ୬୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତାରୁ ଶତ୍ରୁପକ୍ଷର ମିଶାଇଲ୍‌କୁ ଚିହ୍ନଟ କରିବା ସହ ଏହାକୁ ଟାର୍ଗେଟ କରିପାରେ ଏବଂ ୪୦୦ କିଲୋମିଟର ଦୂରରୁ ପ୍ରତିହତ କରିପାରେ। ଅପରେଶନ ସିନ୍ଦୂର ସମୟରେ ଏହାର ସଫଳ ବ୍ୟବହାର ପରେ ଭାରତ ରୁଷିଆରୁ ଅଧିକ ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ କ୍ରୟ କରିବାକୁ ନିବେଦନ କରିଥିବା ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି।

ଭାରତୀୟ ସେନାରେ ନିୟୋଜିତ ରୁଷିଆ ନିର୍ମିତ ଏସ୍-୪୦୦ ସିଷ୍ଟମ୍ ପାକିସ୍ତାନର ମିଶାଇଲ୍ ଓ ଡ୍ରୋନ୍‌ଗୁଡ଼ିକୁ ଧ୍ୱଂସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ପଶ୍ଚିମ ସୀମାନ୍ତରେ ଆକାଶମାର୍ଗରୁ ଆସିଥିବା ସମସ୍ତ ବିପଦକୁ ପ୍ରତିହତ କରିବାରେ ଏହା ଅତ୍ୟନ୍ତ ଉପଯୁକ୍ତ ଓ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଏହାର ପ୍ରଦର୍ଶନରେ ପ୍ରୋତ୍ସାହିତ ହୋଇ ନୂଆଦିଲ୍ଲୀ ମସ୍କୋରୁ ଅଧିକ ଏସ୍-୪୦୦ ସିଷ୍ଟମ୍ କିଣି ନିଜର ଏୟାର ଡିଫେନ୍ସ ସାମର୍ଥ୍ୟ ବଢ଼ାଇବାକୁ ଚାହୁଁଛି।


ନୂଆଦିଲ୍ଲୀର ସାଉଥ୍ ବ୍ଲକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସିଡିଏସ୍ ଅନିଲ ଚୌହାନ ଓ ୩ ସେନା ମୁଖ୍ୟ।

## ପାକ୍ ଏୟାରବେସ୍‌ର ଧ୍ୱଂସ ଚିତ୍ର ସାଟେଲାଇଟ୍‌ରୁ ସ୍ପଷ୍ଟ

ନୂଆଦିଲ୍ଲୀ, ୧୩।୫

'ଅପରେଶନ ସିନ୍ଦୂର' ଜରିଆରେ ଭାରତୀୟ ସେନା ପାକିସ୍ତାନୀ ଏୟାରବେସ୍‌ରେ କରିଥିବା ଆକ୍ରମଣର ନୂଆ ସାଟେଲାଇଟ୍ ଚିତ୍ର ପ୍ରକାଶ ପାଇଛି। ପାକ୍ ସେନା ମିଶାଇଲ୍ ଏବଂ ଡ୍ରୋନ୍ ସହାୟତାରେ ଭାରତର ପଶ୍ଚିମ ସୀମାରେ ଥିବା ଜନବସତି ଅଞ୍ଚଳ ଏବଂ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବାକୁ ଉଦ୍ୟମ କଲାବେଳେ ଭାରତୀୟ ସଶସ୍ତ୍ର ବଳ ସେଗୁଡ଼ିକୁ ପ୍ରତିହତ କରିବା ସହ ଏହାର ୮ଟି ଏୟାରବେସ୍‌କୁ ଧ୍ୱଂସ କରିଦେଇଥିଲା। ଆମେରିକାର ଏରୋସ୍ପେସ୍ କମ୍ପାନୀ ମାକ୍ସର ଟେକ୍ନୋଲୋଜି ପକ୍ଷରୁ ଜାରି ହାଇରିଜଲ୍ୟୁଶନ ଚିତ୍ରରେ ଏହା ସ୍ପଷ୍ଟ




ହୋଇଛି। ଭାରତୀୟ ସେନା ପାକିସ୍ତାନର ରାଓଲପିଣ୍ଡି ଅନ୍ତର୍ଗତ ନୁର୍ ଖାନ୍ ସାମରିକ ଘାଟି, ସିନ୍ଧ୍ ପ୍ରଦେଶର ସୁକ୍କୁର ଏବଂ ପଞ୍ଜାବ ପ୍ରଦେଶର ରହିମ୍‌ୟାର୍‌ଖାନ୍‌ଘାଟିକୁ ଟାର୍ଗେଟ କରି ମିଶାଇଲ୍ ଆକ୍ରମଣ କରିଥିଲା। ଫଟୋରେ ନୁର୍ ଖାନ୍ ଏୟାରବେସ୍‌ର ଏକ ବିଲ୍ଡିଂ ଧ୍ୱଂସ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ସୁକ୍କୁର ଏୟାରବେସ୍‌ର ବିଲ୍ଡିଂ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଏହା ବ୍ୟତୀତ ସରଗୋଧାସ୍ଥିତ ମୁଶାଫ ଏୟାରବେସ୍, ଉତ୍ତର ସିନ୍ଧର ଶାହବାଜ ଜାକୋବାବାଦ ବେସ୍ ଏବଂ ଉତ୍ତର ଥାଟ୍ଟାର ଭୋଲାରି ଏୟାରବେସ୍ ଧ୍ୱଂସ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ଜାକୋବାବାଦ ଏୟାରବେସ୍‌ର ହ୍ୟାଙ୍ଗର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ମୁଶାଫ ଏୟାରବେସ୍‌ର ରନ୍‌ୱେ କ୍ଷତିଗ୍ରସ୍ତ ହୋଇଛି। ଭାରତୀୟ ସେନା ପାକିସ୍ତାନୀ ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିଥିବା ଗତ ଶନିବାର ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ସ୍ପଷ୍ଟ କରିଥିଲେ।




# ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବ: ମୁଖ୍ୟମନ୍ତ୍ରୀ

## ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି), ୧୩।୫

କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା କରାଯାଇ ନିଯୁକ୍ତି ସୁଯୋଗ ଦିଆଯିବ ବୋଲି ମଙ୍ଗଳବାର ମୟୂରଭଞ୍ଜ ଜିଲା ବିଶୋଇ ମିନି ଷ୍ଟାଡିୟମଠାରେ ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ପାଇଁ ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ପଛୁଆ ରହିଛି। ଭାଜପା ସରକାରରେ ଜିଲାକୁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ତଥା ପ୍ରତିଶ୍ରୁତିବଦ୍ଧ। ଜିଲାର ଗୋରୁମହିଷାଣୀ, ବାଦାମପାହାଡ଼ ଓ ସୁଲେଇପାଟଠାରେ ଥିବା ଖଣି ଅଞ୍ଚଳର ଖଣିଜସମ୍ପଦ ସାରା ଭାରତବର୍ଷକୁ ସମୃଦ୍ଧ କରିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଛି । ଜିଲାରେ ଖଣି ରହିଛି, ମାତ୍ର ଶିଳ୍ପ ନାହିଁ । ଏହି ଅଞ୍ଚଳରେ ଅଧିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ମୟୂରଭଞ୍ଜ ଜିଲାରେ ପାଖାପାଖି ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବାକୁ ଥିବା ବେଳେ ୬ଟି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ୭/୮ ହଜାର ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶୋଇ ବ୍ଲକ୍ ସଦର ମହକୁମାଠାରେ ଏକ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଓ ବିଶୋଇସ୍ଥିତ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନ ଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତା'ର ସମାଧାନର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାରେ ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକମାନଙ୍କ କନ୍ୟାଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

# ଟାଟା ଏସିଇ ଓଲଟି ୨ ମୃତ, ୧୫ ଆହତ

ଭଞ୍ଜନଗର/ବେଲଗୁଣ୍ଠା, ୧୩।୫ (ବାବୁଲା ପ୍ରଧାନ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ସୋରଡ଼ା-ଭଞ୍ଜନଗର ମୁଖ୍ୟ ରାସ୍ତାର କୁଲାଙ୍ଗି ଗ୍ରାମ ନିକଟରେ ମଙ୍ଗଳବାର ଟାଟା ଏସିଇ ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବାଘଲିଙ୍ଗିର ବାଦଲ ଗୌଡ(୧୫) ଓ କେଶରପାଟଣାର ଚନ୍ଦ୍ରମା ଗୌଡ (୨୭)। ଆହତମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଅନ୍ୟମାନେ ଭଞ୍ଜନଗର ଓ ନିକଟସ୍ଥ ଅନ୍ୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୋରଡ଼ା ନିକଟସ୍ଥ ବାଘଲିଙ୍ଗିରୁ


ଦୁର୍ଘଟଣାଗ୍ରସ୍ତ ଗାଡ଼ି

ଗୋଟିଏ ପରିବାରର ୧୭ରୁ ଊର୍ଦ୍ଧ୍ୱ ସଦସ୍ୟ ସାନବୋରସିଙ୍ଗି ଠାକୁରାଣୀ ମନ୍ଦିରରେ ମାନସିକ ଭୋଜି କରିବାକୁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଟାଟା ଏସିଇରେ ଯାଉଥିଲେ। ଦ୍ରୁତ ଗତିରେ ଯାଉଥିବା ଗାଡ଼ିଟି ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ନିକଟରେ ଥିବା ଏକ କଲଭର୍ଟରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ଫଳରେ ସମସ୍ତେ ଖସିପଡ଼ି ଚିତ୍କାର କରିଥିଲେ। ଖବରପାଇ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଶୁଭେନ୍ଦୁ ରଞ୍ଜନ ରାୟ ସେଠାରେ ପହଞ୍ଚିଥିଲେ। ଆମ୍ବୁଲାନ୍ସରେ ଆହତମାନଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ବାଦଲ ଓ ଚନ୍ଦ୍ରମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଉପଜିଲାପାଳ ଉମା ଶଙ୍କର ବେହେରା ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମେଡିକାଲରେ ପହଞ୍ଚି ଆହତମାନଙ୍କୁ ଭେଟିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଋଣବୋଝ: କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

ଜମନକିରା, ୧୩।୫ (ରବୀନ୍ଦ୍ର ପ୍ରସାଦ ଦାନୀ)


ମୃତ ଚାଷୀ ଶରତ ମାଝୀ

ସମ୍ବଲପୁର ଜିଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତ ଅନ୍ତର୍ଗତ କାଣିବନ୍ଧଲି ଗାଁର ଜଣେ ଦିବ୍ୟାଙ୍ଗ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଋଣଭାର ସହି ନ ପାରି ସେ ଆତ୍ମହତ୍ୟା କରିଥିବା ମୃତ ଚାଷୀଙ୍କ ସ୍ତ୍ରୀ ସ୍ନେହଲତା ମାଝୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଚାଷୀ ହେଲେ ଶରତ ମାଝୀ( ୩୨)। ଏ ନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ମୃତ ଚାଷୀ ଶରତଙ୍କର ୪ଭାଇ। ସେମାନଙ୍କ ପୈତୃକ ସମ୍ପତ୍ତି ୨ ଏକର ଜମିକୁ ଶରତ ଚାଷ କରୁଥିଲେ। ୨୦୧୪ ମସିହାରେ ଉକ୍ତ ଜମିକୁ ବନ୍ଧକ ଦେଇ ସେ କୁଲୁଣ୍ଡି ଲ୍ୟାମ୍ପସରୁ ୬୦ ହଜାର ଟଙ୍କା ଋଣ କରିଥିଲେ। ୨୦୨୦ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ତାଙ୍କ ଶରୀରର ଅଣ୍ଟାରୁ ତଳଭାଗ କାମ କରୁ ନ ଥିଲା। ଏହାପରେ ସେ ଚାଷକାମ ଆଉ କରିପାରି ନ ଥିଲେ। ଏହି କାରଣରୁ ସେ ଋଣଟଙ୍କା ଶୁଝିପାରୁ ନ ଥିଲେ। ମୂଳ ଟଙ୍କା ସହ ସୁଧ ମିଶି ଏବେ ତାହା ୧ ଲକ୍ଷ ୨୦ ହଜାରରେ ପହଞ୍ଚିଛି। ଋଣ ଖିଲାପ ଯୋଗୁ ଅନ୍ୟ ଭାଇମାନେ ମଧ୍ୟ ବ୍ୟାଙ୍କଋଣ ପାଇପାରୁ ନ ଥିଲେ। ଏହାକୁ ନେଇ ଭାଇମାନଙ୍କ ଭିତରେ ଅସନ୍ତୋଷ ଥିଲା। ଦୁଇଦିନ ତଳେ ଶରତ ଅନ୍ୟ ଭାଇମାନଙ୍କ ସହ ଋଣ ଶୁଝିବା ନେଇ କଥା ହୋଇଥିଲେ। ହେଲେ ଋଣଅର୍ଥ ପରିଶୋଧ ନେଇ କୌଣସି ରାସ୍ତା ବାହାରି ନ ଥିଲା। ଅପରପକ୍ଷରେ ତାଙ୍କର ଏକମାତ୍ର ପୁଅ ଚଳିତବର୍ଷ ୫ମ ପାସ୍ କଲାପରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାର ଥିଲା। ଆର୍ଥିକ ସ୍ଥିତିକୁ ନେଇ ଚିନ୍ତାରେ ଥିବା ଶରତ ପୁଅର ପଢ଼ାକୁ ନେଇ କୌଣସି ବାଟ ପାଉ ନ ଥିଲେ। ସ୍ୱାମୀ ଅକର୍ମଣ୍ୟ ହୋଇଯିବା ପରେ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଶରତଙ୍କ ସ୍ତ୍ରୀଙ୍କ ପାଇଁ ଘର ଚଳାଇବା କଠିନ ହେଉଥିଲା। ଏପରିସ୍ଥଳେ ଭିନ୍ନକ୍ଷମ ଭତ୍ତା ହିସାବରେ ମାସିକ ୧୨ ଶହ ଟଙ୍କା ହିଁ ଏକମାତ୍ର ଭରସା ଥିଲା। ତେବେ ଭିନ୍ନକ୍ଷମ ପ୍ରମାଣପତ୍ର ନବୀକରଣ କରି ନ ଥିବାରୁ ଗତ ୫ ମାସ ହେବ ଭତ୍ତା ଟଙ୍କା ବନ୍ଦ ହୋଇଯାଇଥିଲା। ଏସବୁକୁ ନେଇ ଶରତ ସବୁବେଳେ ଚିନ୍ତାରେ ରହୁଥିଲେ। ଶେଷରେ ସୋମବାର ରାତି ପ୍ରାୟ ୯ଟାରେ ସେ ଘରେ ଥିବା କୀଟନାଶକ ପିଇଦେଇଥିଲେ। ସ୍ନେହଲତା ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ବୁର୍ଲା ଭିମ୍‌ସାର ନେଇଥିଲେ। ହେଲେ ମଧ୍ୟରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶରତଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ଥାନା ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅପରାହ୍ନରେ ମୃତଦେହ ଗାଁକୁ ଅଣାଯାଇ ଅନ୍ତିମ ସତ୍କାର କରାଯାଇଥିଲା। ଏହି ଘଟଣା ପରେ ଗ୍ରାମବାସୀ ତୁରନ୍ତ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ରାଜସ୍ୱ ବିଭାଗ, ପୋଲିସ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସରକାରଙ୍କ ପକ୍ଷରୁ ଯାହା ସହାୟତା ବ୍ୟବସ୍ଥା ଅଛି ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରଭିନା ବିଲୁଙ୍ଗ, ବିଡିଓ ରବୀନ୍ଦ୍ର କୁମାର ସେଠୀ ଏବଂ ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି।

# ସନ୍ତୋଷ ଷଡ଼ଙ୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୧୩।୫ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ନୂତନ ଏବଂ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ତଥା ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ସୋମବାର ଭାରତ ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, ସନ୍ତୋଷଙ୍କୁ ଭାରତ ସରକାରଙ୍କ ସୌରଶକ୍ତି ନିଗମ ଲିଃ.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ

## ପ୍ରସୂତି, ନବଜାତକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଦିଗପହଣ୍ଡି, ୧୩।୫ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତି ଓ ନବଜାତ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗକୁ ନର୍ସିଂହୋମ ପରିଚାଳକ ଅସ୍ୱୀକାର କରିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍‌ଙ୍କୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ଡେଙ୍ଗାଓସ୍ତା ଗ୍ରାମ ନିକଟ ସିଙ୍ଗପୁରର ରୋଜି ନାୟକ ଗତବର୍ଷ ସାନଖେମୁଣ୍ଡି ବ୍ଲକ କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜରାଟର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ବାପଘରେ ରହୁଥିଲେ। ସେ ପ୍ରାୟ ୯ ମାସର ଗର୍ଭବତୀ ଥିଲେ। ରବିବାର ମଧ୍ୟାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ଉକ୍ତ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ଅଲଟ୍ରାସାଉଣ୍ଡ କରାଗଲା। ପରେ ଅଧିକ ଯନ୍ତ୍ରଣା ହେବାରୁ ନର୍ସିଂହୋମ କର୍ମଚାରୀମାନେ ରୋଜିଙ୍କ ପରିବାର ଲୋକଙ୍କୁ କହି ତାଙ୍କର ପ୍ରସବ କରାଇଥିଲେ। ମୃତ ଶିଶୁପୁତ୍ର ପ୍ରସବ ପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ନର୍ସିଂହୋମ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ନ ଜଣାଇ ରୋଜିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଦର୍ଶାଇ ଆମ୍ବୁଲାନ୍ସରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରୋଜିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


ରୋଜି ନାୟକ

ଖବରପାଇ ରୋଜିଙ୍କ ସ୍ୱାମୀ ଘରକୁ ଆସିଥିଲେ। ନର୍ସିଂହୋମରେ ଡାକ୍ତରଙ୍କ ଅନୁପସ୍ଥିତିରେ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯିବାରୁ ରୋଜିଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ସେ ଦାବି କରିଛନ୍ତି। ସେପଟେ ଘଟଣା ପରଠାରୁ ନର୍ସିଂହୋମ ବନ୍ଦ ରହିଛି। ନର୍ସିଂହୋମ ପରିଚାଳକ ମଙ୍ଗୁଲୁ ପ୍ରଧାନ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଗର୍ଭବତୀ ରୋଜିଙ୍କୁ ଅଲଟ୍ରାସାଉଣ୍ଡ କରାଯିବା ପରେ ପ୍ରସବ ବେଦନା ବଢ଼ିବାରୁ ତାଙ୍କୁ କୌଣସି ସରକାରୀ ଡାକ୍ତରଖାନାକୁ ନେବାପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେମାନେ ନେଇ ନ ଥିଲେ। ପରେ ତାଙ୍କର ଏକ ମୃତ ଶିଶୁପୁତ୍ର ପ୍ରସବ ହୋଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟାଧିକାରୀ ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ବୁଲୁନାଥ ସାହୁଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

# ଝିଅଜନ୍ମର ୧୫ଦିନ ପରେ ଆଖିବୁଜିଲେ ସ୍ତ୍ରୀ

## ସୀମା ସୁରକ୍ଷାରେ ଯବାନ

ସମ୍ବଲପୁର, ୧୩।୫(ପ୍ରମୋଦ ବହିଦାର)

ଦେଶ ମାତୃକାର ସୁରକ୍ଷା ପାଇଁ ସୀମାରେ ନିୟୋଜିତ ଜଣେ ଯବାନଙ୍କ ସ୍ତ୍ରୀ ବୁର୍ଲା ଭିମସାରରେ ୧୫ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସୋମବାର ବିଳମ୍ବିତ ରାତିରେ ଆଖି ବୁଜିଛନ୍ତି। ସେ ନବଜନ୍ମିତ ଶିଶୁକନ୍ୟାକୁ ଛାଡି ଯାଇଛନ୍ତି। ରାତିରେ ତାଙ୍କୁ ରକ୍ତ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ରକ୍ତ ଶରୀରକୁ ଯାଉ ନ ଥିବା ଦେଖି ପରିବାର ଲୋକ ଡାକ୍ତରଙ୍କୁ ଡାକିଥିଲେ। ଡାକ୍ତର ଆସି ପରୀକ୍ଷା କରିବା ପରେ ଜସ୍ମିନ ଗଣ୍ଡ(ଲିପି)ଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ସ୍ତ୍ରୀଙ୍କ ପ୍ରସବ ପାଇଁ ଆସିଥିବା ଦେବରାଜଙ୍କ ଛୁଟି ଯୁଦ୍ଧଜନିତ ଘନାଘଟା ମଧ୍ୟରେ ବାତିଲ ହୋଇଯିବା ପରେ ଶନିବାର କର୍ମସ୍ଥଳ ଅରୁଣାଚଳ ପ୍ରଦେଶ ଚାଲି ଯାଇଥିଲେ। ଏଠାରୁ ଯିବାର ଦୁଇଦିନ ପରେ ସ୍ତ୍ରୀ ଜସ୍ମିନଙ୍କ ମୃତ୍ୟୁ ଘଟିଛି। ୧୫ଦିନର ଶିଶୁକନ୍ୟା ମା'କୁ ହରାଇ ଏବେ ଆଈଙ୍କ କୋଳରେ ରହିଛନ୍ତି।

ଭାରତୀୟ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ରେ ଯବାନ ଭାବେ କାର୍ଯ୍ୟରତ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଟେଙ୍ଗନାମାଲ ଗ୍ରାମର ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଜସ୍ମିନ ଗତ ଏପ୍ରିଲ ୨୮ତାରିଖରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ ହେବାପରେ ହଠାତ ସେ ଗୁରୁତର ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏପ୍ରିଲ ୨୯ ତାରିଖରେ ତାଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ସଂଜ୍ଞା ଫେରି ନ ଥିଲା। ଗତ ଶନିବାର ତାଙ୍କୁ ରକ୍ତର ଆବଶ୍ୟକ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାରରରେ ରକ୍ତର ଅଭାବ କାରଣରୁ ତାଙ୍କ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ କେତେକ ସ୍ୱେଚ୍ଛାସେବୀ ଆଗେଇ ଆସି ୪ ୟୁନିଟ ରକ୍ତଦାନ କରିଥିଲେ। ସ୍ତ୍ରୀଙ୍କ ପ୍ରସବ ପାଇଁ ଛୁଟିରେ ଆସିଥିବା ଦେବରାଜ ଜରୁରିକାଳୀନ ପରିସ୍ଥିତିରେ ଏସ୍‌ଏସ୍‌ବି ହେଡକ୍ୱାର୍ଟର୍ସରୁ ଡାକରା ପାଇ ଶନିବାର ୧୩ ଦିନର ଝିଅ ଓ ଶଯ୍ୟାଶାୟୀ ସ୍ତ୍ରୀଙ୍କୁ ଛାଡ଼ି କର୍ମସ୍ଥଳ ଅରୁଣାଚଳ ପ୍ରଦେଶ ଚାଲି ଯାଇଥିଲେ।


ମୃତା ଜସ୍ମିନ ଗଣ୍ଡ

# ବଙ୍ଗୋପସାଗରରେ ଉଡ଼ିଲା ଡ୍ରୋନ୍

## ସନ୍ଦିଗ୍ଧଙ୍କ ଉପରେ ରଖିବ ନଜର

ଭୋଗରାଇ, ୧୩।୫(ପ୍ରଦୀପ ଦାସ)

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପ୍ରତିରକ୍ଷା ବିଭାଗ ଓ ତାଳସାରୀ ମେରାଇନ ଥାନା ସହଯୋଗରେ ଏକ ବଡ଼ ଡ୍ରୋନ ଆକାଶମାର୍ଗକୁ ଛଡ଼ାଯାଇଛି। ଏହି ସାମରିକ ଡ୍ରୋନ ବଙ୍ଗୋପସାଗରରେ ଜଳଯାନରେ ଆସୁଥିବା ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ଗତିବିଧିକୁ ନଜର ରଖିବ ବୋଲି ଏହାର ଅପରେଟର କହିଛନ୍ତି। ସୂଚନାନୁଯାୟୀ, ପାକିସ୍ତାନ ବିରୋଧରେ ଅବଶମ୍ଭାବୀ ସମ୍ମୁଖ ଯୁଦ୍ଧ ସ୍ଥଗିତ ରଖାଯାଇ ଶତ୍ରୁପକ୍ଷକୁ କଡ଼ା ବାର୍ତ୍ତା ଦିଆଯାଇଥିବା ବେଳେ 'ଅପରେଶନ ସିନ୍ଦୂର'କୁ ସଜାଗ ରହିବା ପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ପଡୋଶୀ ବାଂଲାଦେଶ ଏବେ ପାକିସ୍ତାନର ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଭାରତୀୟ ଗୋଇନ୍ଦା ସଂସ୍ଥା ଜାଣିବା ପରେ ପଶ୍ଚିମବଙ୍ଗ ସୀମାନ୍ତ ଏବଂ ବଙ୍ଗୋପସାଗରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଓଡ଼ିଶା ଉପକୂଳରୁ ବାଂଲାଦେଶକୁ ଜଳପଥ ଆଧୁନିକ ଜଳଯାନରେ ଦୂରତ୍ୱ ୪ ରୁ ୫ ଘଣ୍ଟା ଲାଗୁଥିବା ବେଳେ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବଢିଛି। ଏଭଳି ସ୍ଥିତିରେ ବଙ୍ଗୋପସାଗରରେ ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକୁ ନଜର ରଖିବା ନିମନ୍ତେ ପାରାଦ୍ୱୀପ ଓ ହଳଦିଆ ତଟରକ୍ଷୀ ବାହିନୀ ମିଳିତ ଭାବେ ସାମରିକ ଅଭିଯାନ ଜାରି ରଖିଛନ୍ତି। ଆକାଶମାର୍ଗକୁ ଛଡ଼ାଯାଇଥିବା ଡ୍ରୋନ ବିଶେଷ ଭାବେ ନଜରଦାରୀ ବଢାଯାଇଛି। ତାଳସାରୀ ମେରାଇନ ଥାନାକୁ ଆସିଥିବା ଏହି ଡ୍ରୋନକୁ ପରିଚାଳିତ କରିବା ପାଇଁ ୩ ଜଣ ପ୍ରଶିକ୍ଷକ କେନ୍ଦ୍ରରୁ ଆସିଥିବା ବେଳେ ମେରାଇନ ଥାନାର ପୋଲିସ ମିଳିତ ଭାବେ ୨୪ ଘଣ୍ଟିଆ ତଲାସୀ ଅଭିଯାନ ଜାରି ରହିଛି ବୋଲି ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।



# ବଲାଙ୍ଗୀରରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ

## ୧୬ଜିଲାରୁ ୨୮୨ ଚିକିତ୍ସା ରିପୋର୍ଟ

ଭୁବନେଶ୍ୱର, ୧୩।୫ (ରବିନାରାୟଣ ଜେନା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସୋମବାର ବଲାଙ୍ଗୀରରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ରାଜ୍ୟରେ ୧୬ଟି ଜିଲାରୁ ୨୮୨ଜଣ ଅଂଶୁଘାତ ରୋଗୀ ଚିକିତ୍ସିତ ହେଉଥିବା ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି। ତେବେ ଏହାର ବିଭିନ୍ନ ପ୍ରକାର ଯାଞ୍ଚ ପ୍ରକ୍ରିୟା ରହିଛି। ସମ୍ପୂର୍ଣ୍ଣ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ। ଏସବୁ ପରେ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଭିତରେ ଘୋଷଣା ହେବ। ଯେପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଶେଷ ହୋଇନାହିଁ ସେପର୍ଯ୍ୟନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ। ନିର୍ଦ୍ଦେଶକ କହିଥିଲେ, ଚଳିତବର୍ଷ ଗ୍ରୀଷ୍ମ ଲହରିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅତି ଜରୁରୀ ନ ଥିଲେ ପଦାକୁ ଖାଲିପାଦରେ ନ ବାହାରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ସତର୍କତା ଅବଲମ୍ବନ କରିବା ପାଇଁ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଛି। ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ସମ୍ବଲପୁରରେ ସର୍ବାଧିକ ୮୩ ଜଣ ଅଂଶୁଘାତରେ ଅସୁସ୍ଥ ହୋଇଥିବାବେଳେ ଝାରସୁଗୁଡ଼ାରେ ୭୨, ମୟୂରଭଞ୍ଜରେ ୪୨, ବାଲେଶ୍ୱରରେ ୨୪, ସୁବର୍ଣ୍ଣପୁରରେ ୧୭, ଦେବଗଡ଼ରେ ୧୫ ଜଣ ଅସୁସ୍ଥ ହୋଇଛନ୍ତି। ଏହାବାଦ୍ ଗଞ୍ଜାମ, କେନ୍ଦୁଝର ଓ ମାଲକାନଗିରିରେ ଜଣେ ଲେଖାଏ, ନୟାଗଡ଼ରେ ୨, ଅନୁଗୋଳ, ଭଦ୍ରକ, ଯାଜପୁର ଓ ସୁନ୍ଦରଗଡ଼ରେ ୩ ଜଣ ଲେଖାଏ ଏବଂ ଜଗତ୍‌ସିଂହପୁର ଓ ଖୋର୍ଦ୍ଧାରେ ୭ଜଣ ଲେଖାଏ ଅଂଶୁଘାତ ରୋଗୀ ଚିକିତ୍ସିତ ହୋଇଥିବା ରିପୋର୍ଟ ହୋଇଛି। ଗତବର୍ଷ ଝାରସୁଗୁଡ଼ାରେ ଅଂଶୁଘାତଜନିତ ମୃତ୍ୟୁ ଟିକେ ବଢ଼ି ଯାଇଥିଲା। ବାହାର ରାଜ୍ୟର ଡ୍ରାଇଭର ଓ ହେଲ୍‌ପରମାନେ ଅସାବଧାନତା ଯୋଗୁ ଖଣି ଅଞ୍ଚଳରେ ଟ୍ରକ ଭିତରେ ବିଶ୍ରାମ ନେବାବେଳେ ଅଂଶୁଘାତର ସମ୍ମୁଖୀନ ହୋଇଥିଲେ। ଏବେ ସେସବୁ ଅଞ୍ଚଳରେ ବ୍ୟାପକ ଜନସଚେତନତା କରାଯାଉଛି। ସକାଳ ୧୦ଟା ପରେ ଖରାକୁ ନ ବାହାରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଅତି ଜରୁରୀ ଥିଲେ ଛତା ଓ ମୁଣ୍ଡରେ ଗାମୁଛା ଦେଇ ବାହାରକୁ ବାହାରିବାକୁ ପରାମର୍ଶ ଦିଆଯାଉଛି। ଶୋଷ ସମୟରେ ଓଆର୍‌ଏସ୍ କିମ୍ବା ତୋରାଣି ପିଇବାକୁ ପରାମର୍ଶ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୋଲୋ ଆର୍ଟ ଏକ୍ଜିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଓଡ଼ିଶା ମେଲୋଡି ଆସୋସିଏଶନର ବାର୍ଷିକୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀ ଶ୍ରୀ ଆଖଣ୍ଡଳମଣି ବାବା ସେବା ସଂସଦ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ୫୭ତମ ବାଣୀଚିତ୍ର ସିନେ ପୁରସ୍କାର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବଡ଼ମ୍ବା ଚନ୍ଦନ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ, ସମୟ: ସନ୍ଧ୍ୟା ୭ଟା।
- ଉନବିଂଶତମ ରାମଚରିତ ମାନସ ଓ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ : ଶଙ୍ଖାମେରୀ, କପାପଦା ସାହି, ସମୟ: ସନ୍ଧ୍ୟା ୮ଟା।

## ପୁରୀ
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।
- ସ୍ୱରାଜ ଦ୍ୱିତୀୟା ପର୍ବ, ସମବେତ ପ୍ରସାଦସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ଗ୍ରାମ ନୂଆଗାଁ, ସାକ୍ଷୀଗୋପାଳ, ସମୟ: ରାତି ୮ଟା।

## ବାଲେଶ୍ୱର
- ଷଷ୍ଠ ଜିଲା ପରିଷଦର ସପ୍ତମ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଟିୟୁଏସିସି ପକ୍ଷରୁ ଜିଲାସ୍ତରୀୟ କନଭେନସନ୍, ସ୍ଥାନ: ପରିବହନ ଶ୍ରମିକ ଭବନ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜହତା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଷଷ୍ଠ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ଭୈରବପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ବଚ୍ଛଦା, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ତାଳବନ୍ଧ ପ୍ରକୃତି ଶିବିରର ଶୁଭ ଉଦ୍‌ଘାଟନ, ସ୍ଥାନ:ତାଳବନ୍ଧ ରେଞ୍ଜ ତାଳବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ:ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।
- ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା,ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବମ୍ଭେଛକ) ଝାରପୋଖରିଆ,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- କଳିଙ୍ଗ ପାରମ୍ପରିକ ଖାଦ୍ୟ ମେଳା, ସ୍ଥାନ: କରୋନେଶନ ପଡ଼ିଆ ଫୁଲବାଣୀ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ଜଗନ୍ନାଥ ଲଳିତ କଳା ସଂସଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ 'ଏମିତିକା ଜୀବନ ଇଏ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖାଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବି.ଏନ. ମହାନ୍ତି ଏଣ୍ଡ ଆସୋସିଏଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ଦୁର୍ଗା କଲୋନୀ ହରେକୃଷ୍ଣ ଭବନ, ସମୟ : ସକାଳ ୮ଟା।

## ନୟାଗଡ଼
- ବିଶ୍ୱ ଶାନ୍ତି ମହାଯଜ୍ଞର ଅୟାମ୍ଭରମ୍ଭ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା ।
- ନୟାଗଡ଼ ବିଧାନସଭାସ୍ତରୀୟ କମିଟି ବୈଠକ, ସ୍ଥାନ ; ଜିଲା ପରିଷଦ ସମ୍ମିଳନୀ କକ୍ଷ, ସ୍ଥାନ: ପୂର୍ବାହ୍ନ ୧୦ଟା୩୦।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୫ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୫ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୫ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା।
- ମାରୱାଡି ଯୁବା ମଞ୍ଚ ଆୟୋଜିତ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର, ସ୍ଥାନ : କ୍ଷେତରାଜପୁର ମାରୱାଡି ଧର୍ମଶାଳା, ସମୟ : ସକାଳ ୮ଟା।
- ଏକତା ଅନ୍ୱେଷା ଅନୁଷ୍ଠାନ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ ସନ୍ଧ୍ୟା ୬ଟା ୩୦।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ ସରକାରୀ ନର୍ସିଂ କଲେଜର ବାର୍ଷିକୋତ୍ସବ, ସ୍ଥାନ: ଲୁହୁରାଢିପା ସ୍ଥିତ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ଶଙ୍କରା ସ୍ଥିତ ଶିକ୍ଷାନୁଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଆବାସିକ ସଂସ୍କୃତ ପ୍ରବୋଧନ ବର୍ଗର ସମାରୋପ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼, ସମୟ:ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ଚତୁର୍ଥ ଗନ୍ଧରାଡୀ ଲୋକକଳା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ନୀଳକଣ୍ଠେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଓପିଏସ୍‌ସି ଏବଂ ଓଏସ୍‌ଏସ୍‌ସିରେ ନୂତନ ସଦସ୍ୟ

■ ଓପିଏସ୍‌ସିକୁ ଉଦୟ ନାରାୟଣ ଓ ମିହିର ପ୍ରସାଦ
■ ସ୍ମୃତି, ସୁଧାକର ଓଏସ୍‌ଏସ୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୧୩।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ରେ ଦୁଇ ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରେ ଜଣେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ବର୍ଗର ରହିଥିବାବେଳେ ଆଉ ଜଣେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ।

ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଜନଗଣନା (ଅପରେଶନ) ନିର୍ଦ୍ଦେଶକ ଉଦୟ ନାରାୟଣ ଦାସଙ୍କୁ ଆୟୋଗର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସେ କାର୍ଯ୍ୟରେ ଯୋଗଦେବା ଦିନଠାରୁ ୬ ବର୍ଷ ନଚେତ୍ ୬୨ ବର୍ଷ ପର୍ଯ୍ୟନ୍ତ ଚାକିରିରେ ରହିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ପୁରୀସ୍ଥିତ ଏସ୍‌ସିଏସ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ରଙ୍କୁ ମଧ୍ୟ ଓଡ଼ିଶା ଲୋକସେବା ଆୟୋଗର ନୂଆ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସେ ଚାକିରିରେ ଯୋଗଦେବା ଦିନଠାରୁ ୬ ବର୍ଷ ନଚେତ୍ ୬୨ ବର୍ଷ ଯାଏ ଦାୟିତ୍ୱରେ ରହିବେ ବୋଲି ସରକାରୀ ବିଜ୍ଞପ୍ତିରେ କୁହାଯାଇଛି।

ଅନ୍ୟପକ୍ଷରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବୁରଗୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ସ୍ମୃତି ଦାସଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ (ଓଏସ୍‌ଏସ୍‌ସି)ର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ନବନିଯୁକ୍ତ ସଦସ୍ୟମାନେ ଆୟୋଗରେ କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୫ ବର୍ଷ ନଚେତ୍ ୬୫ ବର୍ଷ ପର୍ଯ୍ୟନ୍ତ ଚାକିରିରେ ରହିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଛତିଆରେ ବିସ୍ଫୋରଣ: ୨ ମୃତ, ଜଣେ ଗୁରୁତର

■ ବୋମା କି ଡିନାମାଇଟ ସ୍ପଷ୍ଟ ହୋଇନାହିଁ
■ ପୋଲିସର ତଦନ୍ତ ଆରମ୍ଭ

ଚଣ୍ଡିଖୋଲ/ଛତିଆ,୧୩/୫ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ ବିସ୍ଫୋରଣ ଘଟିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ରାମ ପିଙ୍ଗୁଆ(୩୮), ଚଣ୍ଡିତଳ ଗ୍ରାମର ମଣ୍ଟୁ ପାତ୍ର(୩୫)। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୁଣ୍ଡୁଣୀ ଗ୍ରାମର ନେପାଳି ପୂର୍ତ୍ତି(୨୮)। ଘଟଣା ପରେ ଏସ୍‌ପି ଯଶପ୍ରତାପ ଶ୍ରୀମଲ, ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହ ତଦନ୍ତ କରିଛନ୍ତି। ବୈରୀ ଥାନା ଅଧିକାରୀ ଅଂଶୁମାଳା ଦାସ, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଓ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ପ୍ରମୁଖ ପହଞ୍ଚି ତଦନ୍ତରେ ସହଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଉପରୋକ୍ତ ୩ ବ୍ୟକ୍ତି ଏକ ବାଇକ୍(ଓଡି୦୪ଟି୭୭୪୧)ରେ ଆସୁଥିଲେ। ସେମାନେ ଛତିଆଠାରେ ୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏକ ଚୋରା ବିଦେଶୀ ମଦ ଦୋକାନ ନିକଟରେ ଅଟକିଥିଲେ। ଏହି ସମୟରେ ସେମାନେ ସାଙ୍ଗରେ ଆଣିଥିବା ସାମଗ୍ରୀର ବିସ୍ଫୋରଣ ହୋଇଥିଲା। ଫଳରେ ରାମ ଓ ମଣ୍ଟୁଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ୫୦ ମିଟର ଆକାରରେ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଗୁରୁତର ନେପାଳିଙ୍କୁ ବୈରୀ ପୋଲିସ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ବୋମା କି ଡିନାମାଇଟ୍ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ପରେ କଣ ବିସ୍ଫୋରଣ ହେଲା ଜଣାପଡ଼ିବ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସମ୍ପୃକ୍ତ ୩ ବ୍ୟକ୍ତି ହେଉଛନ୍ତି ମାଛଧରାଳି। ସେମାନେ ମାଛ ମାରିବା ପାଇଁ ସାଥିରେ ଡିନାମାଇଟ ନେଇ ଯାଉଥିଲେ। ବାଇକ୍‌ରେ ପଛରେ ବସିଥିବା ବ୍ୟକ୍ତି ଓହ୍ଲାଇବାବେଳେ ସେ ଅଣ୍ଟାରେ ବାନ୍ଧି ରଖିଥିବା ଡିନାମାଇଟର ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ବାଇକ୍‌ଟି ମଧ ଅଧା ଜଳିଯାଇଥିଲା। ବିସ୍ଫୋରଣର ଶବ୍ଦ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଶୁଭିଥିଲା। ବିସ୍ଫୋରଣ ସମୟରେ ସେଠାରେ ୨ଟି ଦୋକାନ ଖୋଲାଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁ ଅନ୍ୟ ସବୁ ଦୋକାନ ବନ୍ଦଥିଲା। ଘଟଣାସ୍ଥଳରେ କେହି ଲୋକ ନ ଥିଲେ, ନଚେତ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ଥିଲା।


ବିସ୍ଫୋରଣରେ ଜଳିଯାଇଥିବା ବାଇକ୍।

# ୧୭ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ମାଲକାନଗିରି,୧୩।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ମଙ୍ଗଳବାର ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଓ ପୁରୁଷ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୫ ମହିଳା ଓ ୩ ପୁରୁଷଙ୍କ ଉପରେ ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ବହୁ ପୋଲିସ ଗୁଳିରେ ନିହତ ହେବା ଫଳରେ ସଂଗଠନ ଦିନକୁ ଦିନ ଭୁଶୁଡ଼ି ଯାଉଥିବା, ଛତିଶଗଡ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୁକ୍‌ମା ପୋଲିସ ସୂଚନା ଦେଇଛି।

# ୧୫ରେ ସରିବ ପିଏମ୍‌ଏୱାଇ ନେଇ ଆବେଦନ: ମନ୍ତ୍ରୀ

■ ଆଜି ଅନ୍ତ୍ୟୋଦୟ ଯୋଜନା ତାଲିକା ପ୍ରଦାନର ଶେଷ ଦିନ ■ ରାଜ୍ୟରେ ବଣ୍ଟାଯିବ ୧,୦୦,୯୧୭ ଘର

ଭୁବନେଶ୍ୱର,୧୩।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଲାଗି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପାଖାପାଖି ୩୫ ଲକ୍ଷ ହିତାଧିକାରୀ ଆବେଦନ କରିଛନ୍ତି। ରାଜ୍ୟରେ ପିଏମ୍‌ଏୱାଇ ଲାଗି ଯେଉଁ ଆବେଦନ ପ୍ରକ୍ରିୟା ଚାଲିଛି ତାହା ଆସନ୍ତା ୧୫ରେ ଶେଷ ହୋଇଯିବ। ଏହାପରେ ଆଉ କେହି ପିଏମ୍‌ଏୱାଇ ଲାଗି ଆବେଦନ କରିପାରିବେ ନାହିଁ। ଏଥିଲାଗି ମଝିରେ ଆଉ ଗୋଟିଏ ଦିନ ବାକିରହିଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ କହିଛନ୍ତି। ମନ୍ତ୍ରୀ ନାଏକ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହାପରେ ପ୍ରତ୍ୟେକ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଏହି ସର୍ଭେ ପ୍ରକ୍ରିୟାର ନାଁ ଆୱାସ୍ ପ୍ଲସ୍ ଟୁ ରଖାଯାଇଛି। ବ୍ଲକ୍‌ସ୍ତରରୁ ଏକ ଟିମ୍ ଗଠନ କରାଯାଇ ଏହି ସର୍ଭେ କରାଯିବ। ରାଜ୍ୟରେ ଏବେ ୩ ଲକ୍ଷ ଘରର ଛାତ ପଡ଼ିସାରିଥିବା ବେଳେ ୫ ଶହ ସ୍ଥାନରେ ରାସ୍ତାକୁ ନେଇ ସମସ୍ୟା ରହିଥିବା ମନ୍ତ୍ରୀ ନାଏକ କହିଛନ୍ତି। ତେବେ ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ ଅବଧି କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଥର ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମୋଟ୍ ରାଜ୍ୟରେ ୧ ଲକ୍ଷ ୯୧୭ ଖଣ୍ଡ ଘର ବଣ୍ଟାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଜିଲାୱାରି କେତେ ଲେଖାଏ ଘର ବଣ୍ଟାଯିବ ତା'ର ମଧ୍ୟ ତାଲିକା ପ୍ରସ୍ତୁତ ସରିଛି। ତେବେ ଆସନ୍ତା ୧୫ ତାରିଖ ସୁଦ୍ଧା ଜିଲାପାଳମାନଙ୍କୁ ନିଜ ଜିଲାର ଟାର୍ଗେଟ ରଖାଯାଇଥିବା ହିତାଧିକାରୀଙ୍କ ତାଲିକା ଦେବାକୁ ଚିଠି କରାଯାଇଛି। ଏଥିଲାଗି ମଧ୍ୟ ମଝିରେ ଆଉ ଗୋଟିଏ ଦିନ ରହିଛି। ଜିଲାପାଳମାନେ ଏହି ତାଲିକା ପ୍ରଦାନକଲେ ତାହା ଅନୁମୋଦନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯିବ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି। ତେଣୁ ବାସ୍ତବରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କ ଠିକ୍ ତାଲିକା ପ୍ରସ୍ତୁତକରି ୧୫ ତାରିଖ ସୁଦ୍ଧା ଦେବାକୁ ଡେପୁଟି ସେକ୍ରେଟାରି କୁଳମଣି ମିଶ୍ର ସବୁ ଜିଲାପାଳଙ୍କୁ ଗତ ୨୪ ତାରିଖରେ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଏଥର ବି ଝିଅ...

୮୮.୩୯ ପ୍ରତିଶତ ରହିଛି। ଗତବର୍ଷ ତୁଳନାରେ ପାସ୍‌ହାର ସାମାନ୍ୟ ଅଧିକ ରହିଛି। ଗତବର୍ଷ ୮୭.୯୮ପ୍ରତିଶତ ରହିଥିବାବେଳେ ଏଥର ୦.୪୧ ପ୍ରତିଶତ ଅଧିକ ରହିଛି। ତେବେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଏଥର ବାଜି ମାରି ନେଇଛନ୍ତି। ଛାତ୍ରୀଙ୍କ ପାସ୍‌ହାର ଛାତ୍ରଙ୍କ ତୁଳନାରେ ୫.୯୪% ଅଧିକ ରହିଛି। ଛାତ୍ରୀଙ୍କ ପାସହାର ୯୧.୬୪% ଥିବାବେବେଳେ ଛାତ୍ରଙ୍କ ପାସ୍‌ହାର ୮୫.୭୦% ରହିଛି। ଦ୍ୱାଦଶରେ ୨୪,୮୬୭ ପରୀକ୍ଷାର୍ଥୀ ୯୫%ରୁ ଅଧିକ ନମ୍ବର ରଖିଥିବାବେଳେ ୧ଲକ୍ଷ ୧୧ହଜାର ୫୪୪ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶ ପାସ୍ ହାରରେ ବିଜୟୱାଡ଼ା ୯୯.୬୦ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ କେରଳ ତ୍ରିଭେନ୍ଦ୍ରମ୍ ରିଜିଅନର ପାସହାର ୯୯.୩୨% ରହିଥିବା ବେଳେ ତୃତୀୟ ସ୍ଥାନରେ ଚେନ୍ନାଇ ରିଜିଅନ୍ ୯୭.୩୯% ରହିଛି। ତେବେ ୧୧ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ଏହାର ପାସ୍‌ହାର ୮୩.୬୪% ରହିଛି। ଜବାହର ନବୋଦୟ ବିଦ୍ୟାଳୟରେ ୯୯.୨୯ ପ୍ରତିଶତ ପାସ୍‌ହାର ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ୯୯.୦୫ ପ୍ରତିଶତ ପାସ୍‌ହାର ରହିଛି।

## ଲକ୍ଷ୍ମଣରେଖା ଡେଇଁଲେ...

ସେନା ପାକିସ୍ତାନର ଗର୍ବ ଭାଙ୍ଗିବାରେ ସମର୍ଥ ହୋଇଥିଲା। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନରେ ଥିବା ୯ ଆତଙ୍କବାଦୀ ଭିତ୍ତିଭୂମି ଏବଂ ୮ ସାମରିକ ସ୍ଥଳ ଧ୍ୱଂସ ହୋଇଥିଲା। ଆପଣମାନେ ଯାହା କରିଛନ୍ତି, ତାହା ଅଦ୍ଭୁତ, ଅକଳ୍ପନୀୟ ଏବଂ ଅଭୂତପୂର୍ବ ବୋଲି ପ୍ରଧାନମନ୍ତ୍ରୀ ସେନାକୁ କହିଛନ୍ତି।

ପାକିସ୍ତାନ ସୀମାଠାରୁ ୧୦୦ କି.ମି. ଦୂରରେ ଆଦମ୍‌ପୁର ଏୟାରବେସ୍ ଅବସ୍ଥିତ। ସେଠାରେ ମୁତୟନ ଏସ୍-୪୦୦ ମିଶାଇଲ୍ ଲଞ୍ଚରକୁ ଧ୍ୱଂସ କରିଥିବା ନେଇ ପାକିସ୍ତାନ ଦାବି କରୁଥିବାବେଳେ ଭାରତ ଏହାକୁ ଖଣ୍ଡନ କରିଥିଲା। ପ୍ରଧାନମନ୍ତ୍ରୀ ସେହିଠାରୁ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, 'ଅପରେଶନ ସିନ୍ଦୂର' ଏବେ ପାକିସ୍ତାନ ପାଇଁ ଏକ ସ୍ପଷ୍ଟ ଲକ୍ଷ୍ମଣରେଖା ଟାଣିଛି। ଭାରତୀୟ ସେନା କେବଳ ଆତଙ୍କବାଦୀଙ୍କୁ ନୁହେଁ, ଏହାର ସମର୍ଥନକାରୀ ପ୍ରତିପକ୍ଷ ସେନାକୁ ମଧ୍ୟ ଧୂଳି ଚଟାଇଛି। ପାକିସ୍ତାନୀ ସେନାକୁ ଆମେ ଦେଖାଇଦେଇଛୁ ଯେ ସେଠାରେ ଆଉ କୌଣସି ସ୍ଥାନ ବାକି ନାହିଁ, ଯେଉଁଠି ଆତଙ୍କବାଦୀମାନେ ଶାନ୍ତିରେ ବସି ନିଃଶ୍ୱାସ ମାରିପାରିବେ। ସୀମାପାର ଆତଙ୍କବାଦ ବିରୋଧରେ ଭାରତର ନୀତି ହେଲା, ଆମେ ଘରେ ପଶି ମାରିବୁ ଏବଂ ବଞ୍ଚିବାର କୌଣସି ସୁଯୋଗ ଦେବୁନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ଅଘୋଷିତ ଭାବେ ଆଦମପୁର ବେସ୍‌ରେ ପହଞ୍ଚିବାବେଳେ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଉଥିବା ବାୟୁସେନା ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆପଣମାନଙ୍କ ବୀରତ୍ୱ ଇତିହାସରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିବ। ସ୍ଥଳସେନା, ବାୟୁସେନା ଏବଂ ନୌସେନା ଯବାନମାନଙ୍କୁ ସାଲ୍ୟୁଟ୍ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ଅପରେଶନ ସିନ୍ଦୂର ଏବେ ଆତଙ୍କବାଦ ବିରୋଧରେ ଦେଶର ନୂଆ ନୀତି। ଆତଙ୍କବାଦ ବିରୋଧରେ ଭାରତର ଲକ୍ଷ୍ମଣରେଖା ଏବେ ସ୍ଫଟିକ ଭଳି ସ୍ପଷ୍ଟ। ଯଦି ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୁଏ, ଭାରତ ଏହାର ଉପଯୁକ୍ତ ଜବାବ ଦେବ। ପୂର୍ବର ସର୍ଜିକାଲ ଷ୍ଟ୍ରାଇକ୍, ଏୟାରଷ୍ଟ୍ରାଇକ୍ ଏବଂ ବର୍ତ୍ତମାନର ଅପରେଶନ ସିନ୍ଦୂର ମାଧ୍ୟମରେ ଆମେ ଏହା ସ୍ପଷ୍ଟ କରିଦେଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ଅନୁରୋଧରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** – ସାମାଜିକ ସ୍ତରରେ ଭଲ କଥା କହିଲେ ମଧ ଅନ୍ୟମାନେ ଭୁଲ୍ ବୁଝିବେ। ରୋହିଣୀ ନକ୍ଷତ୍ରର ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ।

**ମିଥୁନ** – ମୃଗଶିରା ନକ୍ଷତ୍ର ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ,ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** – ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ଼ କରି ସହକର୍ମୀ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଅଶ୍ଳେଷା ନକ୍ଷତ୍ରର ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ କର୍ମକ୍ଷେତ୍ରରେ ସାହାଯ୍ୟ କରିବ।

**ସିଂହ** – ସମସ୍ୟା ଲାଗି ରହିଥିଲେ ମଧ ମନରେ ସାହସ ବାନ୍ଧି କାମ ଆରମ୍ଭ କରିପାରିଲେ ସଫଳତା ପାଇବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ତଥାପି ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅର୍ଥ ଲାଭ ଖୋଜୁଥିବା ସଙ୍ଗକୁ ଜିନିଷ ହଠାତ୍ ପାଇଯିବେ।

**କନ୍ୟା** – ଅଫିସରେ ମତାନ୍ତରରୁ ବିତର୍କ ଆଶଙ୍କା ରହିଛି। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ। ବିବାଦ ଓ ପରିବହନରେ କଳହ ପ୍ରଭୃତି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଚିତ୍ରା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** – ଅଧିକାଂଶ ସମୟ ମନ ଅସ୍ଥିର ରହିବାରୁ ପରିବାର ଭିତରେ ସାଧାରଣ କଥାରୁ ଝଡ଼ ଉଠିପାରେ। ବିଶାଖା ନକ୍ଷତ୍ର କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଆଜି ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** – ଅଭାବ ଦୂରେଇବାର ପ୍ରୟାସ କଲେ ମଧ କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ। ଅନୁରାଧା ନକ୍ଷତ୍ର ବକେୟା ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ** – ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହୋଇପାରନ୍ତି। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସୀ ରହିବେ।

**ମକର** – ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଧନିଷ୍ଠା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ** – ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ଘାତପ୍ରତିଘାତ ମଧ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଶତଭିଷା ନକ୍ଷତ୍ରର ଆଜି ରପ୍ତାନି ବାଣିଜ୍ୟ, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** – ଆଜିର କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଉତ୍ତରାଭାଦ୍ର ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ ଆଶାଜନକ ସୁଫଳ ପାଇବେ। ରାଜନୀତି, ସଂଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ମେ ୧୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ବୁଧବାର, ମାସାନ୍ତ। ରାଶିନକ୍ଷତ୍ର- ଦିବା ଘ.୧୧.୪୬ମି. ପର୍ଯ୍ୟନ୍ତ, ଅନୁରାଧା/ବିଛା, ତା'ପରେ ଜ୍ୟେଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୦ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ. ୦୧.୨୦ମି. ମଧ୍ୟେ ରାହୁ କାଳ।



ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ଉତ୍ସାହ ଭରିଛି ପରୀକ୍ଷାଫଳ

ଭୁବନେଶ୍ୱର,୧୩ା୫(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଓଡ଼ିଶାରେ ଦଶମରେ ପାସହାର ୯୨.୪୦ପ୍ରତିଶତ ଥିବାବେଳେ ଦ୍ୱାଦଶରେ ୭୮.୭୪ ପ୍ରତିଶତ ରହିଛି। ଦଶମରେ ୬୦,୩୧୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧,୮୯୩ ଜଣ ଛାତ୍ର ରହିଥିବାବେଳେ ୨୮,୪୨୨ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୫୫,୭୩୪ ଜଣ ପରୀକ୍ଷାରେ ପାସ୍ କରିଛନ୍ତି। ୨୬,୫୨୮ଜଣ ଛାତ୍ରୀ ରହିଥିବାବେଳେ ୨୯,୨୦୬ ଜଣ ଛାତ୍ର ରହିଛନ୍ତି। ଚଳିତବର୍ଷ ଦଶମରେ ଛାତ୍ରୀଙ୍କ ପାସ୍ହାର ୯୩.୩୪ ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍ହାର ୯୧.୫୭ ପ୍ରତିଶତ ରହିଛି। ସେହିପରି ଦ୍ୱାଦଶରେ ପାସହାର ୭୮.୭୪ପ୍ରତିଶତ ରହିଛି। ଦ୍ୱାଦଶରେ ମୋଟ ୪୦,୭୨୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୨,୨୨୮ ଜଣ ଛାତ୍ର ଓ ୧୮,୫୦୦ ଜଣ ଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ମୋଟ ୩୨,୦୭୦ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୧୪,୯୪୩ଜଣ ଛାତ୍ରୀ ଓ ୧୭,୧୨୭ଜଣ ଛାତ୍ର ରହିଛନ୍ତି। ଦ୍ୱାଦଶରେ ଛାତ୍ରୀଙ୍କ ପାସ୍ ହାର ୮୦.୭୭ ପ୍ରତିଶତ ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୭୭.୦୫ ପ୍ରତିଶତ ରହିଛି। ଚଳିତ ବର୍ଷ ଦୁଇଟି ଯାକ ପରୀକ୍ଷାରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ରେଜଲ୍ଟ କରିଛନ୍ତି।



ସିବିଏସ୍ଇ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡିଏମ୍ ସ୍କୁଲର ଛାତ୍ରୀଛାତ୍ର।

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୧୩ା୫(ସୁଚିସ୍ମିତା ସାହୁ)

ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିଟ୍ରେ ଦଶମରେ ୪୦ ପ୍ରତିଶତ ଏବଂ ଦ୍ୱାଦଶରେ ୫୦ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶରେ ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହେବା ସହ ଆଞ୍ଚଳିକ ଟପ୍ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ଏବଂ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍କୁଲର ଉଶ୍ୱସ୍ତି ଉବିକା ପାଇଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି ।



ଟିଏସ୍‌ଜି ଗୁରୁକୁଳ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି



ବିଜେଇଏମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ପରୀକ୍ଷାଫଳକୁ ଅପେକ୍ଷା କରିଛନ୍ତି।

## ସେନ୍ ଗ୍ଲୋବର ଶତ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ସ୍ପେସିଆଲ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଭଲ ପ୍ରଦର୍ଶନ କରିଛନ୍ତି। ସେନ୍ ଗ୍ଲୋବର ୪ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସେନ ଗ୍ଲୋବର ଛାତ୍ରୀଛାତ୍ର ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏଥିରେ ୭ଜଣ ଛାତ୍ରୀଛାତ୍ର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିଛନ୍ତି। ସ୍କୁଲର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



କଟକ ନଖରାସ୍ଥିତ ଡିପିଏସ୍ କଳିଙ୍ଗା କୃତୀ ଛାତ୍ରୀଛାତ୍ର।



ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର କୃତୀ ଛାତ୍ରୀଛାତ୍ର।

## କୃତୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

### ଇଞ୍ଜିନିୟରିଂ ପଢ଼ିବାକୁ ଲକ୍ଷ୍ୟ



ଦଶମ ପରୀକ୍ଷାରେ ୯୯.୬% ନମ୍ବର ରଖିଛି। ଏହି ସଫଳତା ପାଇଁ ମୁଁ କଠିନ ପରିଶ୍ରମ କରିଥିଲି। ପ୍ରତିଦିନ ୫ରୁ ୬ଘଣ୍ଟା ପଢୁଥିଲି। ଏଥିପାଇଁ ଘରଲୋକ ବହୁତ ସହଯୋଗ କରିଥିଲେ। ଏବେ ଜେଇଇ ପାଇଁ ପ୍ରସ୍ତୁତ ହେଉଛି। ଆଗକୁ ଇଞ୍ଜିନିୟରିଂ ପଢିବା ନିମନ୍ତେ ଯୋଜନା ରଖିଛି।

–ସୋମେଶ ପ୍ରଧାନ, ବିଜେଇଏମ୍ ସ୍କୁଲ,ଭୁବନେଶ୍ୱର

### ମାଇକ୍ରୋବାୟୋଲୋଜିରେ ରିସର୍ଚ୍ଚ କରିବି



ଦଶମ ପରୀକ୍ଷାରେ ୯୮.୪% ନମ୍ବର ରଖିଛି। ଏହି ପରୀକ୍ଷାଫଳ ଭବିଷ୍ୟତର ପାଠପଢ଼ା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ତେଣୁ ଏହାକୁ ଗୁରୁତ୍ୱର ସହିତ ନେଇ ପଢ଼ାପଢ଼ି କରୁଥିଲି। ଆଗକୁ ମାଇକ୍ରୋବାୟୋଲୋଜି କ୍ଷେତ୍ରରେ ରିସର୍ଚ୍ଚ କରିବାକୁ ଯୋଜନା କରିଛି।

–ଈଶାନ୍ ଦାସ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

### ଆଶାନୁରୂପକ ଫଳ ମିଳିଛି



–ପରିଶ୍ରମ ଅନୁଯାୟୀ ମୋତେ ଆଶାନୁରୂପକ ଫଳ ମିଳିଛି। ପରୀକ୍ଷାରେ ୯୮.୮% ନମ୍ବର ରଖିଛି। ବିଶେଷକରି ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଏନ୍‌ସିଇଆର୍‌ଟି ବହି ସହ ଅନ୍ୟ ରେଫରେନ୍ସ ବହି ଅଧ୍ୟୟନ କରିବା ମୋ ପାଇଁ ଏତେବଡ ସଫଳତା ଆଣିଦେଇଛି।

–ଧୀରଜ ଧାନୁଜା (ଦ୍ୱାଦଶ ଶ୍ରେଣୀ, ବାଣିଜ୍ୟ ଛାତ୍ର), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

### ଭବିଷ୍ୟତରେ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି



ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ସେଥିପାଇଁ ୯୮.୨% ନମ୍ବର ରଖିଛି। ଏହି ଫଳାଫଳ ଶୁଣିବା ପରେ ମୁଁ ବହୁତ ଖୁସି। ମନରେ ଟିକେ ଡର ଥିଲା। ଶିକ୍ଷକ ଓ ମୋର ମାତାପିତାଙ୍କ ପ୍ରେରଣା ପାଇଁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ପଲିଟିକାଲ ସାଇନ୍ସ ପାଠ୍ୟକ୍ରମ ସହିତ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି।

–ଅନୁଷ୍କା ପଣ୍ଡା ( ଦ୍ୱାଦଶ ଶ୍ରେଣୀ, ହ୍ୟୁମାନିଟିଜ୍ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ,ଭୁବନେଶ୍ୱର

### ଭବିଷ୍ୟତରେ ଇଞ୍ଜିନିୟର ହେବା ପାଇଁ ଆଶା ରଖିଛି



ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ତେଣୁ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ୯୮% ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ସ୍କୁଲ ତରଫରୁ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଥିଲେ। ମୋର ଏହି ସଫଳତାରେ ଶିକ୍ଷକ ଓ ପରିବାରର ସଦସ୍ୟଙ୍କୁ ମୁଁ ଧନ୍ୟବାଦ ଦେବି। ଭବିଷ୍ୟତରେ ଜେଇଇ ଆଡଭାନ୍ସ ପରୀକ୍ଷା ଦେଇ ଇଞ୍ଜିନିୟର ହେବା ପାଇଁ ଆଶା ରଖିଛି।

–ଏନ୍. ଶ୍ରେୟା ଆମୋଲିକା (ଦ୍ୱାଦଶ ଶ୍ରେଣୀ, ବିଜ୍ଞାନ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

### ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି

ବୋର୍ଡ ପରୀକ୍ଷା ପାଇଁ ମୁଁ ଟିକେ ନର୍ଭସ ଥିଲି। ମାତ୍ର ଭଗବାନଙ୍କ ଉପରେ ପୂରା ବିଶ୍ୱାସ ରଖିଥିଲି। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଫଳରେ ଆଜି ମୋତେ ୯୯.୨% ନମ୍ବର ମିଳିଛି। ପ୍ରତିଦିନ କ୍ଲାସ୍‌ରେ ରହୁଥିବା ଡାଉଟ୍‌କୁ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ସମାଧାନ କରୁଥିଲି। ଫଳରେ ବୋର୍ଡ ପରୀକ୍ଷା ବେଳକୁ ମତେ ଅତ୍ୟଧିକ କଷ୍ଟ କରିବାକୁ ପଡ଼ି ନ ଥିଲା।



–ଆହାନା ପରିଜା (ଦଶମ ଶ୍ରେଣୀ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ,ଭୁବନେଶ୍ୱର

### 'ଡାକ୍ତର ହୋଇ ସେବା କରିବି'



ଚଳିତ ସିବିଏସ୍ଇ ଦ୍ୱାଦଶ ପରୀକ୍ଷାରେ କେନ୍ଦୁଝର ରବୀନ୍ଦ୍ର ବିଦ୍ୟାନିକେତନର ଛାତ୍ରୀ ଶ୍ରେୟା ପଟ୍ଟନାୟକ ୯୬.୨ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ବିନା ଟ୍ୟୁଶନରେ ଏହି ସଫଳତା ହାସଲ କରିଥିବାରୁ ବେଶ୍ ଖୁସି ଅଛନ୍ତି। ମେଡ଼ିକାଲ ପଢ଼ି ଜେଜେମା'ଙ୍କ ଭଳି ଡାକ୍ତର ହୋଇ ସମାଜର ଅବହେଳିତ ଲୋକଙ୍କ ସେବା କରିବା ତାଙ୍କ ଇଚ୍ଛା ବୋଲି ସେ କହିଛନ୍ତି। ସଫଳତା ପାଇଁ ମା' ବାପା, ଜେଜେ, ତଥା ବିଦ୍ୟାଳୟର ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସହପାଠୀଙ୍କ ସହଯୋଗକୁ ଶ୍ରେୟା ଧନ୍ୟବାଦ ଜଣାଇଛନ୍ତି।

–ଶ୍ରେୟା ପଟ୍ଟନାୟକ, କେନ୍ଦୁଝର ରବୀନ୍ଦ୍ର ବିଦ୍ୟାନିକେତନ

### ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକ ପଢାଇଥିବା ପାଠକୁ ଗୁରୁତ୍ୱ ଦେଇ ପାଠପଢ଼େ। ଦିନକୁ ପ୍ରାୟ ୭ଘଣ୍ଟା ପାଠ ପଢ଼ିଛି। ୯୫ %ରୁ ଅଧିକ ମାର୍କ ଆଶା କରିଥିଲି। ୯୭.୪ % ମାର୍କ ଆସିଥିବାରୁ ବହୁତ ଖୁସି ଲାଗୁଛି। ଆଗାମୀ ଦିନରେ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି ଏବଂ ସେହି ଅନୁଯାୟୀ ପ୍ରସ୍ତୁତି କରିବି।

–ଶ୍ରୁତି ଶତପଥୀ, ଦ୍ୱାଦଶ ଛାତ୍ରୀ, ସିଡିଏ ଡିଏଭି ସ୍କୁଲ, କଟକ

### ପରୀକ୍ଷା ମାର୍କରେ ଖୁସି



ପାଠପଢା ପାଇଁ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପରାମର୍ଶ ଓ ନୋଟ୍ସ ଅଧିକ ସହାୟକ ହୋଇଛି। ଘରେ ୮ଘଣ୍ଟା ପ୍ରତ୍ୟେକ ଦିନ ପାଠ ପଢେ। ପରୀକ୍ଷାରେ ଅଧିକ ମାର୍କ ପାଇଁ ଆଶା ରଖିଥିଲି ହେଲେ ଯାହା ମାର୍କ ଅଛି ସେଥିରେ ଖୁସି ଅଛି। ଆଗାମୀ ଦିନରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

–ଶ୍ରେୟନ ଖୁଣ୍ଟିଆ, ଦ୍ୱାଦଶ ଶ୍ରେଣୀ ଛାତ୍ର, ଏଲଆର୍ ଡିଏଭି, କଟକ

### ଅଧିକ ନମ୍ବର ରଖିବା ଆଶା ଥିଲା



ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିଥିବା ନୋଟ୍ସ ପଢ଼ିବା ଦ୍ୱାରା ଏହା ବହୁତ କାମରେ ଆସିଛି। ପରୀକ୍ଷା ପାଇଁ ପ୍ରାୟ ୫ଘଣ୍ଟା ପାଠ ପଢେ। ପରୀକ୍ଷାରେ ଇଂଲିଶ ପେପରରେ ମାର୍କ ସାମାନ୍ୟ କମିବାରୁ ନିରାଶ ହୋଇଛି। ଆଶା ଥିଲା ୯୯ ପ୍ରତିଶତ ଅଧିକ ମାର୍କ ରଖିବି। ଆଗାମୀ ଦିନରେ ଯୁକ୍ତ ୨ ପାଠ ଅଧ୍ୟୟନ କରିବା ପରେ ରିସର୍ଚ୍ଚ କରିବା ଲକ୍ଷ୍ୟ ରହିଛି।

–ଶ୍ରେୟସ ଷଡ଼ଙ୍ଗୀ, ଦଶମ ଛାତ୍ର, ଏଲଆର ଡିଏଭି ସ୍କୁଲ, କଟକ

### 'ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବି'

ସିବିଏସ୍ଇ ଦଶମ ପରୀକ୍ଷାରେ ୯୯.୪ ପ୍ରତିଶତ ନମ୍ବର ରଖିଛି। ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମର ଫଳ ମିଳିଛି ଏବଂ ଏହି ସଫଳତା ପାଇଁ ବହୁତ ଖୁସି ଅଛି। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ଲୋକଙ୍କ ସେବା କରିବି। ବିଦ୍ୟାଳୟର ଅଧକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପା ଓ ପରିବାର ଲୋକଙ୍କ ପ୍ରେରଣା, ଆର୍ଶୀବାଦରୁ ଏହି ସଫଳତା ମିଳିଛି। ବାପା ରବୀନ୍ଦ୍ର ମୋହନ ମାଝୀ ଜଣେ ଜୁନିୟର କ୍ଲର୍କ ହୋଇଥିବା ବେଳେ ମୋ ପାଠପଢ଼ା ପାଇଁ ବହୁତ ପରିଶ୍ରମ କରିବା ସହ ମୋତେ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି। ତାଙ୍କ ଉଦ୍ୟମ ଓ ଆଶାକୁ ସଫଳ କରିବା ପାଇଁ ସବୁବେଳେ ଚେଷ୍ଟା ଜାରି ରଖିବି।



–କାବ୍ୟରଞ୍ଜନ ମାଝୀ, ଛାତ୍ର, ବନ୍ତ ଆଦର୍ଶ ବିଦ୍ୟାଳୟ

### ଡାକ୍ତର ହେବାକୁ ଲକ୍ଷ୍ୟ



ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ସିବିଏସ୍ଇ ଦଶମ ପରୀକ୍ଷାରେ ୯୬.୪ ପ୍ରତିଶତ ନମ୍ବର ରହିଛି। ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପା ଓ ବଡ଼ଭଉଣୀଙ୍କ ପ୍ରେରଣା ଯୋଗୁ ଏହି ସଫଳତା ମିଳିଛି। ବର୍ତ୍ତମାନ ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଡାକ୍ତର ହୋଇ ଗରିବ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ମୋତେ ପାଠ ପଢ଼ାଇ ଭଲ ମଣିଷ ହେବାକୁ ମା' ବାପା ସବୁବେଳେ ପ୍ରେରଣା ଦେଇଆସୁଛନ୍ତି। ସେମାନଙ୍କ ଆଶା ନିଶ୍ଚୟ ପୂରଣ କରିବି।

–ଶିବାଦିତ୍ୟ ନାୟକ, ଛାତ୍ର, ଓଲଙ୍ଗ ଆଦର୍ଶ ବିଦ୍ୟାଳୟ, ଭଦ୍ରକ

ରାଷ୍ଟ୍ରଜାତି, ପରିବାର ଓ ମାନବଜାତି- ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ -ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। -ଶ୍ରୀଅରବିନ୍ଦ



# ବିଷାକ୍ତ ସ୍ପର୍ଶ

ଭାରତରେ ବିଷାକ୍ତ ମଦ ପିଇ ଲୋକଙ୍କ ମୃତ୍ୟୁ ହେବା ଖବର ନିୟମିତ ଶୁଣିବାକୁ ମିଳେ। ଅଧିକାଂଶ କ୍ଷେତ୍ରରେ ଦେଶୀ ମଦ ଅପମିଶ୍ରଣ ମୁଖ୍ୟ କାରଣ ହୋଇଥାଏ। ଏହି ମଦ ପ୍ରସ୍ତୁତ ଭାଟି ଓ ସେଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିଷୟରେ ପ୍ରାୟତଃ ସ୍ଥାନୀୟ ଅଞ୍ଚଳର ପୋଲିସ ସମେତ ଲୋକେ ଜାଣିଥାଆନ୍ତି। ଅନେକ ସମୟରେ ମଦ ବିରୋଧୀ ଆନ୍ଦୋଳନରେ ଏମାନଙ୍କ ସହ ମହିଳାମାନଙ୍କର ଗଣ୍ଡଗୋଳ ଓ ବାଡ଼ିଆପିଟା ମଧ୍ୟ ହୁଏ। କଥା ଗୋଟେ ବଡ଼ ଅଘଟଣ ଯାଏ ନ ଗଲେ ବର୍ଷବର୍ଷ ଧରି ପୋଲିସ ଓ ପ୍ରଶାସନ ଏହାକୁ ଅଣଦେଖା କରିଚାଲନ୍ତି। ମଦମୃତ୍ୟୁ ଘଟଣା ପ୍ରଚାର ହେଲେ କିଛି ଦିନ ପର୍ଯ୍ୟନ୍ତ ଧରପଗଡ଼ ହେବା ପରେ ପୁଣି ଯେଉଁ କଥାକୁ ସେହି କଥା। ସମସ୍ୟା ହେଲା ଅଣସଙ୍ଗଠିତ ମଦ କାରବାର ବହୁ ବଡ଼ ବେପାରରେ ପହଞ୍ଚିଲାଣି। ଏଥିରେ ଆର୍ଥିକ ଲାଭ ବାଣ୍ଟିକୁଣ୍ଟି ସମସ୍ତେ ନେଇଥାଆନ୍ତି। ମଦୁଆ ନିଜ ଜୀବନ ବରବାଦ୍ କରିବା ସହ ପରିବାରକୁ ମଧ୍ୟ ତଳିତଳାନ୍ତ କରିଦେଇ ଥାଆନ୍ତି। ଏହି ଦେଶୀ ମଦ ବେପାର ଉପରେ ସରକାରଙ୍କ ନିୟନ୍ତ୍ରଣ ଆସିବା ଜରୁରୀ। କିନ୍ତୁ ଏଥିରେ ଇଚ୍ଛାଶକ୍ତିର ଘୋର ଅଭାବ ଦେଖାଦେଉଛି। ଏପରିକି ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନକୁ ମଧ୍ୟ କେତେକାଂଶରେ ଦବେଇ ଦିଆଗଲାଣି।

ପଞ୍ଜାବର ଅମୃତସର ଅନ୍ତର୍ଗତ ମାଜିଥା ଅଞ୍ଚଳରେ ୧୨ ମେ'ରେ ବିଷାକ୍ତ ମଦ୍ୟପାନ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୨୧ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଶୁଣିବାକୁ ମିଳିଛି। ଏମିତି ଦେଖିଲେ ପଞ୍ଜାବରେ ମାଦକଦ୍ରବ୍ୟ ସେବନର ରେକର୍ଡ ରହିଛି। ୨୦୨୨ ଫେବୃଆରୀରେ ଚଣ୍ଡିଗଡ଼ସ୍ଥିତ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ(ପିଜିଆଇଏମ୍‌ଇଆର୍) ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ପଞ୍ଜାବରେ ୨୦ ଲକ୍ଷ ଲୋକ ମଦ୍ୟପାନ କରୁଥିବା ବେଳେ ପ୍ରାୟ ୧୫ ଲକ୍ଷ ତମାଖୁ ସେବନ କରୁଥିଲେ। ତେବେ ଅମୃତସର ମାଜିଥା ଅଞ୍ଚଳରେ ଘଟିଥିବା ଅଘଟଣକୁ ଦେଖି ପୋଲିସ ପକ୍ଷରୁ କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ଅଞ୍ଚଳକୁ ଅନ୍‌ଲାଇନ୍‌ରେ ବହୁ ପରିମାଣରେ ମିଥାନଲ୍ ମଗାଯାଇଥିଲା। ତେଣୁ ମଦ ପ୍ରସ୍ତୁତ ବେଳେ ଭାଗମାପରେ ଏପଟସେପଟ ହେବାରୁ ତାହା ବିଷାକ୍ତ ହୋଇଯାଇଥିବା କୁହାଯାଉଛି। ଅଘଟଣ ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ନୁହେଁ, ବରଂ ହତ୍ୟା ଆଖ୍ୟା ଦେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଇତିମଧ୍ୟରେ କେତେ ଜଣଙ୍କୁ ଗିରଫ କରାଯାଇଛି। ସେପଟେ ବିରୋଧୀ ଦଳ ବେଆଇନ ମଦ ମାଫିଆଙ୍କୁ ସରକାର ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ୨୦୨୦ ଜୁଲାଇରେ ପଞ୍ଜାବରେ ବିଷାକ୍ତ ମଦ୍ୟପାନ ଯୋଗୁ ୧୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

କେବଳ ପଞ୍ଜାବ ନୁହେଁ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ତାମିଲନାଡୁ, କର୍ନାଟକ ଆଦି ରାଜ୍ୟରେ ମଦ ମୃତ୍ୟୁ ବିଭୀଷିକା ଅତୀତରେ ଦେଖିବାକୁ ମିଳିଛି। ଚିନ୍ତାର ବିଷୟ ହେଉଛି ଗୁଜରାଟ ରାଜ୍ୟ ଗଠନ ଦିନଠାରୁ ଏହା ଏକ ଡ୍ରାଏ ଷ୍ଟେଟ୍ ବା ମାଦକଦ୍ରବ୍ୟ ବିହୀନ ରାଜ୍ୟର ଶିରପା ଧାରଣ କରିଥିବା ବେଳେ ନିକଟ ଅତୀତକୁ ଦେଖିଲେ ୨୦୦୯ରେ ମଦ ପିଇ ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୨ରେ ୪୨ ଜଣଙ୍କ ପ୍ରାଣ ଯାଇଥିଲା। ଏଥିରୁ ବୁଝିବାକୁ ହେବ ଯେ ଗୋଟିଏ ରାଜ୍ୟରେ ମଦ ବାରଣ ହୋଇଗଲେ ମଧ୍ୟ ଦେଶୀ ମଦ କାରବାରକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଏଥିସହ ଗୁଜରାଟ ପୋଲିସର ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୪ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତ ତିଆରି ବିଦେଶୀ ମଦ ବୋତଲ ଜବତ ହୋଇଥିଲା। ହିସାବ କହେ ଯେ, ପ୍ରତି ୪ ସେକେଣ୍ଡରେ ଗୋଟିଏ ମଦ ବୋତଲ ଜବତ ହେଉଥିଲା। କେବଳ ସେତିକି ନୁହେଁ, ମୁନ୍ଦ୍ରା ବନ୍ଦରରୁ ୧୩ ସେପ୍ଟେମ୍ବର ୨୦୨୧ରେ ୨୧ ହଜାର କୋଟି ଟଙ୍କାର ହେରୋଇନ୍ ଜବତ ହୋଇଥିଲା। ଏହାବାଦ୍ ବହୁ ସମୟରେ ଗୁଜରାଟ ଉପକୂଳରୁ ମାଦକଦ୍ରବ୍ୟ ଜବତ ହେବାର ଖବର ମିଳିଥାଏ। ସେହିପରି ୨୦୧୬ରେ ବିହାରକୁ ଡ୍ରାଏ ଷ୍ଟେଟ୍ ଘୋଷଣା କରାଯାଇଥିଲେ ମଧ୍ୟ ସେଠାରେ ମାଦକଦ୍ରବ୍ୟ କାରବାର ବଢ଼ିଥିବା ଦେଖିବାକୁ ମିଳିଛି।

ଦେଶର ବିଭିନ୍ନ ପ୍ରାନ୍ତରେ ଦେଖାଦେଉଥିବା ବିଷାକ୍ତ ମଦମୃତ୍ୟୁ ପଛରେ ଅସାଧୁ ପ୍ରସ୍ତୁତକର୍ତ୍ତା ଓ ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି ରହୁଛି। ଅଧିକ ଅର୍ଥ ରୋଜଗାର ଲକ୍ଷ୍ୟରେ ଏମାନେ ଅପମିଶ୍ରିତ ମଦକୁ ସହରାଞ୍ଚଳ ଉପକଣ୍ଠରେ ଗରିବ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏହାର ନିୟମିତ ଯାଞ୍ଚ କରୁ ନ ଥିବାରୁ ମଦ ବ୍ୟବସାୟୀମାନେ ଚାହିଦାକୁ ଲକ୍ଷ୍ୟରେ ରଖି ଅପମିଶ୍ରଣ କରିବାରେ ଲାଗୁଛନ୍ତି। କିନ୍ତୁ ଯେତେବେଳେ ଅସ୍ୱାଭାବିକ ସ୍ଥିତି ଉପୁଜୁଛି ପୋଲିସ କାଁଭାଁଙ୍କୁ ଗିରଫ କରି ଦାୟିତ୍ୱ ମୁଣ୍ଡରୁ ଖସାଇ ଦେଉଛି। ସରକାରଙ୍କ ଉପରେ ଚାପ ପଡ଼ିଲେ କମିଶନ ବସାଇବାର ଭେଳିକି ଦେଖାନ୍ତି। କିନ୍ତୁ କମିଶନ ରିପୋର୍ଟ କେତେବେଳେ କେମିତି ବାହାରେ ଓ କେଉଁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏ ତାହାର କେହି ଆଦିଅନ୍ତ ପାଇ ନ ଥାନ୍ତି।

ଗୋଟିଏ ଦୃଷ୍ଟିରୁ ଦେଖିଲେ ମଦୁଆମାନେ ନିଜ ଇଚ୍ଛାରେ ବିଷ ପିଇବାକୁ ପ୍ରସ୍ତୁତ। ଅନେକ ସମୟରେ ସେମାନେ ତାଙ୍କ ପରିବାର ଓ ସମାଜ ଉପରେ ବୋଝ ପାଲଟି ଥାଆନ୍ତି। କିନ୍ତୁ ସେଇମାନେ ହିଁ ମଦ ବେପାରୀଙ୍କ ପାଇଁ ସମ୍ପତ୍ତି। ଏହି ବେପାରକୁ ସରକାର ଗୁରୁତ୍ୱର ସହ ନିୟନ୍ତ୍ରଣକୁ ନ ଆଣିଲେ କେବଳ ଯେ ଜୀବନ ଯାଉଛି ତାହା ନୁହେଁ, ମଦର ବିଷାକ୍ତ ସ୍ପର୍ଶ ପରିବାର ସହ ସ୍ଥାନୀୟ ଅର୍ଥନୀତିକୁ ଛାରଖାର କରିଚାଲିଥିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 7 |
| 2 | | | 6 | | | | | |
| | | | 2 | 8 | | 5 | | 4 |
| | 2 | | | 7 | | | | 3 |
| | | | 5 | | | | | |
| 3 | | | 1 | | | 9 | 7 | |
| | 5 | 9 | | | | | | |
| | 4 | | | | 3 | 8 | 5 | 1 |
| | | 8 | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 9 | 7 | 1 | 6 | 4 | 5 |
| 7 | 9 | 6 | 4 | 3 | 5 | 2 | 1 | 8 |
| 1 | 5 | 4 | 8 | 6 | 2 | 7 | 3 | 9 |
| 3 | 6 | 1 | 2 | 5 | 9 | 4 | 8 | 7 |
| 5 | 4 | 7 | 6 | 1 | 8 | 3 | 9 | 2 |
| 2 | 8 | 9 | 3 | 4 | 7 | 1 | 5 | 6 |
| 4 | 7 | 3 | 5 | 8 | 6 | 9 | 2 | 1 |
| 6 | 2 | 5 | 1 | 9 | 4 | 8 | 7 | 3 |
| 9 | 1 | 8 | 7 | 2 | 3 | 5 | 6 | 4 |

ଗତକାଲିର ଉତ୍ତର

# ଜାତୀୟ ଆବଶ୍ୟକତା: ଭାରତୀୟଙ୍କ ସାଧୁତା



ଡ. ଶରତ ଚନ୍ଦ୍ର ପରିଡ଼ା

ଆଜି ବିଶ୍ୱରେ ଭାରତର ଜାତୀୟ ଚରିତ୍ର ଏକ ଦୋ'ଛକିରେ। ନୀତିନୈତିକତା ଓ ଆଧ୍ୟାତ୍ମିକ ପରମ୍ପରାରେ ସମୃଦ୍ଧ ଭାରତର ସାଂସ୍କୃତିକ ଜୀବନ ବିଡ଼ମ୍ବିତ। ଆଦର୍ଶ କମ୍ ଆଡ଼ମ୍ବର ବେଶି। ଆଚାର କମ୍ ପ୍ରଚାର ବେଶି। ନୀତି କମ୍, ଦୁର୍ନୀତି ବେଶି। ବିଶ୍ୱର ୧୮୦ ଦେଶ ମଧ୍ୟରୁ ସ୍ୱଚ୍ଛତା(ଟ୍ରାନ୍ସପରେନ୍ସି)ରେ ଭାରତ ୮୫ ଓ ଦୁର୍ନୀତିରେ ୯୬ ତମ ସ୍ଥିତିରେ ରହିଛି। ସଚ୍ଚୋଟତା ଆକଳନରେ ଦୁର୍ନୀତିକୁ ବିରୋଧ କରିବାର ସାହସର ଅଭାବ, ସମାଜରେ ଉଚ୍ଚ ନୀଚ ଶ୍ରେଣୀ ସୃଷ୍ଟି, କ୍ଷମତାର ଅପବ୍ୟବହାର, ଦଳିତଙ୍କ ଶୋଷଣ କଷଣ ତଥା ଜନସାଧାରଣଙ୍କ ସଚେତନତାର ଅଭାବ ଆଦି ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ମାପଦଣ୍ଡ ଗ୍ରହଣ କରାଯାଇଥିଲା। ମିଥ୍ୟା, ଛଳନାରେ ବ୍ୟକ୍ତି ଓ ଜାତୀୟ ଜୀବନ ଆଜି ଅଣନିଃଶ୍ୱାସୀ, ଅତିଷ୍ଠ। ସାଧୁତା ସାର୍ବଭୌମିକ ଓ ସାର୍ବଜନୀନ। ଏକାଧିକ ଭଲ/ଉତ୍ତମ/ସକାରାତ୍ମକ ଗୁଣର ସଂହତ ଓ ସନ୍ତୁଳିତ ଆଚରଣ ସାଧୁତାର ପରିଭାଷା। ଏହା କାୟମନୋବାକ୍ୟର ଏକତା ଓ ଅଖଣ୍ଡତା। ଚରିତ୍ରରେ ଥିବା ଦୟା, ଉଦାରତା, ସମାନାନୁଭୂତି, ସହାନୁଭୂତି, ସମ୍ବେଦନା, ସତ୍ୟ, ଧର୍ମ, ନ୍ୟାୟ ଆଦି ସଚ୍ଚୋଟତାର ଭିତ୍ତିଭୂମି। ପରପାଇଁ ଚିନ୍ତା/ଭାବନା ଦ୍ୱାରା ସାଧୁତା ସଞ୍ଚାଳିତ। ବ୍ୟକ୍ତି ନିଜ ପାଇଁ ସାଧୁ ଓ ପରପାଇଁ ଅସାଧୁ। ନାଗରିକର ବ୍ୟକ୍ତିଗତ ସାଧୁତା ଦ୍ୱାରା ଦେଶର ଚରିତ୍ର ନିର୍ମାଣ କରାଯାଇଥାଏ। ଆକବର ବୀରବଲଙ୍କ ପୋଖରୀରେ ରାତିରେ କ୍ଷୀର ଢାଳିବା କାହାଣୀ ଦ୍ୱାରା ରାଜ୍ୟବାସୀଙ୍କ ଅସାଧୁ ପ୍ରକୃତି ବୀରବଲ ପ୍ରମାଣ କରି ଦେଇଥିଲେ। ସର୍ତ୍ତ ଥିଲା- ଅଦେଖାରେ ରାଜ୍ୟବାସୀ ନିର୍ଦ୍ଦିଷ୍ଟ ପୋଖରୀରେ ରାତିରେ କ୍ଷୀର ଢାଳିବେ। ପ୍ରଜା ଭାବିଲେ-ମୁଁ ପାଣି ଢାଳିଲେ ଅନ୍ୟ ଢାଳିଥିବା କ୍ଷୀରରେ ମିଶିଯିବ। କେହି ଜାଣିପାରିବେ ନାହିଁ। ପରିଣାମରେ କ୍ଷୀରପୋଖରୀ ପରିବର୍ତ୍ତେ ରାତି ପାହିଲାବେଳକୁ ଜଳପୋଖରୀ ଦେଖିବାକୁ ମିଳିଥିଲା। ସାଧୁତା ସହିତ ମୁହାଁମୁହିଁ ହୋଇଗଲେ ସ୍ୱାର୍ଥପର ମୁହଁମୋଡ଼ି ଚାଲିଗଲାବେଳେ ନିଃସ୍ୱାର୍ଥପର ତାକୁ ପାଛୋଟି ନିଏ।

ଅସାଧୁତାପ୍ରବଣ ମଣିଷର ପ୍ରବୃତ୍ତି ପ୍ରଦୂଷିତ। ବୃତ୍ତିଧାରୀ, ବ୍ୟବସାୟୀ, ଉଦ୍ୟୋଗୀ ବା ସାଧାରଣ ଜନତା ଦୁର୍ନୀତିଗ୍ରସ୍ତ। ମିଥ୍ୟା ମୂଲ୍ୟବୋଧ ନିଶାରେ ମଣିଷ ମତୁଆଲା। ତୃଷ୍ଣା ଅତୃପ୍ତ। ଅନୀତି କରି ଦଣ୍ଡକୁ ଡରି ଉତ୍କୋଚ ଭରି ମୁକ୍ତି ପାଇବାର ବିଫଳ ପ୍ରୟାସ। ଅଳ୍ପ ବା ବିନା ଶ୍ରମରେ ଧାର୍ଯ୍ୟ ପ୍ରାପ୍ୟଠାରୁ ଅଧିକ ପ୍ରାପ୍ତି ପାଇଁ ଅସାଧୁତା ସହଜ ସରଳ ବାଟ। ମନରେ ଅସରନ୍ତି କାମନା ବାସନାର ବସା। ଧର୍ମନିଷ୍ଠାରେ ଦେଖାଇହେବାର ପରାକାଷ୍ଠା। 'କର୍ମ ଏକା ତା'ର ଜୀବନର ମାନଦଣ୍ଡ'-ଗୋପବନ୍ଧୁଙ୍କ ଏହି ଉକ୍ତି ଉପରେ ବିଶ୍ୱାସ ଦୁର୍ବଳ। ସତ୍ୟ ବିକଳ। ଧର୍ମ ଅଚଳ। ନ୍ୟାୟ କୁଚକ୍ରୀଙ୍କ ଷଡ଼ଯନ୍ତ୍ର କବଳିତ। କିଣାବିକାର ଦ୍ରବ୍ୟ। ସାପଶିଡ଼ିର ଲୁଡୁଖେଳ। ବିଚାରରେ ବିଭ୍ରାଟ। ବିବେକ ବେକହୀନ। ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ସ୍ୱାଧୀନ ଚିନ୍ତା ନୀରବତାରେ ଅପହୃତ। ଯୁକ୍ତି ବାଟବଣା। ସାଧୁ ଚିନ୍ତା ଓ ଚେତନା



ଦୈନନ୍ଦିନ ଜୀବନରେ ପଦେ ପଦେ ପ୍ରତିହତ। ଅସାଧୁତା-ଜାଲରେ ସାଧୁତା ମୀନ ପରି ଛଟପଟ। ଉଦାରତା ଆଜି ଚରମ ଉଦାସୀନତା। ମଣିଷ ମଣିଷ ଭିତରେ ପ୍ରୀତି ବଦଳରେ ଭୀତି। ସେବା ଶୋଷଣର ଶୋଷ। ସ୍ୱଦେଶ ବତ୍ସଳତା ଓ ମାତୃଭୂମିର ମମତା ବଦଳରେ ଧନବତ୍ସଳତା, କ୍ଷମତାବତ୍ସଳତା, ନାମଯଶବତ୍ସଳତାର ପ୍ରାବଲ୍ୟ। ଜ୍ଞାନ ପ୍ରତି ବିତୃଷ୍ଣା। ଚରିତ୍ରରେ ପକ୍ଷାଘାତ। ଅସାଧୁତାର ରାଜ୍ୟରେ ସାଧୁତା ନୂଆ ଆଗନ୍ତୁକ। ମଣିଷ ବସ୍ତ୍ର ବଦଳାଇଥାଏ, ସମ୍ପର୍କ ବଦଳାଇଥାଏ ଆଉ ଶେଷରେ ଘର ବଦଳାଇଥାଏ, ତଥାପି ଦୁଃଖୀ ରହିଥାଏ; କାହିଁକି ନା ନିଜର ଅସାଧୁ ସ୍ୱଭାବ ବଦଳାଇ ନ ଥାଏ।

ଭାରତୀୟ ସଂସ୍କୃତିର ଅନ୍ତରାତ୍ମା କହେ ସାଧୁତା ପ୍ରତ୍ୟେକ ଭାରତୀୟର ମର୍ମ ଓ ଧର୍ମ। ଭାରତୀୟମାନେ ସଚ୍ଚୋଟ ଓ ନ୍ୟାୟପରାୟଣ ହୁଅନ୍ତୁ। ଅନ୍ତରକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ଆତ୍ମବିଶ୍ଳେଷଣ ଲୋଡ଼ା। ସତ୍ୟବିଚାର ସତ୍ୟ ଆଚାରର ଅପେକ୍ଷା ରଖେ। ଅଜ୍ଞାନତା ଅସାଧୁତାର ମାତା। ସାଧୁତା ଜ୍ଞାନ ପୁସ୍ତକର ପ୍ରଥମ ଅଧ୍ୟାୟ। ସାଧୁତା ଅବଲମ୍ବନରେ ଜ୍ଞାନର ଧାରା ପ୍ରବାହିତ ହୁଏ। ବିଚାର ଅନନ୍ତ ଶକ୍ତିଯୁକ୍ତ। ନକାରାତ୍ମକ ପଞ୍ଝାରୁ ସ୍ୱୟଂକୁ ବଦଳାଇବାକୁ ହେବ। ଏହା ସତ ଯେ ସାଧୁତା ଉନ୍ମୁଖ ହେଲାବେଳେ ନାନା ନକାରାତ୍ମକ ଶକ୍ତି ବାଟ ଓଗାଳେ। କାମନା କଣ୍ଟା ସାଜେ। ବାସନା ବାସି ଉଠେ। ଆତ୍ମସ୍ୱାର୍ଥ ଭ୍ରମାତ୍ମକ ନିଷ୍ପତ୍ତି ନିଏ। ଗୋଟିଏ ପକ୍ଷରେ ଅବିଚାର, ଦୁଷ୍ପ୍ରବୃତ୍ତି, ଅନ୍ୟ ପକ୍ଷରେ ସାଧୁତାର ଆହ୍ୱାନ-ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ। ସାଧୁତାରେ ଦୃଢ଼ତା ଥିଲେ ଅନ୍ତର୍ଦ୍ୱନ୍ଦ୍ୱରେ ବ୍ୟକ୍ତି ବିଜୟୀ ହୁଅନ୍ତି। ସାଧୁତାରେ ବିମଳ ଆନନ୍ଦ ଓ ଅସାଧୁତାରେ ଆସୁରିକ ଆନନ୍ଦ ମିଳିଥାଏ। ଅସାଧୁତା ଆଚରଣରେ ମାନବ ନିଜକୁ ବ୍ରହ୍ମାଣ୍ଡୀୟ ଚେତନାରୁ ନିଜକୁ ବିଚ୍ଛିନ୍ନ କରି ଦିଏ। ସାଧୁତାର ସ୍ପନ୍ଦନ ବାହାରକୁ ଦେଖା ନ ଗଲେ ମଧ୍ୟ ଜୀବନକୁ ବଞ୍ଚେଇ ରଖିଥାଏ। ଜଣେ ଅନ୍ୟ ପାଇଁ ବଞ୍ଚିଲେ ଅନ୍ୟମାନେ ତାଙ୍କ ପାଇଁ ବଞ୍ଚନ୍ତି। ସାଧୁତା ଏକ ବୃକ୍ଷ ହେଲେ ଈଶ୍ୱରୀୟ ଚିନ୍ତା/ଚେତନା ତାହାର ମାଟି, ସସାହସ ବୀଜ, ସତ୍ୟ ଚେର, ଅଖଣ୍ଡତା ଶାଖାପ୍ରଶାଖା, ନ୍ୟାୟପରାୟଣତା ପତ୍ର, ବିବେକ ରସ, ଆନ୍ତରିକତା ଛାଇ, ସେବା ତାହାର ପୁଷ୍ପ ଓ ନିର୍ଲୋଭତା ତାହାର ଫଳ। ପ୍ରତିବଦ୍ଧତା ସୂର୍ଯ୍ୟକିରଣ। ବିପଦ/ସଙ୍କଟ/ଆହ୍ୱାନ ତା'ପାଇଁ ଝଡ଼ବତାସ। ସାଧୁତା ଚେଇଁଲେ ଆତ୍ମସଂଶୋଧନ ଆରମ୍ଭ ହୁଏ। ସେବାର ରୂପ ନିଏ। ନେତା ଜନତା ସତ୍ୟନିଷ୍ଠ ଓ ସଚେତନ ହେଲେ ଦେଶ ସ୍ୱଚ୍ଛ ହେବାରେ ବେଶି ଡେରି ହୁଅନ୍ତା ନାହିଁ।

ସାଧୁତା ଏକ ନୈତିକ ଦିଗ୍‌ନିର୍ଣ୍ଣୟ ଯନ୍ତ୍ର। ବ୍ୟକ୍ତି ଓ ଜାତିର ନିଷ୍ପତ୍ତି ଓ କାର୍ଯ୍ୟକୁ ଆଗକୁ ଯିବାକୁ ବାଟ ଫିଟାଏ। ସାଧୁତା ଏକ ଅଳଙ୍କାର ନୁହେଁ; ଅର୍ଗେନିଭା ଅନୁଭୂତି। ମନୋବିକାରର କାରଣ ଥିବା ସତ୍ତ୍ୱେ ଯେଉଁମାନଙ୍କର ମନୋବିକାର ଘଟେ ନାହିଁ, ସେହିମାନେ ହିଁ ପ୍ରକୃତରେ ସାଧୁ/ଧୀର। ସାଧୁତା ପ୍ରତି ପ୍ରତିଶ୍ରୁତିବଦ୍ଧ ହେଲେ ଭୁଲ୍ ବୁଝାମଣା, ସନ୍ଦେହ ଓ ଭୟ ସମାଜରେ ହ୍ରାସ ପାଇଥାଏ। ସାଧୁତା ଏକ ପାରସ୍ପରିକ ଦାୟିତ୍ୱ। ଏକ ଉପହାର ଯାହା ଜଣେ ନିଜକୁ ଓ ଅନ୍ୟକୁ ଭେଟି ଦେଇଥାଏ। ସାଧୁତା ନିଜ ବ୍ୟକ୍ତିତ୍ୱର ସୁରକ୍ଷା କବଚ ଓ ପରପାଇଁ ଆଶୀର୍ବାଦ। ଆସ୍ଥା, ସମ୍ମାନ ଓ ଗଭୀର ଆନ୍ତରିକତାକୁ ଏହା ପାଳନ ପୋଷଣ କରିଥାଏ। ଖୋଲାପଣ ଓ ବିଶ୍ୱାସଯୋଗ୍ୟତାର ସଂସ୍କୃତିକୁ ଆଗକୁ ନିଏ। ଗୋଟିଏ ଭୁଲ୍‌କୁ ରୋକିବାକୁ ଏହା ସବୁଠାରୁ ଦ୍ରୁତ ମାର୍ଗ। ବୁଦ୍ଧିର ମୋହ/ ଜଡ଼ତା ଦୂର କରି ମାନ ବୃଦ୍ଧି କରେ। ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଘଟାଏ।

ସାଧୁତା ଏକ ସାଧନା। ବଡ଼ମାନେ ଆଚରଣ କଲେ ସାନମାନେ ଅନୁପ୍ରାଣିତ ହୁଅନ୍ତି। ସକାରାତ୍ମକ ସମାନ-ଅନୁଭୂତି ଓ ସହ-ଅନୁଭୂତିରୁ ସାଧୁତାର ଅଙ୍କୁରୋଦ୍‌ଗମ। କଳ୍ପନାଶକ୍ତିର ଆଧିକ୍ୟରେ ବିଚାର ଘନୀଭୂତ ହୁଏ। ମନୁଷ୍ୟ ଯେପରି ହେବାକୁ ସଂକଳ୍ପ କରେ, ସେହିପରି ହୋଇଯାଏ। ଯେଉଁମାନଙ୍କର ସ୍ୱପ୍ନ ଓ ସଂକଳ୍ପ, କଳ୍ପନା ଓ ରଚନାରେ ସଂହତିର ଅନ୍ତଃସ୍ରୋତ ପ୍ରବାହିତ, ସେମାନେ ପ୍ରାଣାନ୍ତକ ସଙ୍କଟ ଆସିଲେ ମଧ୍ୟ ନିଜ ପ୍ରକୃତିକୁ ବିକୃତ କରି ନ ଥା'ନ୍ତି। ସାଦାସିଧା ଜୀବନରେ ଉଚ୍ଚ ଚିନ୍ତା ଆପଣେଇବା ସାଧୁର ଧର୍ମ। ସଚ୍ଚୋଟ ହେବା ପାଇଁ ପ୍ରତିଭା/ଜାତି/ସମୟ ଲୋଡ଼ା ନାହିଁ। ଲୋଡ଼ା କେବଳ ସକ୍ରିୟ ଧାର୍ମିକ ଶକ୍ତି ଓ ବିବେକ ଶକ୍ତିର ପ୍ରୟୋଗ। ଆତ୍ମସଂଯମୀ, ଇନ୍ଦ୍ରିୟ-ଲାଳସାରହିତ, ନିଃସ୍ୱାର୍ଥପରାୟଣ ସସାହସୀ ମଣିଷ ସାଧୁତା ଆଚରଣ କରିପାରେ। ସାଧୁତା ହେଉଛି ସତ୍ୟ ଚିନ୍ତନର ଅଭ୍ୟାସ। ସଂହତିହୀନ ଅନାଡ଼ି ବ୍ୟକ୍ତି ପ୍ରଥମେ ନିଜକୁ ମିଛ କହେ, ପରେ ଅନ୍ୟକୁ। ସଚ୍ଚୋଟତା ହେଉଛି ସତକୁ ଭଲ ପାଇବା, ସତ୍ୟକୁ ସ୍ୱୀକାର କରିବା ଓ ସତରେ ବଞ୍ଚିବା। ଆମେରିକାର ଲେଖକ ଓ ହାସ୍ୟରସିକ ମାର୍କ ଟ୍ୱେନ୍ ମଣିଷକୁ ଚିହ୍ନାଇ କହନ୍ତି, ''ସବୁ ପଶୁଙ୍କ ମଧ୍ୟରେ ମଣିଷ ଏକମାତ୍ର ବ୍ୟତିକ୍ରମ ଯିଏ ମିଛ କହେ।'' ବିଶ୍ୱାସକୁ କାର୍ଯ୍ୟକାରୀ ନ କରିବା କେବଳ ବୌଦ୍ଧିକ ଆତ୍ମସନ୍ତୁଷ୍ଟି। ସାଧୁତାର ଶୀତଳ ଛାଇରେ ଆତ୍ମଚେତନା ବିଶ୍ୱଚେତନାରେ ସମ୍ପ୍ରସାରିତ ହୁଏ। ଅନ୍ୟକୁ ପ୍ରସନ୍ନ କରିପାରିଲେ ଆତ୍ମପୁରୁଷ ପ୍ରସନ୍ନ ହୁଏ। ସାଧୁତାରେ ଦୃଢ଼ତା ଥିଲେ ଦୁଃସ୍ଥ ନିପୀଡ଼ିତଙ୍କ ପାଇଁ କୋମଳତା ପ୍ରକାଶ ପାଏ। ସାଧୁତା ବ୍ୟକ୍ତିକୁ ଚନ୍ଦନ ଓ ଚନ୍ଦ୍ରଠାରୁ ଅଧିକ ଶୀତଳ ସ୍ପର୍ଶ ଦେଇଥାଏ। ବେଳେବେଳେ ସାଧୁତା ସହଜ ହୋଇ ନ ଥାଏ। ସାଧନାର କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତୁମେ ଜୀବନରେ ଯାହା ଚାହୁଁଛ, ତାହା ଅନ୍ୟମାନଙ୍କୁ ଦିଅ। ନିଶ୍ଚୟ ଫେରି ପାଇବ। ତାହା ଭଲ ପାଇବା, ସମ୍ମାନ ବା ସାଧୁତା ହୋଇପାରେ। ସାଧୁତା ଯେତେ ଜିତେ ଦୁର୍ନୀତି ପାରେ ନାହିଁ। ଗୋପବନ୍ଧୁଙ୍କ ଭାଷାରେ: ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର/ ମାନେ ଅବଶେଷେ ସତ୍ୟ ପାଖେ ହାର।

ଅବସରପ୍ରାପ୍ତ ଉପାଧ୍ୟକ୍ଷ
ପଟିଆ, ଭୁବନେଶ୍ୱର
ମୋ: ୯୪୩୭୭୭୬୯୦୮

# ଚିରସ୍ରୋତା ନଦୀ ପ୍ରତି ବିପଦ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ହିମାଳୟର ହିନ୍ଦୁକୁଶ ରେଜିୟନ (ଏଚ୍‌କେଏଚ୍)ରୁ ଉପର ନଦୀଗୁଡ଼ିକର ଜଳ ଧାରା ପ୍ରତି ଏବେ ବିପଦ ଦେଖାଦେଇଛି। ହିନ୍ଦୁକୁଶ ଅଞ୍ଚଳରୁ ବାହାରିଥିବା ନଦୀଗୁଡ଼ିକ ଚିରସ୍ରୋତା ଭାବେ ପରିଚିତ। ମୌସୁମୀ ଋତୁରେ ବର୍ଷା ଏବଂ ଗ୍ରୀଷ୍ମଋତୁରେ ବରଫ ତରଳିବା ଯୋଗୁ ଏହି ନଦୀଗୁଡ଼ିକରେ ବର୍ଷର ସବୁଦିନେ ଜଳଧାରା ରହିଥିବାରୁ ଏହାକୁ ଚୀରସ୍ରୋତା ନଦୀ ବୋଲି କୁହାଯାଇଥାଏ। ଦି ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ ମାଉଣ୍ଟେନ ଡେଭଲପମେଣ୍ଟ(ଆଇସିଆଇଏମ୍‌ଓଡି)ପକ୍ଷରୁ ନିକଟରେ ପ୍ରକାଶିତ ଏଚ୍‌କେଏଚ୍-୨୦୨୫ ସ୍ନୋ-ଅପଡେଟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଯେତିକି ଉଦ୍‌ବେଗଜନକ ସେତିକି ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ପାଞ୍ଚଟି ଶୀତଋତୁ ମଧ୍ୟରୁ ଚାରିଟିରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ କମ୍ ରହିଛି। ୨୦୨୪-୨୫ ଶୀତ ଋତୁରେ ସ୍ୱାଭାବିକ ସ୍ତରଠାରୁ ତୁଷାରପାତ ୨୩.୬ ପ୍ରତିଶତ କମ୍ ଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ଗ୍ରୀଷ୍ମଋତୁରେ ବରଫ ତରଳେ ସେତେବେଳେ ହିନ୍ଦୁକୁଶ ହିମାଳୟରୁ ୧୨ଟି ବଡ଼ ବଡ଼ ନଦୀ ଏକ ଚତୁର୍ଥାଂଶ ଜଳ ପ୍ରଦାନ କରିଥାଏ। ଏହି ନଦୀଗୁଡ଼ିକ ମଧ୍ୟରେ ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର, ମେକଙ୍ଗ, ଅମୁଦାର୍ଯ୍ୟ, ସାଲ୍ୱିନ ଆଦି ଅନ୍ୟତମ ତଥା ଜଣାଶୁଣା। ତେବେ ଶୀତ ଋତୁରେ ବରଫପାତରେ କ୍ରମାଗତ ଅନିୟମିତତା ଯୋଗୁ ଏହି ନଦୀଗୁଡ଼ିକ ଅବବାହିକାରେ ବସବାସ କରୁଥିବା ୨ ବିଲିୟନ ବା ୨୦୦ କୋଟିରୁ ଅଧିକ ଲୋକ ଭବିଷ୍ୟତରେ ଖରାଦିନେ ଉତ୍କଟ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେବା ରିପୋର୍ଟରେ ଆଇସିଆଇଏମ୍‌ଓଡି ଚେତାବନୀ ଦେଇଛି। କେବଳ ପାନୀୟ ଜଳ ନୁହେଁ, କୃଷି କ୍ଷେତ୍ରରେ ଜଳସେଚନ ଏବଂ ଜଳ ବିଦ୍ୟୁତ ଉତ୍ପାଦନ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ନେଇ ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ପ୍ରବାହିତ ନଦୀଗୁଡ଼ିକ, ଯେଉଁ ସମସ୍ତ ହିମାଳୟରୁ ବାହାରିଛି, ସେଠାର ଉପର ମୁଣ୍ଡରେ ଚଳିତବର୍ଷ ବରଫପାତ ସ୍ୱାଭାବିକ ତୁଷାରପାତ ୨୩.୬ ପ୍ରତିଶତ କମ୍ ରହିଥିବା ବେଳେ ମେକଙ୍ଗ ଅବବାହିକାରେ ଏହାର ସ୍ୱାଭାବିକ ସ୍ତରଠାରୁ ୫୧.୯ ପ୍ରତିଶତ କମ୍ ରହିଥିବାବେଳେ ଗାଲୱିନ ଅବବାହିକାରେ ୪୮.୩ ପ୍ରତିଶତ କମ୍



ରହିଛି। ସେହିପରି ବ୍ରହ୍ମପୁତ୍ର ଅବବାହିକାରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ ୨୭.୯ ପ୍ରତିଶତ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଗଙ୍ଗା ଅବବାହିକାରେ ତୁଷାରପାତ ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏହା ନିଃସନ୍ଦେହ ଯେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନବରତ ଭାବେ ହିନ୍ଦୁକୁଶ ହିମାଳୟ ରେଜିୟନରେ ତୁଷାରପାତ ହ୍ରାସ ପାଇବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରଭାବରେ ହିନ୍ଦୁକୁଶ ହିମାଳରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି ବୋଲି ଏକ ଗବେଷଣାତ୍ମକ ସର୍ଭେ ରିପୋର୍ଟରେ କୁହାଯାଇଛି। ଆଇସିଆଇଏମ୍‌ଓଡି ରିପୋର୍ଟରେ କୁହାଯାଇଛି ଯେ, ପ୍ୟାରିସ ଜଳବାୟୁ ଚୁକ୍ତିନାମାରେ ବିଶ୍ୱତାପନକୁ ୧.୫ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ବିଶ୍ୱ ସମ୍ମିଳନୀ ଘୋଷଣା କରିଛି। ଯଦି ୧.୫ ଡିଗ୍ରୀଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ତାପମାତ୍ରା ୦.୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଆଇସିଆଇଏମ୍‌ଓଡିର ବୈଜ୍ଞାନିକମାନେ ମଧ୍ୟ ସତର୍କ ଦେଇ କହିଛନ୍ତି ଯେ, ଯଦି ଏହି ଧାରା ଜାରି ରହେ, ତେବେ ନଦୀ ଅବବାହିକାରେ ଅଞ୍ଚଳ ଉତ୍କଟ ଜଳାଭାବର ସମ୍ମୁଖୀନ ହେବ, ଯାହାର ପରିଣତି ସ୍ୱରୂପ ଭୂତଳ ଜଳ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବା ସହ ମରୁଡ଼ିର ଆଶଙ୍କା ବୃଦ୍ଧି ପାଇବ।

ସରକାର ଓ ଜଳ ସଂସ୍ଥାଗୁଡ଼ିକ ଜଳ ସଞ୍ଚୟ ଯୋଜନା ପ୍ରସ୍ତୁତ କରିବା ସହ ମରୁଡ଼ି ପ୍ରତିକ୍ରିୟାରେ ଉନ୍ନତି ଆଣିବା ଏବଂ ସମ୍ବଳଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବେ ପରିଚାଳନା ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏଥିଲାଗି ନୀତି ନିର୍ଦ୍ଧାରକମାନେ ଦୀର୍ଘମିଆଦ ଭିତ୍ତିରେ ସ୍ୱଳ୍ପ ଜଳରେ ଚାଷ ଏବଂ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଏଥିସହ ହିମାଳୟ ପାଦଦେଶରେ କୃଷିଜମିକୁ ଜନବସତି ଅଞ୍ଚଳରେ ବଦଳକୁ ବନ୍ଦ କରିବା ଜରୁରୀ। ଏହା ନିଃସନ୍ଦେହ ଯେ, ହିମାଳୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ ପାଇଁ ସବୁମତେ ଜରୁରୀ। ଅନ୍ୟଥା ଚୀରସ୍ରୋତା ନଦୀଗୁଡ଼ିକ ଆଗାମୀ ଦିନରେ ଶୁଖିଲା ପଡ଼ିବ।

ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼,
ଭୁବନେଶ୍ୱର
ମୋ: ୭୯୭୮୬୬୬୪୦୩

## ଏଇ ଭାରତରେ

ଏବେ ଜୈବ ଚମଡ଼ା(ବାୟୋ ଲେଦର) ବ୍ୟବହାର କରିପାରିବେ। ବିଶେଷକରି ଟମାଟୋ ବର୍ଜ୍ୟରୁ ଏହା ତିଆରି କରାଯାଉଛି। ୨୬ ବର୍ଷ ବୟସ୍କ ପ୍ରୀତିଶ୍ ମିସ୍ତ୍ରି ଦି ବାୟୋ କମ୍ପାନୀ(ଟିବିସି) ପ୍ରତିଷ୍ଠା କରି ତା' ମାଧ୍ୟମରେ ଏଭଳି ଚମଡ଼ା ପ୍ରସ୍ତୁତ କରୁଛନ୍ତି। ଏହି ବାୟୋ ଲେଦର ନରମ ଓ ଟାଣ ହେଉଛି। ଟମାଟୋରେ ପ୍ରାକୃତିକ ପଲିମର ପେପ୍‌ଟିନ ରହିଥିବାରୁ ରାସାୟନିକ ପ୍ରକ୍ରିୟାକରଣ ସାହାଯ୍ୟରେ ଏହି ଚମଡ଼ା ତିଆରି କରାଯାଉଛି। ପ୍ରୀତିଶ୍ ଥାଡୋମଲ ସାହାଣୀ ଇଞ୍ଜିନିୟରିଂ କଲେଜରୁ ବାୟୋଟେକ୍‌ନୋଲୋଜିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପଢ଼ିବା ସମୟରୁ ହିଁ ସେ ଜୈବ ଚମଡ଼ା ତିଆରି ଉପରେ ଗବେଷଣା କରି ୨୦୧୯ରେ ସଫଳତା ପାଇଥିଲେ। ଏବେ ବାୟୋ ଲେଦର ପାଇଁ ସେ ଟମାଟୋ ବର୍ଜ୍ୟ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଥିବା ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ରୁ ସଂଗ୍ରହ କରୁଛନ୍ତି। ସୁରଟସ୍ଥିତ ଏକ କମ୍ପାନୀରେ ପ୍ରତି ମାସରେ ପାଖାପାଖି ୫,୦୦୦ ମିଟର ବାୟୋ ଲେଦର ତିଆରି ହେଉଛି। ଭାରତରେ ବର୍ଷକୁ ୪୪ ମିଲିୟନ ଟନ୍ ଟମାଟୋ ଉତ୍ପାଦନ ହେଉଛି ଓ ଏହାର ୩୦-୩୫ ପ୍ରତିଶତ ନଷ୍ଟ ହୋଇଯାଉଛି। ଯଦି ଏହାକୁ ଜୈବ ଚମଡ଼ା ପ୍ରସ୍ତୁତିରେ ବ୍ୟବହାର କରାଯାଇପାରନ୍ତା, ତେବେ ବହୁସଂଖ୍ୟାରେ ଜୀବ ହତ୍ୟା ହ୍ରାସ ପାଇପାରନ୍ତା ବୋଲି କୁହନ୍ତି ପ୍ରୀତିଶ୍।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ତୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗଛକଟା ଚାଲିଛି, ଲଗାଯାଉ ନାହିଁ

ମହାଶୟ,

ପ୍ରତିବର୍ଷ ରୌଦ୍ରତାପ ବଢ଼ି ଚାଲିଛି। ୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ହେବା ସମୟରେ ବହୁ ଗଛ କଟାହେଲା। ପୁଣି ୫ ଲେନ୍ ହେଲା ପରେ ଆହୁରି କଟାଗଲା। ଭୁବନେଶ୍ୱର-ପୁରୀ ୪ ଲେନ୍ ରାସ୍ତା ନିର୍ମାଣବେଳେ ସବୁଗଛ କଟା ହୋଇଗଲା। ବାଲେଶ୍ୱରର ଶେରଗଡ଼-ଝରଣାଘାଟି ରାସ୍ତାର ୪ ଲେନ୍ କାର୍ଯ୍ୟ ଚାଲିଛି। ସବୁଗଛ କଟାଗଲା। କୁରୁଡ଼ା ବାଇପାସ୍‌ରୁ ବାଲେଶ୍ୱର ସହର ପୁରୁଣା ସଦର ଥାନା ପର୍ଯ୍ୟନ୍ତ ରାସ୍ତା ୪ ଲେନ୍ ହେଲା। ଏଠାରେ ମଧ୍ୟ ଗଛସବୁ କଟାହେଲା। ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ଘଞ୍ଚ ଜଙ୍ଗଲରୁ ଅବାଧରେ ଗଛ କଟାଚାଲିଛି। ସଜନାଗଡ଼ର ମା' ଭୁଧାରଚଣ୍ଡୀଙ୍କ ମନ୍ଦିର ନିକଟ ତିନିକୋଣିଆ ଜଙ୍ଗଲରୁ ପ୍ରତ୍ୟହ ଗଛକଟା ଚାଲିଛି। ବାଲେଶ୍ୱରର ଚାନ୍ଦିପୁର, ବଳରାମଗଡ଼ି, କଷାଫଳ, ଚୌମୁଖୀ, ଡଗିରା ବେଳାଭୂମିରୁ ପ୍ରତ୍ୟହ ହଜାର ହଜାର ଝାଉଁଗଛ କଟାଚାଲିଛି, ହେଲେ କୌଣସିଠାରେ ଗଛ ଲଗାଯାଉନାହିଁ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଓଡ଼ିଆ ଭାଷାର ବ୍ୟବହାର କମୁଛି

ଓଡ଼ିଆ ଭାଷା ଓ ଅକ୍ଷର ସବୁଠାରୁ ସୁନ୍ଦର। ଏପରି ଏକ ସୁନ୍ଦର ଭାଷାକୁ ଆମେ ଆମର ମାତୃଭାଷା ଭାବେ ପାଇବା ଅତି ଗର୍ବ ଓ ଗୌରବର ବିଷୟ। ମାତ୍ର ଏବେ ଓଡ଼ିଆ ଭାଷା ଦୁର୍ଗତି ମଧ୍ୟରେ ଗତି କରୁଛି। ଓଡ଼ିଆରେ କେହି କଥାବାର୍ତ୍ତା ହେବାକୁ ଓ ଏପରିକି ଚିଠି ଖଣ୍ଡେ ଲେଖିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଏ କ୍ଷେତ୍ରରେ କାହାରର ଆଗ୍ରହ କି ସାମର୍ଥ୍ୟ ନାହିଁ। ତଥାପି ଯେଉଁମାନେ ଲେଖାଲେଖି କରୁଛନ୍ତି ସେମାନଙ୍କର ଭାଷା ଓ ବ୍ୟାକରଣ ଜ୍ଞାନ ଅଭାବ ପାଇଁ ବିକୃତ ଭାବରେ ବ୍ୟବହାର ହେଉଛି। ତେଣୁ ଓଡ଼ିଆ ଭାଷାର ବ୍ୟବହାର କ୍ରମେ ହ୍ରାସ ପାଇବାରେ ଲାଗିଛି। ଯେକୌଣସି ଭାଷାର ବ୍ୟବହାର କମିଲେ ସେ ଭାଷାର ମୃତ୍ୟୁ ହୁଏ। ବର୍ତ୍ତମାନ ଓଡ଼ିଆ ଭାଷାର ଏପରି ଦୁର୍ଗତି ପାଇଁ ରାଜ୍ୟ ସରକାର ମୁଖ୍ୟତଃ ଦାୟୀ। ଏବେ ସୁଦ୍ଧା ସରକାରୀ କାର୍ଯ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛକଟା



ପାତ୍ରପୁର, ୧୩।୫ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ସାମନ୍ତିଆପଲ୍ଲୀଠାରୁ ଜରଡା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ମଙ୍ଗଳବାର ବନ ବିଭାଗ ପକ୍ଷରୁ ରାସ୍ତା କଡ଼ରେ ଥିବା ପ୍ରାୟ ୭ଟି ଗଛ କଟାଯାଉଛି। ପୂର୍ତ୍ତ ବିଭାଗ ରାସ୍ତା ଉପରେ ବଡ଼ ବଡ଼ ଗଛ ରହିଥିବା ଯୋଗୁ କାମ ସମ୍ଭବ ହୋଇପାରୁ ନାହିଁ। ଏନେଇ ପୂର୍ତ୍ତ ବିଭାଗ ତରଫରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ତେବେ ବନଖଣ୍ଡ ଅଧିକାରୀଙ୍କ ଅନୁମତି କ୍ରମେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ସାମନ୍ତିଆପଲ୍ଲୀ, ବମକେଇ, ଜିଲୁଣ୍ଡା ଓ ସୁବର୍ଣ୍ଣପୁର ଗ୍ରାମ ନିକଟରେ ଥିବା ଗଛ କଟାଯାଇଛି। ଏହି ସମୟରେ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ସହ ସହ ବାଇକ ଚାଳକ, ଯାତ୍ରୀବାହି ବସ ସହ ସମସ୍ତ ଯାନବାହାନକୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି।

### ପାତ୍ରପୁରରେ ଭତ୍ତା ବଣ୍ଟନ

ପାତ୍ରପୁର, ୧୩।୫ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ପ୍ରଶାସନ ତରଫରୁ ନୂତନ ଭତ୍ତା ବିତରଣ ଉତ୍ସବ ମଙ୍ଗଳବାର ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ୱାଇ ସଂଯୁକ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷଣ ଚରଣ ସୋରେନ, ବ୍ଲକ୍ ଉପାଧ୍ୟକ୍ଷ ଓ ସିଡିପିଓ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା ୬୫ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୨୪୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୫ ଜଣଙ୍କୁ ଅବିବାହିତ ଭତ୍ତା ଓ ୧୧୦ ବିଧବା ମହିଳା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ୨୩ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ପ୍ରାୟ ୪୨୭ ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ଦିଆଯାଇଛି। କାର୍ଯ୍ୟକ୍ରମକୁ ବିଏସ୍ଏସ୍ଓ ସ୍ନେହାଶିସ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବ୍ଲକ୍‌ର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବଜ୍ରପାତରେ ଗାଈ, ଛେଳି ମୃତ

ବୁଗୁଡ଼ା, ୧୩।୫ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍‌ର ମାଣିତରା ଗ୍ରାମରେ ସୋମବାର ସନ୍ଧ୍ୟାରେ ବଜ୍ରପାତରେ ରମେଶ ଗୌଡ଼ଙ୍କ ଗୋଟିଏ ଗାଈ ଓ ଗୋଟିଏ ଛେଳି ମୃତ୍ୟୁ ହୋଇଛି। ରମେଶ ନିଜର ଗାଈ ଓ ଛେଳି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତ ସହ ବର୍ଷା ହୋଇଥିଲା। ବର୍ଷା ଯୋଗୁ ଗାଈ ଓ ଛେଳି ଗୁଡ଼ିକ ଗଛ ତଳକୁ ଚାଲି ଯାଇଥିଲେ। ସେହି ସମୟରେ ଏକ ବଡ଼ ଧରଣର ବଜ୍ରପାତ ଯୋଗୁ ଗାଈ ଓ ଛେଳିଙ୍କର ମୃତ୍ୟୁ ହୋଇଛି। ରମେଶ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ସରକାରୀ ସାହାଯ୍ୟ ପାଇଁ ଦାବି ହୋଇଛି।

### ୧୧୧ ପୋଷ୍ଟ ମାଷ୍ଟରଙ୍କୁ ତାଲିମ

ଭଞ୍ଜନଗର, ୧୩।୫ (ବାବୁଲା ପ୍ରଧାନ)

କେନ୍ଦ୍ର ସରକାର ଡାକ ବିଭାଗକୁ ଆଧୁନିକୀକରଣ କରୁଛନ୍ତି। ତେଣୁ ଜୁଲାଇ ୨୧ରୁ ରାଜ୍ୟର ସମସ୍ତ ଡାକ ଘରେ ଆଇଟି ୨.୦ ନୂଆ ସଫ୍ଟୱେର ବ୍ୟବହାର ହେବ। ଫଳରେ କର୍ମଚାରୀମାନେ ଏଣିକି ଗୋଟିଏ ସଫ୍ଟୱେରରେ ହିଁ ସମସ୍ତ ସୁବିଧା ପାଇବେ। ପୂର୍ବରୁ ୫ଟା ଲେଖାଏ ସଫ୍ଟୱେର ବ୍ୟବହାର ହେଉଥିଲା, ଯାହାକୁ ନେଇ କର୍ମଚାରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଆସିକା ଡାକ ମଣ୍ଡଳ ପକ୍ଷରୁ ମଙ୍ଗଳବାରଠାରୁ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୩୦ଦିନ ବ୍ୟାପୀ ହେବାକୁ ଥିବା ପୋଷ୍ଟ ମାଷ୍ଟର ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ୧୧୧ ଜଣ ଅଧିକାରୀ ୫ଟି ପର୍ଯ୍ୟାୟରେ ତାଲିମ ନେବେ। ରବି ନାରାୟଣ ଚୌଧୁରୀ ଏବଂ ପ୍ରଭାତ ପ୍ରଧାନ ଯୋଗଦେଇ ଅନ୍ୟ ଅଧିକାରୀଙ୍କୁ ନୂତନ ଜ୍ଞାନ କୌଶଳ ଉପରେ ତାଲିମ ଦେଉଛନ୍ତି। ପୋଷ୍ଟ ମାଷ୍ଟରମାନେ କମ୍ପ୍ୟୁଟର କିଭଳି ବ୍ୟବହାର କରିବେ ସେନେଇ ତାଲିମ ଦିଆଯାଇଛି।

# ମିଳିନି ଆୟୁଷ୍ମାନ୍ କାର୍ଡ, ଚିକିତ୍ସାରୁ ବଞ୍ଚିତ ଶୁଭରାଜ

ପାରଳାଖେମୁଣ୍ଡି, ୧୩।୫ (ଗିରିଧାରୀ ପରିଛା)



ଶୁଭରାଜ ମାଛ।

ଗଜପତି ଜିଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଆଶ୍ରୟଗଡ଼ ଗ୍ରାମର ଶୁଭରାଜ ମାଛ (୩୪) ଅଚିହ୍ନା ରୋଗରେ ଆକ୍ରାନ୍ତ ହୋଇ ପରିବାର ପାଇଁ ବୋଝ ପାଲଟିଛନ୍ତି। ଶୁଭରାଜଙ୍କ ଚିକିତ୍ସା ପାଇଁ ଅନେକ ମେଡ଼ିକାଲ ବୁଲିବୁଲି ହତାଶ ହେଲେଣି ପରିବାର ଲୋକେ। ଗରିବର କଷାଘାତରେ ପରିବାରକୁ ପ୍ରତିପୋଷଣ ପାଇଁ ବହୁ ପରିଶ୍ରମ କରି ଗାଁଗାଁ ବୁଲି ଛତା ଜୋତା ସିଲାଇ କରି ଦୁଇ ପଇସା ରୋଜଗାର କରି ଆଣୁଥିଲେ ଶୁଭରାଜ। ପରିବାର କହିଲେ ସ୍ତ୍ରୀ ଓ ଦୁଇଟି ଛୁଆ। ଏମାନଙ୍କ ଦାୟିତ୍ୱ ନେଇ ଗାଁଗାଁ ବୁଲି ରୋଜଗାର କରି ପରିବାର ସମ୍ଭାଳିଥିଲେ। ସ୍ୱାସ୍ଥ୍ୟ ଖରାପ ହେବା ପରେ ରୋଜଗାର ବନ୍ଦ ହୋଇଯିବା ସହ ରହିଗଲା ପକ୍କାଗୃହ ନିର୍ମାଣର ସ୍ୱପ୍ନ। ଅଚିହ୍ନା ରୋଗ ପରିବାରକୁ ଅନ୍ଧକାରକୁ ଠେଲି ଦେଇଛି। ଆତ୍ମୀୟ ଓ ସମ୍ପର୍କୀୟଙ୍କଠାରୁ ଋଣ ଆଣିବା ସହ ଯାହା କିଛି ଥିଲା ସବୁ ଚିକିତ୍ସାରେ ସର୍ବସ୍ୱାନ୍ତ ହୋଇଯାଇଛି। ବର୍ତ୍ତମାନ ହସ୍ପିଟାଲକୁ ନେବାକୁ ଆଉ ସମର୍ଥ ନ ଥିବା ବେଳେ ଆତ୍ମୀୟ ସମ୍ପର୍କୀୟଙ୍କ ସାହାଯ୍ୟରେ ପରିବାର ଚଳୁଛି। ସରକାରଙ୍କ ସହାୟତା ପାଇଁ ନିବେଦନ କରିଛନ୍ତି ସ୍ତ୍ରୀ ଟିକିମଣି ମାଛ। ଅନ୍ୟ ପଟେ ଶୁଭରାଜଙ୍କ ମା'ଦେବକୀ ମାଛ କହିଛନ୍ତି ଯେ, ପରିବାରର ଏକ ମାତ୍ର ରୋଜଗାରିଆ ପୁଅ କାମ କରି ଘର ଚଳାଉଥିଲେ। ହେଲେ ତାଙ୍କ ଦେହ ଖରାପ ହେବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ଅଧିକା ଚିକିତ୍ସା ପାଇଁ ନେବାପରେ ଜଣାପଡ଼ିଥିଲା ଯେ ଶୁଭରାଜଙ୍କୁ କ୍ୟାନ୍ସର ହୋଇଛି। ଅପରେଶନ ଆବଶ୍ୟକ ହୋଇଥିବା ବେଳେ ପ୍ରଶାସନର ସହାୟତା ଅବା ଆୟୁଷ୍ମାନ କାର୍ଡ ମାଧମରେ ଚିକିତ୍ସାର ସୁବିଧା ପାଇ ସୁସ୍ଥତା ଲାଭ କରି ନିଜ ପରିବାର ପ୍ରତିପୋଷଣ କରିପାରିବେ। ଭରସା ଥିଲା ବିଏସ୍‌କେୱାଇ କାର୍ଡ ଉପରେ, ହେଲେ ଏଥିରେ ଚିକିତ୍ସା ହେବ ନାହିଁ ବୋଲି ଫେରାଇ ଦେଲେ ହସ୍ପିଟାଲ କର୍ତ୍ତୃପକ୍ଷ। ଏଯାଏ ମିଳିପାରିନାହିଁ ଆୟୁଷ୍ମାନ କାର୍ଡ। ସ୍ୱାମୀର ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡ଼ିକାଲଠାରୁ ଆରମ୍ଭ କରି ଶ୍ରୀକାକୁଲମ ଜେମ୍‌ସ ହସ୍ପିଟାଲ ପର୍ଯ୍ୟନ୍ତ ବାରମ୍ବାର ନେଇ ହତାଶ ହୋଇପଡିଛନ୍ତି ସ୍ତ୍ରୀ। ଦିନକୁ ଦିନ ବିଗିଡ଼ି ଯିବାରେ ଲାଗିଛି ସ୍ୱାସ୍ଥ୍ୟାବସ୍ଥା। ଏପଟେ ପିଲା ଛୁଆ ଓ ବୃଦ୍ଧ ମାତାପିତାଙ୍କୁ ଦେଖି ବଞ୍ଚିବାକୁ ଆଶା ବାନ୍ଧିଥିବା ବେଳେ ଶୁଭରାଜଙ୍କ ଚିକିତ୍ସା ପାଇଁ ସରକାରଙ୍କ ସହାୟତା ଏକମାତ୍ର ଭରସା ହୋଇଛି। ଏନେଇ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ପାର୍ଥ ପଣ୍ଡା ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଶୁଭରାଜ ମାଛଙ୍କ ଚିକିତ୍ସାର ଦାୟିତ୍ୱ ନେଇ ଖୁବଶୀଘ୍ର ସୁସ୍ଥ ହୋଇଯିବା ସହ ଆବଶ୍ୟକ ସ୍ଥଳେ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ଆଲୋଚନା ସଭା

ଦିଗପହଣ୍ଡି, ୧୩।୫ (ଅଶେଷ ନାଥ ମିଶ୍ର)

ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ମଙ୍ଗଳବାର ଦିଗପହଣ୍ଡିଠାରେ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ କୋର୍ଟ କଲୋନୀସ୍ଥିତ ଖେମୁଣ୍ଡି ଚିତ୍ରକଳା ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଶତବାର୍ଷିକୀ କମିଟି ଆବାହକ କବି ବୃନ୍ଦାବନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜୁନ ୨୨ରେ ଦିଗପହଣ୍ଡି ଶ୍ରୀଚନ୍ଦ୍ରଚୂଡ଼େଶ୍ୱର ଶୈବପୀଠ ସଭା ମଣ୍ଡପରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଶ୍ୱନାଥ ସାହୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା ଚକ୍ର ଏବଂ କବିତା ପାଠୋତ୍ସବ କରାଯିବ। ଏହାସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ନିମନ୍ତେ ସଭାରେ ବିଧିବଦ୍ଧ ନିଷ୍ପତ୍ତି ଗୃହୀତ କରାଯାଇଥିଲା। ସାମାଜିକ କର୍ମୀ ବିଘ୍ନେଶ୍ୱର ସାହୁ, ବୟୋବୃଦ୍ଧ ଚାଷୀ ନେତା ଶମ୍ଭୁ ପଣ୍ଡା, ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ)ର ଗଞ୍ଜାମ ଜିଲା ସଭାପତି ହରପ୍ରସାଦ ରଥ, ଲୋକସେବା ପରିଷଦର ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡା, ଆଇନଜୀବୀ ଅଶେଷ ନାଥ ମିଶ୍ର, ଗଜାନନ ତ୍ରିପାଠୀ, ସାମାଜିକ କର୍ମୀ ବିନାୟକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପତିତପାବନ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା
# ଦ୍ୱିତୀୟ ଦିନରେ ସାମିଲ ହେଲେ ମନ୍ତ୍ରୀ ଗୋକୁଳାନନ୍ଦ

ରମ୍ଭା, ୧୩।୫ (ବନବାସୀ ସେଠୀ)

ସାବୁଲିଆ ପଞ୍ଚାୟତରେ ପତିତପାବନ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା ଓ କଳେବର ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାବୁଲିଆ ବଡ଼ଦାଣ୍ଡ ସାହିରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ମଞ୍ଚାସିନ ଅପା ଭାଇମାନେ ଆଧ୍ୟାତ୍ମିକବାଦୀ, ଶ୍ରୋତା ଓ ଦର୍ଶକଙ୍କୁ ଆତ୍ମାର ସ୍ୱଧର୍ମ, କଳିଯୁଗର ବିନାଶ ସମୟରେ ହାହା କାର ସମୟରେ କର୍ମକୁ ପରିବର୍ତ୍ତନ କରି ଭଗବତ ପ୍ରେମୀ ଓ ଚିନ୍ତନ ଦ୍ୱାରା ନିଜ କର୍ମର ପରିବର୍ତ୍ତନ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ମଞ୍ଚାସିନ ଅପା ଭାଇ ମଧ୍ୟରୁ ଡ଼. ବ୍ରହ୍ମାକୁମାରୀ ପ୍ରତିଭା ମହାରଥୀ, ବି. କେ. ଜୟକୃଷ୍ଣ ଶତପଥୀ, ବ୍ରହ୍ମାକୁମାର ଅଭିମନ୍ୟୁ ବାରିକ, ବ୍ରହ୍ମାକୁମାରୀ ରାଜଲକ୍ଷ୍ମୀ, ବ୍ରହ୍ମାକୁମାରୀ ଲିଲି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୪ ପ୍ରହର ନାମଯଜ୍ଞ, ଜ୍ଞାନଯଜ୍ଞ ସୂର୍ଯ୍ୟ ପୂଜ ସହ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।



ପତିତପାବନ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ଗ୍ରାମର ପତିତପାବନ କଳେବର ଉତ୍ସବ ଓ ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟ ମତ୍ସ୍ୟଜୀବୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଭିନ୍ନ ପରାମର୍ଶ ଓ ଦିଗଦର୍ଶନ ଦେଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ସନ୍ୟାସୀ ଲେଙ୍କା, ଦୁର୍ଗା ଚରଣ ପାତ୍ର, କିଶୋର ସାହୁ, ବିପିନ ପଲେଇ, ମନୋରଞ୍ଜନ ବେହେରା, ପଙ୍କଜ ମାଝୀ, ସୁରେନ୍ଦ୍ର ସାହୁ, ଭୁବନେଶ୍ୱର ସାହୁ, ଅବସର ପ୍ରାପ୍ତ କର୍ମଚାରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଉଖୁରା ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ଶୁଣାଣି ହେଉଛି।

ପାରଳାଖେମୁଣ୍ଡି/ଗୁମ୍ମା, ୧୩।୫ (ଗିରିଧାରୀ ପରିଛା/ ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ୍ ଉଖୁରା ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଉଖୁରା ପଞ୍ଚାୟତ ସମେତ ତରଭା, ଗୁମ୍ମା ଓ ଗାଇବା ପଞ୍ଚାୟତର ମୋଟ ୭୪ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୩୨, ଗ୍ରାମଭିତ୍ତିକ ୪୨ ଅଭିଯୋଗ ଆସିଥିଲା। ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରଖ ଅଲ୍ଲୀ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସନ୍ତୋଷ ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମା' ପାଇଁ ଦିନଟିଏ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ଅବସରରେ କେକ୍ କଟାଯାଉଛି।

ଫୁଲବାଣୀ, ୧୩।୫ (ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ୍ କଟ୍ରିଙ୍ଗିଆଠାରେ ଥିବା ମା' ଗୃହର ପଞ୍ଚମ ବାର୍ଷିକ ପାଳନ ଅବସରରେ ମା' ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁରକ୍ଷିତ ପ୍ରସବ ନିମନ୍ତେ ସୁଷମ ଆହାରର ଆବଶ୍ୟକତା ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ହରି ଶଙ୍କର ରାଉତ ଯୋଗଦେଇ ମା'ପରି ଅମୂଲ୍ୟ ରତ୍ନକୁ ସଦା ସର୍ବଦା ସମ୍ମାନ ଦେବାକୁ କହିଥିଲେ। ଫୁଲବାଣୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶୀକା ଅଳକା ମହାନ୍ତି ଉପସ୍ଥିତ ରହି ଅବୁଝା ଭାବେ ରହି ଯାଉଥିବା ପରିବାରକୁ ସଚେତନ କରିବା ନିମନ୍ତେ ଆବଶ୍ୟକତା ରହିଛି। ଏଥିପାଇଁ ଆଗ ଧାଡ଼ିର ସ୍ୱାସ୍ଥ୍ୟସେବିକାମାନେ ଆହୁରି ଅଧିକ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ଅନୁଷ୍ଠାନ ସ୍ୱାସ୍ଥ୍ୟ ସଯୋଜକ ବିଶ୍ୱରଞ୍ଜନ କର ଯୋଗଦେଇ ମା'ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଜନା କରିଥିଲେ। କଟ୍ରିଙ୍ଗିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ପ୍ରଧାନ, ସଲାଗୁଡ଼ା, ଗୋଛାପଡା ଓ କଟ୍ରିଙ୍ଗିଆର ଷ୍ଟାଫ୍ ନର୍ସ ଏବଂ ଏଏନ୍‌ଏମ୍ ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢାଇବା ପାଇଁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି କହିଥିଲେ। ସାମନ୍ତି ଦିଗାଲ ସଭା ପରିଚାଳନା କରିଥିବା ବେଳେ ସ୍ନେହଲତା କହଁର, ଗିତାଞ୍ଜଳୀ ମୁଖୀ, ସସ୍ମିତା ବେହେରା, ପୁଷ୍ପିତା ସାହୁ ପ୍ରମୁଖ ସହଯୋଗ କରିଥଲେ।

## ଅଷ୍ଟମ ଦିନରେ ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା
# ଢୋଲ, ନୃତ୍ୟରେ କମ୍ପିଲା ଖଜୁରିନାଳ



ମା' ପାଟଖଣ୍ଡାଙ୍କ ନଗର ଭ୍ରମଣ।

ବାଲିଗୁଡା, ୧୩।୫ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଗାନ୍ଧୀ ଛକସ୍ଥିତ ମା'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳଚଞ୍ଚଳ ହୋଇଛି। ଏହି ଯାତ୍ରା ମଙ୍ଗଳବାର ଅଷ୍ଟମ ଦିନରେ ପହଞ୍ଚିଛି। ଅସ୍ଥାୟୀ ପୀଠରେ ମା' ବିରାଜ ମାନ ଅଛନ୍ତି। ଅଷ୍ଟମ ଦିନରେ ମା'ଙ୍କ ଆଗମନ ସମଗ୍ର ଖଜୁରିନାଳ ସାହିକୁ ପରିଭ୍ରମଣ କରି ଆସିଥିଲେ। ଏହି ଅବସରରେ ସନ୍ଧ୍ୟା ଆଳତି ପରେ ପରେ ଏକ ବିରାଟ ପଟୁଆରରେ ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ସହ ଢୋଲ, ମହୁରି ବାଜା ବଜାଇ ଅସ୍ଥାୟୀ ପୀଠଠାରୁ ବାହାରି ଗାନ୍ଧୀ ଛକ, ଉପଜିଲାପାଳ ବାସଭବନ ଦେଇ ଖଜୁରିନାଳ ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ଥିଲେ। ବୁଧବାର ସ୍ଥାନୀୟ ଟାଉନର ଜକିସାହିସ୍ଥିତ ରିଦ୍ଧି ସିଦ୍ଧି ପୂଜା କମିଟି ତରଫରୁ ମା'ଙ୍କୁ ନିମନ୍ତ୍ରଣ କରି ଆଣୁଥିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଗୁରୁବାର ମା' ଅସ୍ଥାୟୀ ମଣ୍ଡପରେ ସମ୍ପୂର୍ଣ୍ଣ ବିଶ୍ରାମ ନେଇ ଭକ୍ତଙ୍କୁ ଦର୍ଶନ ଦେବେ। ମା' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟଙ୍କ ସମେତ ଏହି ଠାକୁରାଣୀ ଯାତ୍ରାର ଏକ ୫ ଜଣିଆ କମିଟି ସଦସ୍ୟଙ୍କ ସହିତ ଅନ୍ୟମାନେ ପରିଚାଳନା କରୁଛନ୍ତି।

# ଆଜିଠୁ ପାରମ୍ପରିକ ଖାଦ୍ୟ ମେଳା

ଫୁଲବାଣୀ, ୧୩।୫ (ରାକେଶ କୁମାର ରାଉତ)

ପ୍ରଥମ ଥର ପାଇଁ ଫୁଲବାଣୀ ସହରରେ ପାରମ୍ପରିକ ଖାଦ୍ୟ ମେଳା ଆରମ୍ଭ ହେବାକୁ ଯାଉଛି। ବୁଧବାରରୁ କରୋନେଶନ ପଡ଼ିଆରେ ହୋଇଥିବା ବିଭିନ୍ନ ଷ୍ଟଲରେ ବିଭିନ୍ନ ଜିଲାର ପାରମ୍ପରିକ ଖାଦ୍ୟର ଆନନ୍ଦ ନେବେ ଲୋକେ। ପ୍ରଥମ ଥର ଏଭଳି ମେଳା ହେଉଥିବାରୁ ସହର ତଥା ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି ମେଳା ୧୦ ଦିନ ଧରି ଚାଲିବ। ମେଳା ଅଧ୍ୟକ୍ଷ ସୁନୀଲ ବିଶ୍ୱାଳ ଏବଂ ଆଇନଜୀବୀ ଶିବ ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଏହା ଆୟୋଜିତ ହେଉଛି। ପ୍ରତ୍ୟେକ ସନ୍ଧ୍ୟାରେ ଖାଦ୍ୟ ମେଳା ସହ ରାଜ୍ୟର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-12, ତା.08.05.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର / ଦୂରସଂଞ୍ଚର /L/ ସମ୍ବଲପୁର ଏବଂ ସିନିୟର ସେକ୍ସନ ଇଞ୍ଜିନିୟର / ଦୂରସଂଞ୍ଚର / ବଲାଙ୍ଗୀର ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଞ୍ଚର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (₹): 80,45,057.50, EMD (₹) : 1,60,900.00**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.05.2025 ରିଖ 1100 ଘଟିକାରେ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-120/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଏସ୍‌ଟିଇ (ସିଓ)/ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ତାହାକୁ ୧୨.୦୦ ଘଟିକାରେ ଖୋଲାଯିବ। କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଏସ୍‌ପିଏଲ୍-ଏସ୍‌ଆଇଜି-ଏଚ୍‌ଆଇଜେ-ବିଟିଏସ୍, ତାରିଖ: ୧୩।୦୫।୨୦୨୫। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ହିଜ୍‌ଲି–ବସ୍ତା ସେକ୍ସନରେ ଦୁଇ ବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟର ନିର୍ବାହ ପାଇଁ କାର୍ଯ୍ୟର ଏସ୍‌ଆଣ୍ଡଟି ଅଂଶ, ବିଦ୍ୟମାନ ସିଷ୍ଟମରେ ଯୋଗ ଏବଂ ସଂଶୋଧନ, ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୪୨,୬୯,୬୬୬.୩୫। ଇଏମ୍‌ଡି: ₹୨,୨୧,୪୦୦। କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଏସ୍‌ପିଏଲ୍-ଏସ୍‌ଆଇଜି-ଆର୍‌ଓପି-ଆର୍‌ଏନ୍‌ଟିଏଲ୍, ତାରିଖ: ୧୩।୦୫।୨୦୨୫। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ରୂପ୍‌ସା–ବାଙ୍ଗିରିପୋଷୀ ସେକ୍ସନ ଏବଂ ନୀଳଗିରି ରୋଡ୍–ଗୋପୀନାଥପୁର ସେକ୍ସନ ସମେତ ରୂପ୍‌ସା–ରାଣୀତାଲ ସେକ୍ସନରେ ଦୁଇ ବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟର ନିର୍ବାହ ପାଇଁ କାର୍ଯ୍ୟର ଏସ୍‌ଆଣ୍ଡଟି ଅଂଶ, ବିଦ୍ୟମାନ ସିଷ୍ଟମରେ ଯୋଗ ଏବଂ ସଂଶୋଧନ, ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୩୯,୪୨,୯୨୯.୩୫। ଇଏମ୍‌ଡି: ₹୨,୧୯,୭୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ (କ୍ର.ସଂ. ୧ ଓ ୨ ପାଇଁ)। ଖୋଲାଯିବା ତାରିଖ: ତା୦୬।୦୬।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ)। ସମାପ୍ତି ଅବଧି: ୨୪ ମାସ (କ୍ର.ସଂ. ୧ ଓ ୨ ପାଇଁ)। ଦାଖଲର ତାରିଖ: ତା୦୬।୦୬।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-150)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Fresh/Experienced Wanted Dynamic **Sales / Customer Support Engineer** for a leading Organization in BBSR. Dealing with Industrial Product.
**Contact : 9437053367**
Write to - sibashaktielastomerbbsr@gmail.com

**ଡ୍ରାଇଭର ଆବଶ୍ୟକ**
ଅଟୋ/ଟାଟା ଏସିଇ/ବୋଲେରୋ ପିକ୍‌ଅପ୍ ଗାଡ଼ି ପାଇଁ ଏବଂ ଫର୍ଣ୍ଣିଚର, ରଡ୍ ଓ ସିମେଣ୍ଟ ଡିପୋରେ ଗାଡ଼ି ଚଲାଇବା ପାଇଁ ଡ୍ରାଇଭର ଦରକାର। ଭୁବନେଶ୍ୱରରେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ଅଛି।
- ଯୋଗାଯୋଗ -
7064170280

See Career Appointment on every **Wednesday & Saturday**

**Current Manpower Requirement**
**@Trupti Enterprises Pvt. Ltd.**
**Tata Motors Passenger Car Dealership in BBSR**
1. Team Leaders - 5
2. Sales Customer Adviser - 15
3. Tele Callers - 3
4. EMO-Rural outlet Manager - 1
5. Sales Coach-Trainer - 1
6. Drivers - 2
**Qualification - Graduate/MBA/Marketing**
Experience - 4-5 years in Automobile-Fresher can also apply
Nb - Salary is not a constraint for right candidates.
**Contact : Satyabrata Jena, Mob : 7077770313**

सीएमपीडीआई मिनी रत्न cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 008, Jharkhand, INDIA

**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurment Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

Odisha Coal and Power Limited OCPL
**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**
**NIT No : OCPL/SER-198/2025** **Date : 14/05/2025**
Sealed bids in prescribed format are invited from Agency/Supplier/Contractor for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Supply and Installation of Fittings & Fixtures, Furniture and other Assets for DAV School at Manoharpur Township, Sarbahal, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST. | 14/05/2025 | 20/05/2025 | 03:00 PM / 03:30 PM on 28/05/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

**Sd./- Chief Operating Officer**

## ସଂକ୍ଷେପରେ

### ଗଣ୍ଡଗୋଳ, ମାରପିଟ ଅଭିଯୋଗରେ ଯୁବକ ଗିରଫ

ଉମରକୋଟ, ୧୩।୫(ସନ୍ତୋଷ ଶତପଥୀ)

ଗଣ୍ଡଗୋଳ ଓ ମାରପିଟ ଅଭିଯୋଗରେ ଉମରକୋଟ ପୋଲିସ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉମରକୋଟ ଥାନା ଅଞ୍ଚଳର ଅମିତ ହରିଜନ। ୯ ତାରିଖ ରାତି ପ୍ରାୟ ୮ଟା ୩୦ରେ ଉମରକୋଟ ସହର ନିକଟସ୍ଥ ନୂଆଗୁଡା (ୟୁଭି-୭) ଗାଁର ମିଥୁନ ମିତ୍ର ଓ ସଞ୍ଜୟ ମିତ୍ର ଏକ ବାଇକ୍‌ରେ ବାହା ଘରରେ ଯୋଗ ଦେବାକୁ ଚାଟିଗୁଡ଼ା ଗ୍ରାମକୁ ଯାଇଥିଲେ। ଉମରକୋଟ ନୂଆ ବସଷ୍ଟାଣ୍ଡରେ କୌଣସି ଏକ ଘଟଣାକୁ ନେଇ ଅମିତ ହରିଜନ ଓ ତାଙ୍କର ୨ ସହ ଯୋଗୀଙ୍କ ସହ ସେମାନଙ୍କ ଯୁକ୍ତିତର୍କ ହୋଇଥିଲା। ଅମିତ ବନ୍ଧୁକ ଦେଖାଇ ମାଡ଼ ମାରିଥିଲେ। ଛଡ଼ାଇବାକୁ ଆସିଥିବା ଲୋକଙ୍କୁ ମଧ ମାଡ଼ ମାରିଥିଲେ ବୋଲି ମିଥୁନ ମିତ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିଦିନଠାରୁ ଅମିତ ଫେରାର ହୋଇ ଯାଇଥିଲେ। ଉମରକୋଟ ଥାନାଧିକାରୀ ରମାକାନ୍ତ ସାଏଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ସୌମେନ୍ଦ୍ର ସେଠ, ଏସ୍‌ଆଇ ଶିବଜୀ ପଣ୍ଡା ଓ ପୁଷ୍ପଲତା ସୁନାନି ଓ କନଷ୍ଟେବଲ ନରେନ୍ଦ୍ର ନାୟକ ପ୍ରମୁଖ ସୋମବାର ଭାଲୁଗୁଡ଼ାରୁ ଅମିତଙ୍କୁ ଗିରଫ କରିଥିଲେ। ଅନ୍ୟପଟେ ଏହି ଗଣ୍ଡଗୋଳରେ ଆଉ କିଏ ସମ୍ପୃକ୍ତ ପୋଲିସ ତାହାର ତଦନ୍ତ କରୁଛି।

### କାଳ ବୈଶାଖୀରେ ଉଡିଲା ଛାତ

ପାପଡ଼ାହାଣ୍ଡି, ୧୩।୫ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିଥିଲା। ଫଳରେ ମୈଦଲପୁର ପଞ୍ଚାୟତ ଚୋରାମୁଳା ଗ୍ରାମର କୁଶ ଗୌଡ଼ ଓ ଖୁଟଗୁଡାର କୁସୁମା ପୂଜାରୀଙ୍କ ଆଜବେଷ୍ଟସ୍ ଘର ପବନରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେମାନେ ନିରାଶୟ ହୋଇ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଖଟିଖିଆ ପରିବାର ହୋଇଥିବାରୁ ବର୍ତ୍ତମାନ ପାଇଁ ଘର ସଜାଡ଼ିବା ଅସମ୍ଭବ ହୋଇ ପଡିଛି। ଅନ୍ୟ ଘରେ ଆଶ୍ରୟ ନେଇ ସରକାରୀ ସହାୟତା ପାଇଁ ଅନେଇ ବସିଛନ୍ତି ଦୁଇ ପରିବାର। ପ୍ରଶାସନ ଦୃଷ୍ଟିଦେଇ ଏହି ପରିବାରକୁ ଆର୍ଥିକ ସହାୟତା କରିବା ସହ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରୋଗୀଙ୍କୁ ଫଳ ବଣ୍ଟନ



ଉମରକୋଟ, ୧୩।୫(ସନ୍ତୋଷ ଶତପଥୀ)

ଜ୍ୟେଷ୍ଠ ମାସର ପ୍ରଥମ ମଙ୍ଗଳବାର ଯାହାକୁ ମହା ମଙ୍ଗଳବାର କୁହାଯାଏ। କାରଣ ଏହି ଦିନରେ ପ୍ରଭୁ ରାମଚନ୍ଦ୍ର ଓ ହନୁମାନଙ୍କ ମିଳନ ହୋଇଥିବା ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଉମରକୋଟ ଝରିଗାଁ ରୋଡ୍ ଛକରେ ଥିବା ହନୁମାନ ମନ୍ଦିର ପୂଜକ ରମେଶ ତିୱାରୀ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ସମସ୍ତ ରୋଗୀ ଓ ତାଙ୍କ ସହାୟକଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ସମୟରେ ମିଲୁ ପଣ୍ଡା, ହର ପ୍ରସାଦ ପାଣିଗ୍ରାହୀ, ଶ୍ରୀନିବାସ ମୂର୍ତ୍ତି, ରାମହରି ସାହୁ, ଅଶୋକ ପାତ୍ର, କୈଳାସ ହରିଜନ, ସୁନୀଲ ବେହେରା, ସୁମିତ ଦଳେଇ, ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଫଳ ବଣ୍ଟନରେ ସହାୟତା କରିଥିଲେ।

# ମନମୋହିଲା କଳାକୁଞ୍ଜ, ଆତସବାଜିରେ କମ୍ପିଲା ଯାତ୍ରା ପଡିଆ



ଠାକୁରଙ୍କ ସହର ପରିକ୍ରମା



ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି ।

ହିଞ୍ଜିଳିକାଟୁ, ୧୩।୫(ଦ୍ୱିତୀକୃଷ୍ଣ ପଣ୍ଡା):

**ଲକ୍ଷ୍ମୀ ନୃସିଂହ ଯାତ୍ରା ଉଦ୍‌ଯାପିତ**

ହିଞ୍ଜିଳିକାଟୁ ଶ୍ରୀଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରା ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଚଳିତବର୍ଷ ପ୍ରଥମ ଓ ତୃତୀୟ ତଥା ଶେଷଦିନକୁ କେଉଟ ବାଡ଼ ପକ୍ଷରୁ ପାଳନ କରାଯାଇଥିବା ବେଳେ ଦ୍ୱିତୀୟ ଦିନ ରଙ୍ଗଣିବାଡ଼ ପକ୍ଷରୁ ପାଳନ କରାଯାଇଛି। ଯାତ୍ରା ସକାଶେ ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳାରେ ସାରାସହର ଝଲସି ଉଠିଥିଲା । ମାନସିକଧାରୀ ଭକ୍ତମାନେ କୃଷ୍ଣ, ବଳରାମ, ରାମସୀତା, ହନୁମାନ, ବାଘ-ବାଘୁଣି, ବାଘ, କାଚରା, ଖଟବିଦ୍ୟା, ମେହେନ୍ତର ଆଦି ବେଶରେ ବୁଲୁଥିବା ଦେଖାଯାଇଥିଲା।

ଚଳିତବର୍ଷ ପ୍ରାୟ ୫୦ଟି ବାଘବେଶ ଯାତ୍ରା ଆକର୍ଷଣ ଥିଲା । ସନ୍ଧ୍ୟା ପରଠାରୁ ସହରର ବିଭିନ୍ନ ସାହି ବସ୍ତିରେ ସ୍ଥାପନ କରାଯାଇଥିବା ଆକର୍ଷଣୀୟ କଳାକୁଞ୍ଜ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରାରେ ଚଳିତ ବର୍ଷ ବୀର ଇନ୍ଦ୍ରଜିତ ରଥ, ବୀର ଅର୍ଜୁନ ରଥ,ଶ୍ରୀ ଜଗନ୍ନାଥ ରଥ ସମେତ ବଳି ରାଜାଙ୍କ ୩ ପାଦ ଭୂମି ପ୍ରଦାନ, ବାହୁବଳୀ ଓ ମୋଟୁ ପତଲୁ କଳାକୁଞ୍ଜ ସ୍ଥାପନ କରାଯାଇଥିଲା । ସେହିପରି କେଉଟ ସାହିରେ ଗରୁ ବିଷ୍ଣୁ, କାମଧେନୁ ଗାଇ, କୈଳାସ ପର୍ବତରେ ଭଗବାନ ଶିବଙ୍କ ତପସ୍ୟା, ନାରାୟଣଙ୍କ ଅନନ୍ତ ଶୟନ, ଯାହାକୁ ରଖିବେ ଅନନ୍ତ ସମେତ ଜଗନ୍ନାଥ ରଥ ରହିଥିଲା । ଥାନା ସାହିରେ ବୀର ପର୍ଶୁରାମ, ଦାନ ବୀର ହରିଶ୍ଚନ୍ଦ୍ର, କର୍ଣ୍ଣମେଢ କଳାକୁଞ୍ଜ ସ୍ଥାପନ କରାଯାଇଥିବା ବେଳେ ବ ରଙ୍ଗଣି ସାହିରେ ଅଗ୍ରଜ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ରାଧାକୃଷ୍ଣ ଝୁଲଣ, ବୀର ହନୁମାନ କଳାକୁଞ୍ଜ ସମେତ ଜଗନ୍ନାଥ ରଥ କରାଯାଇଥିଲା । ବିଭିନ୍ନ ସାହି ବସ୍ତିରେ ଯୁବ ସମାଜ ଓ ସେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତ ଓ ଯାତ୍ରା ପ୍ରେମୀ ମାନଙ୍କୁ ଶୀତଳ ପାନୀୟ ଜଳ, ବହୁ ରକମର ପଣା, ସରବତ ଏବଂ ବିଭିନ୍ନ ରକମର ସୁସୱାଦ ବ୍ୟଞ୍ଜନ ବଣ୍ଟନ କରାଯାଇଥିଲା । ଲକ୍ଷ୍ମୀ ନୃସିଂହ କଳା ମନ୍ଦିରର କଳାକାରମାନେ ଓଡ଼ିଶୀ ନୃତ୍ୟ ଓ ଅନ୍ୟ କଳା ପ୍ରଦର୍ଶନ କରିଥିଲେ। ଭି ଆଖି ଆଗରେ ରଖି ଶାନ୍ତ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ସକାଶେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା । ବାଣ ଯାତ୍ରା ରାଜବାଟି ସମ୍ମୁଖରେ ବାଣଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ରାତିରେ ପଟୁଆର ସହ ଠାକୁର ଙ୍କୁ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା

# ମଦ ଦୋକାନ ବନ୍ଦ ପାଇଁ ରାସ୍ତା ଅବରୋଧ

ଦିଗପହଣ୍ଡି, ୧୩।୫ (ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ଡେଙ୍ଗାଡି ଗ୍ରାମରେ ବେଆଇନ ମଦ ବିକ୍ରିକୁ ବିରୋଧ କରାଯାଇଛି। ଏହାସହ ଗ୍ରାମରେ ମଦ ଦୋକାନ ବନ୍ଦ କରାଯିବା ଦାବିରେ ମଙ୍ଗଳବାର ଅପରାହ୍ନରେ ଉତ୍ତେଜିତ ଗ୍ରାମବାସୀ ମୁଖ୍ୟରାସ୍ତାକୁ ଅବରୋଧ କରିଥଲେ। ଅବରୋଧ ଯୋଗୁ ଜଗନ୍ନାଥପୁର-ହିଞ୍ଜିଳି ଭାୟା କଙ୍କୋରଡ଼ା ମୁଖ୍ୟରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ଥିଲ। ଖବରପାଇ ପାଟପୁର ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମଦ ଦୋକାନ ବନ୍ଦ ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମରେ ଗତ କିଛିବର୍ଷ ହେଲା ବେଆଇନ ଭାବେ ଏକାଧିକ ଦୋକାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ମଦ୍ୟପମାନଙ୍କ ଦୌରାତ୍ମ୍ୟ ଯୋଗୁ ସନ୍ଧ୍ୟାରେ ରାସ୍ତାରେ ଛାତ୍ରୀମାନେ ଟିୟୁସନ ଯାଇ ପାରୁନାହାନ୍ତି। ଗାଁର ଝିଅ ବୋହୁମାନେ ରାସ୍ତାରେ ଚଳପ୍ରଚଳ ହେବାକୁ ସୁରକ୍ଷିତ ମଣୁ ନାହାନ୍ତି। ଚୋରି, ଡକାୟତି, ଛନ୍ନତାଇ ଭଳି ଘଟଣା ଦିନକୁ ଦିନ ବଢି ଚାଲିଛି। ପ୍ରତିବାଦରେ ଗ୍ରାମବାସୀ ମଦ ବିରୋଧି ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଛନ୍ତି।



ଉତ୍ତେଜିତ ଗ୍ରାମବାସୀ ଙ୍କ ରାସ୍ତା ଅବରୋଧ )

# ସ୍କୁଲ ପାଚେରି ଭାଙ୍ଗିଲେ ହାତୀପଲ



ରାଇକିଆ, ୧୩।୫ (ପ୍ରଦୀପ ବେହେରା)

ରାଇକିଆ ବ୍ଲକ୍ ରଣବା ପଞ୍ଚାୟତରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସୋମବାର ମଧ ରାତିରେ ହାତୀପଲ ଡିମିରିପଲି ଗ୍ରାମରେ ଥିବା ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଗୋଟିଏ ପାଖ ପାଚେରି ଓ ଫାଟକ ଭାଙ୍ଗିଛନ୍ତି। ବିଦ୍ୟାଳୟ ଭିତରେ ପଶି ଗୋପବନ୍ଧୁ କକ୍ଷର ଲୁହା କବାଟକୁ ମଧ ଧକ୍କା ମାରି ନଷ୍ଟ କରିଛନ୍ତି । କିଛିଦିନ ହେବ କରଡ଼ା ବନ୍ୟାଞ୍ଚଳର ଏହି ସବୁ ଅପହଞ୍ଚ, ଘଞ୍ଚ ଜଙ୍ଗଲ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଅନେକ ଲୋକଙ୍କ ଫସଲ, ଘର ଭାଙ୍ଗି ନଷ୍ଟ ହୋଇଛି। ଏନେଇ ଲୋକେ ଭୟଭୀତ ହୋଇ ରହୁଛନ୍ତି। ଗତ ସପ୍ତାହରେ ୪ଜଣଙ୍କ ଘର ନଷ୍ଟ ହୋଇଛି।

# ୩୫ ଅଭିଯୋଗ ଶୁଣାଣି

କୋଷାଗୁମୁଡ଼ା/ ନବରଙ୍ଗପୁର, ୧୩।୫
(ପ୍ରସାଦ ବିଷୋୟୀ/ସଦାଶିବ ପ୍ରହରାଜ)

ନବରଙ୍ଗପୁର କୋଷାଗୁମୁଡ଼ା ବ୍ଲକ୍ ସଦର ପଞ୍ଚାୟତ ସମ୍ମିଳନୀ ଗୃହରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ମଙ୍ଗଳବାର ସକାଳ ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ ବ୍ୟକ୍ତିଗତ ଓ ୧୪ ସାମୂହିକ ସମସ୍ୟା ରହିଛି। ୪ଟି ଅଭିଯୋଗର ସମାଧାନ ତୁରନ୍ତ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୫ ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି।

# ବଜ୍ରପାତରେ ପୁଅ ମୃତ, ମା' ଗୁରୁତର

ଚନ୍ଦାହାଣ୍ଡି, ୧୩।୫(ଦିଲ୍ଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନ ଚିଲିଗାଁ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ବଜ୍ରପାତ ଘଟି ପୁଅଙ୍କ ମୃତ୍ୟୁ ହୋଇଥିବାବେଳେ ମା' ଗୁରୁତର ଅଛନ୍ତି। ମୃତକ ହେଲେ ହୁକୁମତ ଶଗଡିଆ (୨୬)। ତାଙ୍କ ମା' ଭାନୁମତୀ ଶଗଡିଆ (୫୪) ଗୁରୁତର ଅଛନ୍ତି।

ମଙ୍ଗଳବାର ଦିନ ପ୍ରାୟ ୧୨ଟାରେ ଚନ୍ଦାହାଣ୍ଡି ଅଞ୍ଚଳରେ ପ୍ରବଳ ବେଗରେ ପନ ବହିବା ସହ ଘଡ ଘଡି ଓ ବିଜୁଳି ମାରିଥିଲା। ଏହି ସମୟ ରେ ଚିଲିଗାଁ ଗ୍ରାମର ବେଣୁଧର ଶଗଡିଆଙ୍କ ସ୍ତ୍ରୀ ଭାନୁମତୀ ଏବଂ ପୁଅ ହୁକମତ ଗାଁ ପାଖ ଜମିରେ କାମ କରୁଥିଲେ। ବର୍ଷା ପନ ଦାଉରୁ ରକ୍ଷା ପାଇବା ପାଇଁ ମାଁ ପୁଅ ଏକ ଗଛ ତଳେ ଆଶ୍ରୟ ନେଇ ଥିବା ସମୟରେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଦ୍ଧାର୍ଥ ପତି ହୁକମତଙ୍କୁ ମୃତ ଘୋଷଣା କରିଥିଲେ। ଭାନୁମତିଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ସ୍ଥିର ଥିବା ଡାକ୍ତର ଅବିନାଶ ନାୟକ ସୂଚନା ଦେଇଛନ୍ତି। ମୃତକଙ୍କ ବାପା ଏତଲା ଦେଇଥିଲେ। ଏଏସ୍‌ଆଇ ଲାବଣ୍ୟ ବେମାଲ ଡାକ୍ତରଖାନା ଯାଇ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଚନ୍ଦାହାଣ୍ଡି ଥାନାଧିକାରୀ ଯୁଗଳ କିଶୋର ସା କହିଛନ୍ତି। ମୃତକ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ମିଲ୍‌ଗୁଡ଼ିକର ଷ୍ଟକ୍ ଯାଞ୍ଚ ଦାବିକଲା ବିଜେଡି

ନବରଙ୍ଗପୁର, ୧୩।୫(ସଦାଶିବ ପ୍ରହରାଜ)

- ମଣ୍ଡିରେ ଦୁର୍ନୀତି ଅଭିଯୋଗ ଆଣିଲା ଦଳ
- ଚାଷୀ ଧାନ ବିକ୍ରି ଟଙ୍କା ପାଇ ନ ଥିବାରୁ ଅସନ୍ତୋଷ

ନବରଙ୍ଗପୁର ଜିଲାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। କେବଳ କାଗଜ କଲମରେ ଧାନ ଉଠିଛି। ବାସ୍ତବରେ ଚାଷୀଙ୍କ ଠାରୁ ଧାନ ଉଠିନାହିଁ। ତେଣୁ ଜିଲାରେ କିଣାଯାଇଥିବା ୨୫ଲକ୍ଷ ଧାନ କେଉଁଠି ଅଛି। କେଉଁ ମିଲରଙ୍କ ପାଖରେ କେତେ ପରିମାଣର ଧାନ ରହିଛି। ମିଲରଙ୍କ ଗୋଦାମଗୁଡିକ ଷ୍ଟକ୍ ଯାଞ୍ଚ କରିବାକୁ ଦାବିକରି ଜିଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧିଦଳ ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଦାବି କରିଛନ୍ତି।

ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି, ଜିଲାରେ ପ୍ରାୟ ୫ଲକ୍ଷ କୁଇଣ୍ଟାଲ ଧାନକିଣାରେ ଦୁର୍ନୀତି ହୋଇଛି। ବିଶେଷକରି ଜିଲାର ୪ଟି ଲ୍ୟାମ୍ପସ ପାପଡ଼ାହାଣ୍ଡି, ମୈଦଲପୁର, କୋଡିଙ୍ଗା ଓ ରାଇଘର ବ୍ଲକରେ ଧାନ କିଣରେ ବ୍ୟାପକ ଦୁର୍ନୀତି ହୋଇଛି। ଧାନମଣ୍ଡିରେ ବିକ୍ରି କରିବା ଲାଗି ନକଲି ଚାଷୀଙ୍କ ନାମରେ ପଞ୍ଜୀକରଣ କରାଯାଇଛି। ଏଥିରେ ମିଲର, ଲ୍ୟାମ୍ପସ ଏମ୍‌ଡି ଚାଷୀଙ୍କ ନାଁରେ ଲୁଟ୍ କରିଛନ୍ତି। ଲ୍ୟାମ୍ପସ୍‌ଗୁଡିକ ତଦାରଖ ଦାୟିତ୍ୱରେ ଥିବା ଏଆଇସିଏସ୍ ଓ ଡିଆର୍‌ସିଏସ୍ ପ୍ରମୁଖ ଏମ୍‌ଡିମାନଙ୍କଠାରୁ ବ୍ୟାପକ ପରିମାଣର ଲାଞ୍ଚ ନେଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ବିଜେଡି ଅଭିଯୋଗ କରିଛି। ସେଭଳି ଲ୍ୟାମ୍ପସଗୁଡିକକୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲରେ ମିଳୁନି । ସମବାୟ ସଂସ୍ଥାଗୁଡିକ ଜନସାଧାରଣଙ୍କ ଅନୁଷ୍ଠାନ ହୋଇଥିବା ବେଳେ କିଭଳି ଲ୍ୟାମ୍ପସ୍‌ଗୁଡିକରେ ସୂଚନା ଅଧିକାର ଆଇନ ଲାଗୁ ହୋଇପାରୁନାହିଁ ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି। ସେଭଳି ରାଇଘର ଲ୍ୟାମ୍ପସ ୩୪୪ ଜଣ ଚାଷୀ ଧାନ ବିକ୍ରି କରି ୩ ମାସ ବିତିଗଲାଣି। କିନ୍ତୁ ଚାଷୀଙ୍କୁ ପ୍ରାପ୍ୟ ମିଳିନାହିଁ। ଏଥିପାଇଁ ଚାଷୀମାନଙ୍କ ପାଇଁ ମେ ୨ରେ ବିଜେଡି ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିଲା। ୨୦ ଦିନ ମଧ୍ୟରେ ପ୍ରାପ୍ୟ ଦିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ମିଲ୍‌ଗୁଡିକ ଯାଞ୍ଚକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବିଜେଡି ଜିଲାର ଚାଷୀଙ୍କ ପାଇଁ ବିରାଟ ଆନ୍ଦୋଳନ କରିବ ବୋଲି ନେତାମାନେ ଧମକ ଦେଇଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ବିଜେଡି ନେତାଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପ୍ରମୋଦ ରଥ, ଲାଲୁ ତ୍ରିପାଠୀ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟୀ ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆସିକା, ୧୩।୫(ସୁରେନ୍ଦ୍ର ନାଥ ସାହୁ): ଆସିକାରେ କାର୍ଯ୍ୟରତ ଥିବା ଅତିରିକ୍ତ ଜିଲାଜଜ୍ ପ୍ରବୀର କୁମାର ଚୌଧୁରୀଙ୍କ ଅନୁଗୋଳସ୍ଥିତ ପରିବାର ଅଦାଲତର ବିଚାରପତି ଭାବେ ବଦଳି ହୋଇଛି। ମଙ୍ଗଳବାର ଓକିଲ ସଂଘ ସଭା ଗୃହରେ ଆସିକା ଓକିଲ ସଂଘ ପକ୍ଷରୁ ବିଚାରପତି ଚୌଧୁରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓକିଲ ସଂଘ ସଭାପତି ଅଜିତ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏ. ଗିତାଞ୍ଜଳୀ ନାଇଡୁ, ତୃପ୍ତି ଦାସ, ଓକିଲ ସଂଘ ସମ୍ପାଦକ ନାରାୟଣ ମୁନୀ, ଉପସଭାପତି ଛବିଲରାମ ମିଶ୍ର, ବରିଷ୍ଠ ଆଇନଜୀବି ସୁଧାଂଶୁ କୁମାର ପଣ୍ଡା, ସୁରେନ୍ଦ୍ରନାଥ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ସାମିଲ ଥିଲେ। ଏହି ଅବସରରେ ବିଦାୟୀ ବିଚାରପତି ଚୌଧୁରୀଙ୍କ ଆଇନଜୀବୀ ଓ ଅଦାଲତ ମଧ୍ୟରେ ସୁସମ୍ପର୍କ ଏବଂ ସ୍ୱଚ୍ଛ ଓ ନିଷ୍ପାପର ବିଚାର ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଖୁଟୁଗୁଡ଼ାକୁ ହରାଇ ଲୁହାବେହେଲି ଚାମ୍ପିୟନ

ଚନ୍ଦାହାଣ୍ଡି, ୧୩।୪ (ଦିଲୀପ ଦାସ)

**ସ୍ୱର୍ଗତ ପୁରୁଷୋତ୍ତମ ପୂଜାରୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ପାଟଖଲିଆରେ ସ୍ୱର୍ଗତ ପୁରୁଷୋତ୍ତମ ପୂଜାରୀ ମେମୋରିଆଲ୍ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପୂର୍ବତନ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁଶୀଳା ପୂଜାରୀ, ପୂର୍ବତନ ସରପଞ୍ଚ ହର ପୂଜାରୀ, ଶ୍ୟାମସୁନ୍ଦର ନେତାମ, ଦଲବେଡା ପଞ୍ଚାୟତ ସମିତି ସଭ୍ୟ ଟେକ୍ରାମ ମାଝୀ, ପୂର୍ବତନ ଜିଲା ପରିଷଦ ସନୀନ୍ଦ୍ର ସୋରି, ବିଜେଡି ବ୍ଲକ ସଭାପତି ଗୌରହରୀ ନାୟକ, ଜମାଦାରପଡା ସରପଞ୍ଚ କୃଷ୍ଣ ଯାନୀ, ଡମ୍ବରୁ ପାତ୍ର, ବଳରାମ ପଟନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ମ୍ୟାଚରେ ଲୁହାବେହେଲି ପ୍ରଥମେ ବ୍ୟାଟିଙ୍ଗ କରି ୧୦ ଓଭରରେ ୧୧୦ ରନ୍ କରିଥିଲା। ୧୧୧ ରନ୍‌ର ଲକ୍ଷ୍ୟକୁ ପିଛା କରି ଖୁଟୁଗୁଡ଼ା ଦଳ ୧୦ ଓଭର ସମସ୍ତ ଉଇକେଟ ହରାଇ ମାତ୍ର ୬୭ କରିବାରେ ସକ୍ଷମ ହୋଇଥିଲା। ଫାଇନାଲ ମ୍ୟାଚରେ ଲୁହାବେହେଲି ବିଜୟୀ ହୋଇଛି। ଅତିଥିମାନେ ବିଜେତା ଦଳକୁ ୧୬, ୬୬୬ ସହ ଏକ ସୁନ୍ଦର ଟ୍ରଫି ପ୍ରଦାନ ଓ ରନର୍ସଅପ୍ ଖୁଟୁଗୁଡା ଦଳକୁ ୧୧, ୧୧୧ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଭଲ ଖେଳ ପ୍ରଦର୍ଶନ କରିଥିବାରୁ କିଶୋର କୁମାର ଜଗତଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଓ ମ୍ୟାନ ଅଫ୍ ଦ ସିରିଜ ଭାବେ ଜନ ମହମ୍ମଦଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୋରର ଦାୟିତ୍ୱରେ ପ୍ରତାପ, ନଳୀନ ଡ଼ଙ୍ଗରି, ଭାଷ୍ୟକାର ଭାବେ ମନୁ, ଅମ୍ପାୟାରଭାବେ ତ୍ରିନାଥ ଡ଼ଙ୍ଗରି ଓ ଗଣେଶ ମାଝୀ ରହିଥିଲେ। ଏହି କ୍ରିକେଟ ପ୍ରତିଯୋଗିତାକୁ ଦୈତାରୀ ପୂଜାରୀ, ଜୟରାମ ନେତାମ, ସହଦେବ ସୁନା, ସନ୍ତୋଷ ଦାଶ, ପ୍ରେମନାଥ ବେମାଲ, ଶ୍ରୀବତ୍ସ ପଣ୍ଡା, କାର୍ତ୍ତିକ ଡ଼ଙ୍ଗରି, ବାପୁ ଦାଶ, ଟିକମ ଡଙ୍ଗରି, ଚନ୍ଦ୍ର ଡଙ୍ଗରି, ଶଙ୍କର ମାଝୀ, ବିଷ୍ଣୁ ପୂଜାରୀ, ଜିତେନ୍ ଡଙ୍ଗରି, ନନ୍ଦ ନେତାମଙ୍କ ସହ ସମସ୍ତ ପାଟଖଲିଆ ଗ୍ରାମବାସୀ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ବିଜେତା ଖେଳାଳିମାନେ ।

# ରେଫରାଲ ସେଣ୍ଟର ପାଲଟିଛି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ

ଉମରକୋଟ, ୧୩।୫(ସନ୍ତୋଷ ଶତପଥୀ)

- ଡାକ୍ତରଖାନାରେ ନାହାନ୍ତି ବିଶେଷଜ୍ଞ ଡାକ୍ତର
- ଫାଇଦା ଉଠାଇ ମାଲାମାଲ ହେଉଛନ୍ତି କ୍ୱାକ୍




ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ।

ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ହନ୍ତସନ୍ତ ହେଉଛନ୍ତି ରୋଗୀ। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଏଠାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକୁ ଆଧୁନିକୀକରଣ କରିବା ସହ ଆବଶ୍ୟକ ଅନୁଯାୟୀ ସମସ୍ତ ପ୍ରକାର ଅତ୍ୟାଧୁନିକ ସରଞ୍ଜାମ ଯୋଗାଇ ଦେଇଛନ୍ତି ସରକାର। ତେବେ ବିଶେଷଜ୍ଞ ଅଭାବରୁ ଏବେ ଅବ୍ୟବସ୍ଥା ଘେରରେ ରହିଛି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ। ଏହାର ଫାଇଦା ଉଠାଉଛନ୍ତି କ୍ୱାକ୍। ସେମାନେ ନିରୀହ ଲୋକଙ୍କଠାରୁ ଜୋର୍ ଜୁଲମକରି ଅର୍ଥ ଆଦାୟ କରୁଛନ୍ତି। ତାହା କିନ୍ତୁ ପ୍ରଶାସନର ନଜରକୁ ଆସିପାରୁ ନାହିଁ।

ଏହି ଡାକ୍ତରଖାନା ଉପରେ ମୁଖ୍ୟତଃ ନବରଙ୍ଗପୁରର ୪ ବ୍ଲକ୍ ଏବଂ ଓଡ଼ିଶା – ଛତିଶଗଡ଼ ସୀମାନ୍ତ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ବିଶେଷଜ୍ଞ ଡାକ୍ତର ଅଭାବରୁ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରେଫର ହୋଇ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ବେଳେ ଏଠାରେ ମଧ ସମାନ ଅବସ୍ଥା। ଏହି ଅଞ୍ଚଳର ରୋଗୀମାନେ ବର୍ତ୍ତମାନ ବିଶାଖାପାଟଣା ଓ ରାୟପୁର ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ବିଶେଷ କରି ଏଠାରେ ଭେଷଜ, ସ୍ତ୍ରୀରୋଗ, ଶିଶୁରୋଗ,ସର୍ଜରି, ନିଶ଼୍େତକ, ଚକ୍ଷୁ, କର୍ଣ୍ଣ-ନାସା-ଗଳା ଆଦି ବିଶେଷଜ୍ଞ ଡାକ୍ତର ରହିବା କଥା। କିନ୍ତୁ ଦୁଃଖର ବିଷୟ ଏଠାରେ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅଛନ୍ତି। ସେହିଭଳି ଏଠାରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡାଙ୍କୁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଦେଶରେ ନିଯୁକ୍ତି ଦେଇଥିଲେ। କିନ୍ତୁ ଡାକ୍ତର ପଣ୍ଡା ନବରଙ୍ଗପୁର ସିଡିଏମ୍‌ଓଭାବେ ପଦୋନ୍ନତି ପାଇବା ପରେ ଦୀର୍ଘ ୫ ମାସ ହେଲା ଏହି ସ୍ଥାନରେ କାହାକୁ ନିଯୁକ୍ତି ମିଳିନାହିଁ। ଫଳରେ ନବଜାତ ଶିଶୁ ଯତ୍ନ କେନ୍ଦ୍ର (ଏସ୍‌ଏନ୍‌ସିୟୁ) ଓ ପୁଷ୍ଟି ପୁନର୍ବାସ କେନ୍ଦ୍ର (ଏନ୍‌ଆର୍‌ସି) ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ଉମରକୋଟ ଚିକିତ୍ସାଳୟ ଏକ ରେଫରାଲ ଚିକିତ୍ସାଳୟରେ ପରିଣିତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେକୌଣସି ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସନ୍ତୁ ବିଶେଷଜ୍ଞ ଡାକ୍ତର ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥାଏ। ଉମରକୋଟ ଚିକିତ୍ସାଳୟକୁ ପ୍ରତିଦିନ ୪୦୦ ଜଣ ରୋଗ ଚିକିତ୍ସା ପାଇଁ ଆସିଥାନ୍ତି। ସେଥିମଧ୍ୟରୁ ୧୦୦ ଜଣ ସ୍ତ୍ରୀରୋଗ ରୋଗୀ, ୧୦୦ ଜଣ ଶିଶୁ ରୋଗୀ ଓ ୨୦୦ ଜଣ ସାଧାରଣ ରୋଗୀ ଥାଆନ୍ତି। ବିଶେଷଜ୍ଞ ଡାକ୍ତର ନ ଥିବାରୁ ସେମାନେ ନିରାଶ ହେଉଛନ୍ତି। ଏହାର ଫାଇଦା ଉଠାଇ ଜିଲା ଓ ରାଜ୍ୟ ବାହାରୁ ଡାକ୍ତରମାନେ ଆସି ଔଷଧ ଦୋକାନରେ ବସି ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ରାଜ୍ୟ ସରକାର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ଉପଖଣ୍ଡ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଇନ୍‌ଚାର୍ଜ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜଣେ ବିଶେଷଜ୍ଞରେ ସ୍ୱାସ୍ଥ୍ୟସେବା ଚାଲିଛି । ଶିଶୁ ବିଶେଷଜ୍ଞଙ୍କ ବଦଳରେ କେହି ଆସିନାହାନ୍ତି। କିନ୍ତୁ ୨ଜଣ ଡାକ୍ତର ସ୍ୱତନ୍ତ୍ର ଟ୍ରେନିଂ ନେଇ ଛୋଟ ଛୁଆଙ୍କୁ ଚିକିତ୍ସା କରୁଛନ୍ତି। ଘଟଣା ବିଷୟରେ ସିଡିଏମ୍‌ଓଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଶେରଗଡ଼ ଆଦର୍ଶ ବିଦ୍ୟାଳୟ ଦଶମରେ ସୁହାନୀ, ଦ୍ୱାଦଶର କାବେରୀ ପ୍ରଥମ


ଟି.ସୁହାନୀ ପାତ୍ର।

ଶେରଗଡ଼୧୩।୫(ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡ଼ ଆଦର୍ଶ ବିଦ୍ୟାଳୟର ୭୨ ଜଣ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ମାତ୍ର ୫୪ ଜଣ ପାସ କରିଛନ୍ତି। ସେହିପରି ଦଶମ ଶ୍ରେଣୀରେ ୮୩ ଜଣ ପରୀକ୍ଷା ଦେଇଥିବା ବେଳେ ୭୯ ଜଣ ପାସ କରିଛନ୍ତି। ଦ୍ୱାଦଶ ଶ୍ରେଣୀରେ ଟି.କାବେରୀ ପାତ୍ର ୯୩.୨% ନମ୍ବର ରଖି ଆଦର୍ଶ ବିଦ୍ୟାଳୟରେ ଟପର ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ଟି.ସୁହାନୀ ପାତ୍ର ୯୬.୪% ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ୭୫ ପ୍ରତିଶତ ଫଳାଫଳ ହୋଇଥିବା ବେଳେ ଦଶମ ଶ୍ରେଣୀରେ ୯୫.୧୮ ପ୍ରତିଶତ ଫଳାଫଳ ହୋଇଛି। ଆଗାମୀ ଦିନରେ ଯେପରି ଫଳାଫଳ ଅଧିକ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପରାମର୍ଶ ଦେଇଥିଲେ।

### ରେଳଧାରଣାରୁ ୨ ମୃତଦେହ ଜବତ

ବ୍ରହ୍ମପୁର,୧୩।୫(ସୁବାସ ଚନ୍ଦ୍ର ପାଢ଼ି):

ବ୍ରହ୍ମପୁର ସରକାରୀ ରେଳବାଇ ଥାନା (ଜିଆରପି) ଅନ୍ତର୍ଗତ ୨ଟି ପୃଥକ ସ୍ଥାନରେ ରେଳଧାରଣାରୁ ଜଣେ ଯୁବତୀ ଓ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବତୀଙ୍କ ବୟସ ପାଖାପାଖି ୨୫ ବର୍ଷ ହେବ। ସେହିପରି ବୃଦ୍ଧଙ୍କ ବୟସ ପ୍ରାୟ ୬୫ ବର୍ଷ ହେବ ବୋଲି ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ଏ ନେଇ ରେଳବାଇ ଥାନାରେ ନଂ.୪୬/୨୫ ଓ ୪୭/୨୫ ରେ ୨ ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଉଭୟ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିଚୟ ଜଣାପଡିନଥିବାରୁ ତାହାକୁ ସଂରକ୍ଷିତ ରଖିଛି। ଛତ୍ରପୁର ନିକଟ ରେଳଧାରଣା କଡରେ ଜଣେ ଯୁବତୀଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ପୋଲିସ ପହଞ୍ଚି ସେଠାକାର ଲୋକଙ୍କୁ ପଚରାଉଚରା କରିଥିଲା। କୌଣସି ଚଳନ୍ତା ଟ୍ରେନରୁ ସେ ଖସି ପଡିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ସନ୍ଦେହ କରାଯାଉଛି। ସେହିପରି ବ୍ରହ୍ମପୁର ରେଳଷ୍ଟସନର ୨ନଂ ପ୍ଲାଟଫର୍ମ ରେଳଧାରଣାରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ପୋଲିସ ତଦନ୍ତ କରିଥିଲା । କୌଣସି ଏକ ଚଳନ୍ତା ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ପାରିପାର୍ଶିକ ପରିସ୍ଥିତିରୁ ଜଣାପଡିଛି ବୋଲି ପୋଲିସ କହିଛି।

## ସିବିଏସ୍‌ଇ ଦଶମ,ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ

# ଭଞ୍ଜନଗର କେଭିରୁ ଆଦର୍ଶ, ସେଣ୍ଟଆନ୍ସର ଭାବନା ବିଦ୍ୟାଳୟ ଟପ୍ପର

ଭଞ୍ଜନଗର,୧୩।୫(ବାବୁଲା ପ୍ରଧାନ):

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ପକ୍ଷରୁ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ଏବଂ ସେଣ୍ଟଆନ୍ସ ଇଂଲିଶ ମିଡିୟମ ସ୍କୁଲର ପରୀକ୍ଷା ଫଳକୁ ନେଇ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଖୁସିବ୍ୟକ୍ତ କରିଛନ୍ତି। କେଭିର ଆଦର୍ଶ ମହାନନ୍ଦ ୯୫.୮୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି ଦଣ୍ଡପାଣି ମହାନନ୍ଦ ଏବଂ ଆଶାଲତା ଦିଗାଲଙ୍କ ପୁଅ। ସେହିପରି ଜ୍ୟୋତିମୟୀ ସେଠୀ, ରୀତି ରଚୟିତା ମୁନି ୯୫ ପ୍ରତିଶତ ମାର୍କ ରଖି କ୍ଲାସରେ ଯୁଗ୍ମ ଦ୍ୱିତୀୟ ହୋଇଛନ୍ତି। ବିନାୟକ ତାରିଣୀ ୯୩.୮୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସୌମ୍ୟା ସେଫାଳିକା ସାହୁ ୯୩.୪୦ ପ୍ରତିଶତ, ବୈଭବ ପଟ୍ଟନାୟକ ୯୨.୬, ସ୍ୱନ୍ଦନ ଶତପଥି ୯୨.୬, ଶିବ ଶଙ୍କର ବେହେରା ୯୨.୨ ଏବଂ ଅଂଶୁମାନ ସେଠୀ ୯୦.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ସୁନାମ ରଖିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ପାସ୍ ହାର ୯୭.୬୭ ପ୍ରତିଶତ ରହିଛି। ବିଦ୍ୟାଳୟ ଅଧକ୍ଷ ପ୍ରଦୀପ କମାନ୍ତୁ, ବରିଷ୍ଠ ଶିକ୍ଷକ ସତ୍ୟବାନ ସାହୁ ସମସ୍ତ କୃତୀ ଛାତ୍ରୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟର ୪୩ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୪୨ ଜଣ ପାସ ହୋଇଛନ୍ତି । ଜଣେ କମ୍ପାଟମେଣ୍ଟ ଲାଗିଛି।


ଆଦର୍ଶ ମହାନନ୍ଦ।


ଭାବନା ପ୍ରିୟଦର୍ଶିନୀ ।

ସେହିଭଳି ସେଣ୍ଟଆନ୍ସର ଭାବନା ପ୍ରିୟଦର୍ଶିନୀ ୯୩.୬୦ % ମାର୍କ ରଖି କ୍ଲାସରେ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି କେ. ଶଙ୍କର ନାରାୟଣ ପାତ୍ର ଏବଂ କେ. ପ୍ରତିମା ପାତ୍ରଙ୍କ ଝିଅ। ସେଣ୍ଟଆନ୍ସର ଛାତ୍ରୀ ଜ୍ଞାନଦା ବେହେରା ୯୧.୩୦ ପ୍ରତିଶତ ମାର୍କ ରଖି ସ୍କୁଲରେ ଦ୍ୱିତୀୟ ଓ ସାଇଶରୀ ସାହୁ ୮୯ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସ୍କୁଲର ପାସ ହାର ୯୯ ପ୍ରତିଶତ ଅଛି। ଅଧକ୍ଷା ସିଷ୍ଟର ସାନ୍ଥା କୁମାରୀ ସମସ୍ତ କୃତୀ ଛାତ୍ରୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଛତ୍ରପୁରର ଗୌରବ ବିଷ୍ଣୁପ୍ରସାଦ

ଛତ୍ରପୁର,୧୩।୫(ସନ୍ତୋଷ ପାଢ଼ୀ):

ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱରସ୍ଥିତ ଡିଏଭି ଚନ୍ଦ୍ରଶେଖରପୁରରେ ଅଧ୍ୟୟନ କରୁଥିବା ଛତ୍ରପୁର ଏନଏସିର ବିଷ୍ଣୁ ପ୍ରସାଦ ଶତପଥୀ ୯୮% ନମ୍ବର ପାଇଛନ୍ତି । ସେ ତାଙ୍କ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବିଷ୍ଣୁପ୍ରସାଦ ଛତ୍ରପୁର କାରମେଲ କନଭେଣ୍ଟ ସେକଣ୍ଡାରୀ ସ୍କୁଲରେ ପଢ଼ିବା ସମୟରେ ଆଇସିଏସଇ ଦଶମ ଫଳାଫଳରେ ଓଡିଶା ଟପ୍ପର ହୋଇଥିଲେ। କିଛିଦିନ ତଳେ ପ୍ରକାଶିତ ଜେଇଇ ମେନରେ ୯୯ % ନମ୍ବର ପ୍ରାପ୍ତ କରିଥିଲେ । ବିଷ୍ଣୁ ପ୍ରସାଦ ଛତ୍ରପୁର ପାତ୍ରସାହି ସ୍ଥିତ ଦୁର୍ଗା ପ୍ରସାଦ ଶତପଥୀ ଏବଂ ରଶ୍ମିତା ଶତପଥୀଙ୍କ ପୁଅ। ତାଙ୍କର ଏହି କୃତିତ୍ୱ ପାଇଁ ସେ ବିଦ୍ୟାଳୟର ସମସ୍ତ ଗୁରୁଜୀ ବୃନ୍ଦ ଏବଂ ପରିବାରର ସମସ୍ତ ଗୁରୁଜନ ମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଆଗକୁ ଜେଇଇ ଆଡ଼ଭାନ୍ସରେ କୃତକାର୍ଯ୍ୟ ହୋଇ ଜଣେ ଆଇଟି ଇଞ୍ଜିନିୟର ହେବା ପାଇଁ ଆଶା ରଖିଛନ୍ତି।


ବିଷ୍ଣୁ ପ୍ରସାଦ ଶତପଥୀ।

## ଦି ନ୍ୟୁ ଏଜ୍ ୟୁରୋ ସ୍କୁଲର ସଫଳତା

ଛତ୍ରପୁର,୧୩।୫(ଦିଲ୍ଲୀପ ସାମଲ):

ସିବିଏସଇ ଦଶମ ପରୀକ୍ଷାରେ ଛତ୍ରପୁରସ୍ଥିତ 'ଦି ନ୍ୟୁ ଏଜ ୟୁରୋ' ସ୍କୁଲକୁ ଶତପ୍ରତିଶତ ସଫଳତା ମିଳିଛି। ସିବିଏସଇ ବୋର୍ଡ ସ୍ୱୀକୃତି ପରେ ସ୍କୁଲର ପ୍ରଥମ ବ୍ୟାଚରେ ୨୮ ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପାସ କରିଛନ୍ତି। ୪ ଜଣ ଛାତ୍ରଛାତ୍ରୀ ୯୬ ପ୍ରତିଶତ ମାର୍କ ରଖି ସ୍କୁଲର ଗୌରବ ବଢ଼ାଇଛନ୍ତି । ସେମାନେ ହେଲେ ବସୁନ୍ଧରା ପାଣିଗ୍ରାହୀ, ଆଦିତ୍ୟ ନାୟକ, ବରୁଣ କୁମାର ସାହୁ ଓ ଜ୍ୟୋତି ପ୍ରକାଶ ପଟ୍ଟନାୟକ। ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଯାଇଛି। ଚଳିତବର୍ଷ ଅନୁଷ୍ଠାନରେ ଦ୍ୱାଦଶ ବିଜ୍ଞାନ ପାଠ୍ୟକ୍ରମ ଖୋଲିବ । ଅନୁଷ୍ଠାନ ପକ୍ଷରୁ ସମସ୍ତ ଚୂଡାନ୍ତ ପ୍ରସ୍ତୁତି ସରିଛି । ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ସହିତ ଜେଇ ଓ ନିଟ ପାଠ୍ୟକ୍ରମ ପାଇଁ ସୁବିଧା ଉପଲବ୍ଧ ରହିଛି ।

## ଆୟୁଷ୍ମାନ କାର୍ଡ ବଣ୍ଟନର ଶୁଭାରମ୍ଭ

ବ୍ରହ୍ମପୁର,୧୩।୫(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମର ୮ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ବିଏମସି ମେୟର ସଂଘମିତ୍ରା ଦଲେଇଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟରଙ୍କ ଉପସ୍ଥିତିରେ କାର୍ଡ ବଣ୍ଟନ ହୋଇଛି। ଉକ୍ତ ଯୋଜନାରେ ୧ଲକ୍ଷ ୫୨ ହଜାର ୨୨ ଜଣ କାର୍ଡପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିମଧ୍ୟରୁ ଆଗା ସାହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩, ୪୦୨ ହିତାଧିକାରୀ, ଆସ୍କା ରୋଡ ଠାରେ ୧୬୨୫୯, ଉତ୍ତରାମୁଖୀ ଠାରେ ୧୧୨୮, ରେଡକ୍ରସ ଠାରେ ୯୧୧୪, ବୈକୁଣ୍ଠ ନଗର ଠାରେ ୫୫୩୭,ଗୁଡ଼ସ ରୋଡ ଠାରେ ୧୧୨୮, ଖୋଡାସିଙ୍ଗି ଠାରେ ୫୮୧୯ ଓ ଆମ୍ବପୁଆ ଠାରେ ୧୩୦୭୮ ହିତାଧିକାରୀ ରହିଛନ୍ତି। ଏହି ଯୋଜନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଥିବା ବିଭାଗୀୟ ଅଧିକାରୀ କହିଛନ୍ତି। କାର୍ଡ ଧାରୀଙ୍କ ସୁବିଧା ଓ ଅସୁବିଧା ପାଇଁ ଗ୍ରାହକ ସେବା ନ ୧୪୫୫୫ ଜାରି କରାଯାଇଛି। ବିଏମସି ଏନୟୁଏଚଏମର ସିଟି ପ୍ରୋଗ୍ରାମ ମେନେଜର ଲମ୍ବୋଦର ଦିଗାଲଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଆଶୁତୋଷ, ଭାଗ୍ୟଶ୍ରୀ ବିଦ୍ୟାଳୟ ଟପ୍ପର

ଆସିକା,୧୩।୫(ସୁରେନ୍ଦ୍ର ନାଥ ସାହୁ):

ଆସିକା କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଆଶୁତୋଷ ଆଚାରୀ ଓ ଆରିୟନ ପବ୍ଲିକ ସ୍କୁଲର ଭାଗ୍ୟଶ୍ରୀ ମିଶ୍ର ବିଦ୍ୟାଳୟ ଟପ୍ପର ହୋଇଥିବା ଜଣାପଡିଛି। ଉଭୟେ ୯୯ ପ୍ରତିଶତ ମାର୍କ ହାସଲ କରଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀରେ ମୋଟ ୪୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୪ ଜଣ ଓ ଦ୍ୱାଦଶ ଶ୍ରେଣୀରେ ୨୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ଚିରସ୍ମିତା କାମ୍ପ ୯୦ ପ୍ରତିଶତ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିଭଳି ଡିପଲ ସ୍କୁଲର ସମସ୍ତ ୩୯ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ଯୁବରାଜ ରଶିଲ ଦାସ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିଭଳି ମମ ସ୍କୁଲର ସମସ୍ତ ୧୨ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ଶୃତି ଶିବାନନ୍ଦ ଜେନା ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ନିମିନାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀର ସମସ୍ତ ୬୯ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ଯଶବନ୍ତ ବିଶ୍ୱାଳ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିଭଳି ଏହି ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ୬୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଶୁଭମ ପାତ୍ର ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ଅଛନ୍ତି।

## କ୍ରେଡିଟ୍ କାର୍ଡର ଲିମିଟ ବଢ଼ାଇବା ନାଁରେ ଠକେଇ: ୯୦ ହଜାର ଚଳୁ

ବ୍ରହ୍ମପୁର,୧୩।୫(ସୁବାସ ଚନ୍ଦ୍ର ପାଢ଼ି):

କ୍ରେଡିଟ କାର୍ଡର ଲିମିଟ ବଢାଇବା ଆଳରେ ଜଣେ ମହିଳାଙ୍କ ଠାରୁ ୯୦ ହଜାର ଟଙ୍କା ଚଳୁ କରିଛନ୍ତି ସାଇବର ଗ୍ୟାଙ୍ଗ। ଏ ନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୋମନାଥନଗରର ଜନୈକା ମହିଳାଙ୍କ ଏକାଧିକ କ୍ରେଡିଟ କାର୍ଡ ରହିଛି। ଗତ ୭ ତାରିଖରେ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ଫୋନ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଏଚଡିଏଫସି ବ୍ୟାଙ୍କର କଷ୍ଟମର କେୟାର ପ୍ରତିନିଧି ବୋଲି କହିଥିଲେ। ଏପଟେ ଯେଉଁ ନମ୍ବରରେ ଫୋନ ଆସିଥିଲା ତାହା ଏଚଡିଏଫସି କଷ୍ଟମର ସର୍ଭିସ ବୋଲି ଦର୍ଶାଉଥିବା ମହିଳା ଜଣଙ୍କ ସେହି ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଥିଲେ । ତେବେ ମହିଳାଙ୍କ ନାମରେ ଯେଉଁ କ୍ରେଡିଟ କାର୍ଡ ରହିଛି ତାହାର ଲିମିଟ ବଢାଇବା ପାଇଁ ଅଫର ରହିଛି ବୋଲି ବ୍ୟକ୍ତି ଜଣଙ୍କ କହିଥିଲେ । ଏହାପରେ କ୍ରେଡିଟ କାର୍ଡର ଫଟୋ ପଠାଇବାକୁ କହିବା ସହ ଭିଡିଓ କଲରେ ଯୋଗଦେଇ ତାଙ୍କ କହିବା ପ୍ରକାରେ କାର୍ଡ ପରିଚାଳନା କରିବାକୁ କହିଥିଲେ । ସେହିକ୍ରମରେ ମହିଳା ଜଣଙ୍କ ନିଜ କାର୍ଡର ସମସ୍ତ ତଥ୍ୟ ଉକ୍ତ ବ୍ୟକ୍ତିଙ୍କୁ ଦେବା ସହ ଭିଡିଓ କଲରେ ରହି ଓଟିପି ସହ ଅନ୍ୟାନ୍ୟ ସୂଚନା ପ୍ରଦାନ କରିଥିଲେ। ଏହାର କିଛି ସମୟ ପରେ ମହିଳାଙ୍କ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ କାର୍ଡରୁ ୮୦ ହଜାର ୨୧୬ ଟଙ୍କା କଟି ଯାଇଥିଲା ।କୌଣସି ବ୍ୟକ୍ତି ତାଙ୍କ କ୍ରେଡିଟ କାର୍ଡ ବ୍ୟବହାର କରି ଫ୍ଲିପକାର୍ଟରୁ ଉପରୋକ୍ତ ଟଙ୍କା ମୂଲ୍ୟର କିଣାକିଣି କରିଥିବା ସେ ଜାଣିବାକୁ ପାଇଥିଲେ । ଏହାର କିଛି ସମୟ ପରେ ଅନ୍ୟ ଏକ କ୍ରେଡିଟ କାର୍ଡରୁ ୯୭୮୦ ଟଙ୍କା କଟି ଯାଇଥିଲା । ତେବେ ଉଭୟ କ୍ରେଡିଟ କାର୍ଡରୁ କିଛି ସମୟ ମଧ ଟଙ୍କା ଗାଏବ ହୋଇଯାଇଥିଲେ ମଧ କାର୍ଯ୍ୟବସ୍ତ ଯୋଗୁ ମହିଳା ଜଣଙ୍କ ସେ ଦିଗରେ ଧ୍ୟାନ ଦେଇନଥିଲେ। ରାତିରେ ଯାଞ୍ଚ ବେଳେ କୌଣସି ଅଜଣା ବ୍ୟକ୍ତି ତାଙ୍କ କ୍ରେଡିଟ କାର୍ଡରୁ ପ୍ରାୟ ୯୦ ହଜାର ଟଙ୍କା ନେଇ ଯାଇଥିବା ସେ ଜାଣିବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

### ପୀଡ଼ିତାଙ୍କୁ ସାଢ଼େ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୩।୫(ସୁବାସ ଚନ୍ଦ୍ର ପାଢ଼ୀ):

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତି ପଟ୍ଟନାୟକ ମଙ୍ଗଳବାର ଜଣେ ନାବାଳିକା ବଳାତ୍କାର ମାମଲାର ୮ ମାସରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଜଜ୍ ଉକ୍ତ ମାମଲାର ଅଭିଯୁକ୍ତ ବିହାର ବକ୍ସର ଜିଲା ରାଜପୁର ଥାନା ଅଞ୍ଚଳର ଗୁଡୁ ରାଜଭର(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ଆଦାୟ ଜରିମାନା ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ସେହିପରି ପୀଡିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ( ଡିଏଲଏସଏ)ଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି ।

ବୈଦ୍ୟନାଥପୁର ଥାନା ଅଞ୍ଚଳର ନାବାଳିକାଙ୍କ ପରିବାର ହାଇଦ୍ରାବାଦରେ ଘରଭଡା ନେଇ ରହୁଥିଲେ। ବାପା ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ନାବାଳିକା(୧୪) ଜଣକ ସେଠାରେ ପାଠ ପଢୁଥିଲେ। ୨୦୨୪ରେ ପରିବାର ସହ ସେ ବ୍ରହ୍ମପୁର ଫେରିଥିଲେ। ଝିଅକୁ ଅଜା ଘରେ ଛାଡ଼ି ମା'ବାପା ପୁଣି ହାଇଦ୍ରାବାଦ୍ ଚାଲିଯାଇଥିଲେ। ଗତ ଅଗଷ୍ଟ ମାସରେ ନାବାଳିକାଙ୍କ ପେଟ ଯନ୍ତ୍ରଣା ହେବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେ ୮ ମାସର ଗର୍ଭବତୀ ହୋଇଥିବା ଜଣାପଡିଥିଲା। ହାଇଦ୍ରାବାଦ୍‌ରେ ଥିବା ବେଳେ ନାବାଳିକାଙ୍କୁ ପାଖ ଘରେ ରହୁଥିବା ଜଣେ ଯୁବକ ଭୟଭୀତ କରି ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ଔଷଧ ଖାଇ ଗର୍ଭନଷ୍ଟ କରିବାକୁ ଯୁବକ ଜଣକ ତାଙ୍କୁ କହିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୩୯୩/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ହାଇଦ୍ରାବାଦ୍‌ରୁ ଗିରଫ କରି ତାଙ୍କୁ ବ୍ରହ୍ମପୁର ଆଣିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଏପଟେ ପୀଡ଼ିତାଙ୍କ ଏକ କନ୍ୟା ସନ୍ତାନ ହୋଇଥିବା ବେଳେ କିଛିଦିନ ତଳେ ତାହାର ମୃତ୍ୟୁ ଘଟିଥିଲା। ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

ଗୋପାଳପୁର,୧୩।୫(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ୍ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ପ୍ରଥମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ସିନେପ୍ଲକ୍ସ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ, ସମ୍ମାନିତ ଅତିଥି ଓଡ଼ିଶୀ ଡ୍ୟାନ୍ସର ପଦ୍ମଶ୍ରୀ ଡ଼.ଅରୁଣା ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭବେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗଭରନିଙ୍ଗ ମେମ୍ବର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଡା.ପ୍ରତୋଷ ବଂଶଲ, ଡା.ଅନୁରାଗ ଅଗ୍ରୱାଲ, ବିମଲ ମିଶ୍ର, ରଞ୍ଜନ ଜେନା ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡା.ସୁକାନ୍ତ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ସେମାନଙ୍କର ସଫଳତା ଉପରେ ବିବରଣୀ ଦେଇଥିଲେ। ଭବିଷ୍ୟତରେ ଛାତ୍ରୀଛାତ୍ରମାନଙ୍କର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରିବାକୁ ସେଲୋନା ସହିତ ସ୍ୱାକ୍ଷର କରାଯାଇଛି। କୁଳପତି ପ୍ରଫେସର ଡା.ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟର ୧୦ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ, ୧୯ ଛାତ୍ରୀଛାତ୍ରଙ୍କୁ ରୋପ୍ୟ ପଦକ ସମେତ ୧୮୭ ଛାତ୍ରୀଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ମହାକାଶ ବିଜ୍ଞାନୀ ତଥା ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ ବିଜ୍ଞାନରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ବେଳେ ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ସାହିତ୍ୟରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡା.ମାନସ ରଞ୍ଜନ ପାତ୍ର, ପ୍ର.ସ୍ୱାଧୀନ ମିଶ୍ର, ଡା.ପ୍ରୀତି ରଞ୍ଜନ ସାହୁ, ଡା.ସସ୍ମିତା ପାଢ଼ୀ, ଡା.ରତିକାନ୍ତ ନାୟକ, ଡା.ମାନବେନ୍ଦ୍ର ପାତ୍ର, ଡା.ଲକ୍ଷ୍ମୀ କାନ୍ତ ରାଜୁ, ସରୋଜ ପାଢ଼ୀ, ଡା.ଭବାନୀ ଶଙ୍କର ଗୌଡ଼, ପ୍ରଭୁଦତ୍ତ ମିଶ୍ର, ପ୍ର.ସରୋଜ ପାଢ଼ୀ, ପ୍ର.ପୂର୍ଣ୍ଣେନ୍ଦୁ ମିଶ୍ର, ସନ୍ତୋଷ ନାୟକ, ବାସୁଦେବ ପାଢ଼ୀ, ଗୋପବନ୍ଧୁ ଉତ୍ତରକବାଟ, ସୁନୀଲ ରାୟ ଓ ପିତାମ୍ବର ସାହୁ ପରିଚାଳନା କରିଥିଲେ।


ଅତିଥିଙ୍କ ଦ୍ୱାରା ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଉଛି ।

## ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର,୧୩।୫(ସୁବାସ ଚନ୍ଦ୍ର ପାଢ଼ୀ) :

ବରିଷ୍ଠ ଆଇନଜୀବୀ କୃଷ୍ଣ ପ୍ରସାଦ ସାହୁ (୭୫)ଙ୍କ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏନେଇ ଓକିଲ ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ହୋଇଥିଲା। ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଶୋକସନ୍ତାପ ପରିବାରକୁ ସମବେଦନା ଜଣାଇ ସଂଘ ପକ୍ଷରୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ହୋଇଥିଲା।

## ନୃସିଂହ ନନ୍ଦ ମହାପାତ୍ରଙ୍କୁ ଜାତୀୟ ଆଇକନ ପୁରସ୍କାର


ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୩।୫(ଅଶୋକ କୁମାର ସାହୁ)କନ୍ଧମାଳ ଜିଲା ଫୁଲବାଣୀର ଡକ୍ଟର ନୃସିଂହ ନନ୍ଦ ମହାପାତ୍ରଙ୍କୁ ଜଣେ ସାମାଜିକ କର୍ମୀ ଏବଂ ଲେଖକ ଭାବରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀୟ ସାହିତ୍ୟ ସଂସ୍କୃତି ଏକାଡେମୀ ଏବଂ ସମତା ସାହିତ୍ୟ ଏକାଡେମୀ ଦ୍ୱାରା ଚଳିତବର୍ଷର ଜାତୀୟ ଆଇକନ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ମାଲବ୍ୟ ମିଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହର୍ଷ ମାଲହୋତ୍ରା ମୁଖ୍ୟ ଅତିଥି, ସୁପ୍ରିମକୋର୍ଟର ଅତିରିକ୍ତ ଆଡଭୋକେଟ ଜେନେରାଲ ସଞ୍ଜୀବ ସେହଗ, ନେପାଳର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ବିଶ୍ୱେନ୍ଦ୍ର ପାଶୱାନ, ଏମସିୟୁର ପୂର୍ବତନ ଭିସି ପ୍ରଫେସର ଡକ୍ଟର କେ.ଜି. ସୁରେଶ, ଗ୍ରୁପ କ୍ୟାପ୍ଟେନ ମହେଶ ଉପାସାନୀ ଏବଂ ରିପୋର୍ଟର୍ସ ଏବଂ ଫଟୋଗ୍ରାଫର୍ସ ଆସୋସିଏସନର ସଚିବ ଅନୁପ କୁମାର ବର୍ଦ୍ଧନ ପ୍ରମୁଖ ଯୋଗ ଦେଇଥିଲେ। ଡକ୍ଟର ମହାପାତ୍ର ୪୯ ପୁସ୍ତକ ଲେଖିଛନ୍ତି, ୧୬୪ ଥର ରକ୍ତଦାନ କରିଛନ୍ତି, ବୃକ୍ଷରୋପଣ ଅଭିଯାନର ନେତୃତ୍ୱ ନେଇଛନ୍ତି ଏବଂ ଅନୁସୂଚିତ ଜାତି/ଜାତୀୟ ଜନଜାତି ସମ୍ପ୍ରଦାୟ ପାଇଁ ଶିକ୍ଷା କ୍ଷେତ୍ରରେ ସ୍ୱେଚ୍ଛାସେବୀ ହୋଇଛନ୍ତି। କନ୍ଧମାଳର ନିରଞ୍ଜନ ଦିବ୍ୟାଙ୍ଗ ସହାୟତା କେନ୍ଦ୍ରର ସଦସ୍ୟ ଭାବରେ ସେ ଦୃଷ୍ଟିହୀନଙ୍କ ପାଇଁ କ୍ୟାଲିପର, କୃତ୍ରିମ ଅଙ୍ଗ ଏବଂ ଚଷମା ପ୍ରଦାନ କରି ଭିନ୍ନକ୍ଷମମାନଙ୍କୁ ସହଯୋଗ କରିଛନ୍ତି। ଭାରତୀୟ ସାହିତ୍ୟ ସଂସ୍କୃତି ଏକାଡେମୀର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାକେଶ ଦେବନାଥ ଏବଂ ସମତା ସାହିତ୍ୟ ଏକାଡେମୀର ପ୍ରତିଷ୍ଠାତା–ସଭାପତି ଡକ୍ଟର ଡି.ଏସ. ତାଣ୍ଡେକର ଧନ୍ୟବାଦ ଦେଇଥିଲେ।

## ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର,୧୩।୫( ସ୍ମୃତି ରଞ୍ଜନ ମହାଲିକ)– ସୁସ୍ଥ ଓ ସଶକ୍ତ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେବର୍ଷି ନାରଦ ୩ପୁରରେ ଖବରର ବାର୍ତ୍ତାବହ ଥିଲେ। ଯାହା ସମାଜ ପାଇଁ ସକରାତ୍ମକ ପ୍ରଭାବ ଆଣୁଥିଲା। ତାହାକୁ ଏବେବି ଅନୁକରଣ କରାଯିବା ଉଚିତ। ଭାରତ ପ୍ରାଚୀନ କାଳରେ ବିଶ୍ୱ ଗୁରୁ ଥିଲା ବୋଲି ଗୋସାଣୀ ନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ମଙ୍ଗଳବାର ଆୟୋଜିତ ଦେବର୍ଷି ନାରଦ ଜୟନ୍ତୀରେ ଆରଏସଏସର ପୂର୍ବ ଓ ପଶ୍ଚିମ ଉତ୍କଳ ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ମୁଖ୍ୟବକ୍ତା ରୂପେ ଯୋଗ ଦେଇ କହିଛନ୍ତି। ଉତ୍କର୍ଷ ଓଡିଶା ଗଠନରେ ଖବରଦାତାଙ୍କ ଭୂମିକା ସଂପର୍କରେ ଆଲୋଚନାକ୍ରମରେ ଯୋଗଦେଇ ସେ କହିଥିଲେ ଯେ, ପୌରାଣିକ ଯୁଗରୁ ପ୍ରାକ ସ୍ୱାଧୀନତା କାଳ ପର୍ଯ୍ୟନ୍ତ ଗଣମାଧ୍ୟମ ବିଭିନ୍ନ ରୂପରେ ସମାଜ ପ୍ରତି ତା'ର ଉତ୍ତରଦାୟିତ୍ୱ ନିର୍ବହ କରି ଆସୁଥିଲା। ଏବେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଅଗ୍ରଗତି ସତ୍ତ୍ୱେ ଖବରର ସତ୍ୟତା ଜାଣିବା ଅନେକ ସମୟରେ କଷ୍ଟକର ହୋଇ ପଡୁଛି। ଏହା ସମାଜରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏଣୁ ଏବେବି ଖବରଦାତାଙ୍କ ଦାରା ସତ୍ୟ, ନିରପେକ୍ଷ ଖବର ପରିବେଷଣ ନାରଦଙ୍କ ଯୁଗ ଭଳି ସମାଜ ଗଠନରେ ଗୁରୁତ୍ୱ ରଖେ ବୋଲି ସେ କହିଛନ୍ତି। ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଙ୍କର ପାଡି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ଡ. ବନ୍ଦିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ସମାଜ ଗଠନ ଓ ସଂସ୍କାରରେ ଗଣମାଧ୍ୟମର ଭୂମିକା ଉପରେ ଡ. ପାଢି କହିଥିଲେ। ବୈଷୟିକ କୌଶଳର ଉପଯୋଗ କରି ସତ୍ୟ ଖବର ପରିବେଷଣ ଓ ସମାଜ ଉପରେ ତାହାର ପ୍ରଭାବ ସଂପର୍କରେ ଗଣ ଯୋଗାଯୋଗ ବିଭାଗୀୟ ମୁଖ୍ୟ କହିଥିଲେ। ଦେବର୍ଷି ନାରଦ ଜୟନ୍ତୀ ସମାରୋହ ସମିତି ସଂଯୋଜକ ପ୍ରହ୍ଲାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଆରଏସଏସ ସହ ଜିଲା ପ୍ରଚାର ପ୍ରମୁଖ ମାଧବ ନାୟକ ପରିଚାଳନା କରିଥିଲେ।


ଅତିଥି ଉଦବୋଧନ ଦେଉଛନ୍ତି।

**୮୦ ଲକ୍ଷ ଟଙ୍କାର ବନୀକରଣ ଦୁର୍ନୀତି**

# ଡେପୁଟି ରେଞ୍ଜରଙ୍କ ସମେତ ୫ ଗିରଫ

ଭବାନୀପାଟଣା/ଭୁବନେଶ୍ୱର, (ଉତ୍ତମ କୁମାର ଦାଶ/ ସତ୍ୟଜିତ ରାଉତ) ୧୩।୫

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ବନୀକରଣ ଆଳରେ ହୋଇଥିବା ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଛି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗର ଅଫିସର ଓ କର୍ମଚାରୀମାନେ ଏହି ଦୁର୍ନୀତି କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଛି। କମ୍ପେନସାଟୋରି ଆଫୋରଷ୍ଟେଶନ ସ୍କିମ୍ ଜରିଆରେ ଗଛ ଲଗାଇବା ଆଳରେ ୮୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ମଙ୍ଗଳବାର ଜୟପାଟଣା ବନାଞ୍ଚଳ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗ୍‌ଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତମାନେ ଫରେଷ୍ଟର ଉମେଶ ରାଉତ, ଦେବରାଜ ସୁନାନି, ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଏବଂ ଲଳିତ ନାଏକ। ଏ ସମ୍ପର୍କରେ ସୋମବାର କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୧୯/୨୦୨୫) କରାଯାଇଛି। ଅଭିଯୁକ୍ତମାନଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗ୍(ବାମରୁ), ଫରେଷ୍ଟର ଦେବରାଜ ସୁନାନି, ଉମେଶ ରାଉତ, ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଏବଂ ଲଳିତ ନାଏକ।

- ତଦନ୍ତ ଦାୟିତ୍ୱରେ ଭିଜିଲାନ୍ସର ୪ଟି ଟିମ୍
- ୨ ମାସ ତଳେ ଚଢ଼ଉ କରିଥିଲା ଇଡି

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମିଳିମିଶି ବନୀକରଣ ଆଳରେ ଅର୍ଥ ଆତ୍ମସାତ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଟଙ୍କା ହଡ଼ପ କରିଥିଲେ। ପ୍ଲାଣ୍ଟେସନ୍ ସାଇଟ୍ ଯଥା ଚମ୍ପାବୁଆଁ-୧ରେ ୭୧.୦୬୬ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୪୩.୭୫ ଲକ୍ଷ), ଚମ୍ପାବୁଆଁ-୨ରେ ୧୪.୧୦୯ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୬.୬୭ ଲକ୍ଷ), ଖମାରପଦର ଟାଙ୍ଗରା ପାହାଡରେ ୩୦ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୧୨.୭୬ ଲକ୍ଷ), ଖମାରପଦର ଏଏନ୍‌ଆର୍ ରେ ୫୮.୮୬ ହେକ୍ଟରରେ ପ୍ରତି ହେକ୍ଟର ପିଛା ୮୦୦ ଗଛ (୧୧.୨୨ ଲକ୍ଷ) ଏବଂ ଖମାରପଦର ଏଏନ୍‌ଆର୍ ରେ ୭୭.୭୪୩ ହେକ୍ଟରରେ ପ୍ରତି ହେକ୍ଟର ପିଛା ୪୦୦ ଗଛ (୫.୧୨ ଲକ୍ଷ) ଲଗାଇବାକୁ କହି ଟଙ୍କା ଆଣିଥିଲେ। ହେଲେ ଅଳ୍ପ ଗଛ ଲଗାଇ ଆଉ ସବୁ ଟଙ୍କା ଚଳୁ କରିଦେଇଥିଲେ। ଅଭିଯୁକ୍ତମାନେ ଶ୍ରମିକଙ୍କ ଆକାଉଣ୍ଟ କହି ଅନ୍ୟ ଆକାଉଣ୍ଟ ଦେଇ ଟଙ୍କା ନେଇଯାଇଥିଲେ। ଏହାପରେ ସେମାନେ ଉକ୍ତ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟଙ୍କା ନେଇଥିଲେ। ଏନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ୨ ମାସ ହେଲା ଭିଜିଲାନ୍ସ ୨୫ ଅଫିସରଙ୍କୁ ନେଇ ଗଠିତ ୪ ଟିମ୍ ତଦନ୍ତ ଓ ଅନୁସନ୍ଧାନ କରିଥିଲେ। ଏହାପୂର୍ବରୁ ଗତ ଫେବୃଆରୀ ୨୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଜୟପାଟଣା ବନାଞ୍ଚଳ କାର୍ଯ୍ୟାଳୟ ସମେତ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରିଥିଲା। ଏନେଇ ଇଡି ମଧ୍ୟ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ୬୧୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୩।୫(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ଵା ପୋଲିସ ୬୧୪ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଡ଼ଵା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଯୋଡ଼ାଆମ୍ବ ଗାଁ ନିକଟରୁ ଏକ ୧୦ ଚକିଆ ଟ୍ରକ ( ନଂ. ପିବି ୦୭ଏ ଏସ ୧୮୦୫)ରେ ପଞ୍ଜାବ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଗଞ୍ଜେଇ ଧରିବାକୁ ଅଡ଼ଵା ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଟ୍ରକ୍‌ରେ ଗଞ୍ଜେଇ ବେଝେଇ ହେଉଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପଞ୍ଜାବର ଗଞ୍ଜେଇ ବ୍ୟବସାୟୀ ଦିଲବାଗ ସିଂ ଓ ଗଜପତି ଜିଲ୍ଲା ପରମାଗୁଡା ଗାଁର ରଞ୍ଜନ ନାୟକଙ୍କୁ ପୋଲିସ କାବୁ କରିଥିଲା। ଉକ୍ତ ଟ୍ରକରୁ ୬୧୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ବଜାର ଦର ୬୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଡ଼ଵା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଛିନ୍‌ତାଇ ଅଭିଯୁକ୍ତ ଗିରଫ: ୫୦ହଜାର ଟଙ୍କା ଉଦ୍ଧାର

ନୀଳଗିରି, ୧୩।୫(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବଉଳଗଡ଼ିଆ ମୁକୁନ୍ଦପୁର ରାସ୍ତାରେ ଗତ ୧୫ଦିନ ପୂର୍ବରୁ ଜଣେ ଠିକାଦାରଙ୍କ ପୁଅ ନିକଟରୁ ନଗଦ ୫୦ହଜାର ଟଙ୍କା ଜଣେ ଦୁର୍ବୃତ୍ତ ଛଡ଼ାଇ ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ମଙ୍ଗଳବାର ନୀଳଗିରି ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ନିକଟରୁ ୫୦ହଜାର ଟଙ୍କା ଉଦ୍ଧାର କରିଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ଔପଦା ବ୍ଲକ୍ ଚିନ୍ତାମଣିପୁର ଗ୍ରାମର ପଥରମୂର୍ତ୍ତୀ ଠିକାଦାର ଆନନ୍ଦ ରାଉତଙ୍କ ପୁଅ ଅମିତ୍ ଏକ ବାଇକ୍‌ରେ ୫୦ହଜାର ଟଙ୍କା ରଖି ଘରୁ ବାହାରକୁ ଯାଉଥିବା ବେଳେ ବଉଳଗଡ଼ିଆ ମୁକୁନ୍ଦପୁର ରାସ୍ତା ନିକଟରେ ଉକ୍ତ ଗ୍ରାମର କ୍ଷେତ୍ରମୋହନ ଦାସ ଅମିତଙ୍କୁ ଅଟକାଇ ତାଙ୍କୁ ଉଲଗ୍ନ କରି ୫୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଅମିତ୍‌ଙ୍କ ବାପା ଆନନ୍ଦ ନିକଟସ୍ଥ ଈଶ୍ୱରପୁର ଥାନାରେ ଅଭିଯୋଗ କରିଥିଲେ। ଦୀର୍ଘ ୧୫ଦିନ ପରେ ମଙ୍ଗଳବାର ନୀଳଗିରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ୫୦ହଜାର ଟଙ୍କା ଉଦ୍ଧାର କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଆବେଦନ

**କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଜନସ୍ୱାର୍ଥ ମାମଲା**

କଟକ,୧୩।୫(କାର୍ତ୍ତିକ ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କୁ ନେଇ ଘଟଣାର ତଦନ୍ତ କରାଯାଉ ବୋଲି ଆବେଦନକାରୀ ପ୍ରତାପ ମହାନ୍ତି ଆବେଦନରେ ଦର୍ଶାଇଛନ୍ତି। ଘଟଣାରେ ସବୁ ଦିଗକୁ ଦୃଷ୍ଟି ଦେଇ ତଦନ୍ତ ହେଉ। ରାଜ୍ୟ ସରକାର ଗଠନ କରିଥିବା ତଦନ୍ତ କମିଟି ୟୁଜିସି ଗାଇଡ ଲାଇନରେ ଥିବା ଅନେକ ଦିଗକୁ ବିଚାରକୁ ନେଇନାହିଁ। ୪ ମାସ ମଧ୍ୟରେ କିଟ୍‌ରୁ ୩ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ହାଇକୋର୍ଟ ବିଚାର ବିଭାଗୀୟ ତଦନ୍ତ ପାଇଁ ଆଦେଶ ଦିଅନ୍ତୁ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା

କଣାସ,୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଭଳି ହତ୍ୟାକାଣ୍ଡ ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ିଶାଗୋଦା ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ। ଏନେଇ ପ୍ରତାପଙ୍କ ପତ୍ନୀ ଗଡ଼ିଶାଗୋଦା ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ପ୍ରତାପ ଚୁପୁରିଙ୍ଗି ଜେସିବି ଚଲାଇବା ପାଇଁ ଯାଇଥିଲେ। ମାତ୍ର ରାତିରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ସକାଳୁ ପ୍ରତାପଙ୍କ ମୃତଦେହ ପାହିଲୁଣ୍ଠିଠାରେ ଏକ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗଡ଼ିଶାଗୋଦା ଥାନା ଆଇଆଇସି ସୁଧୀର କୁମାର ଦାସ, ପୁରୀ ସଦର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଭଞ୍ଜ, ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛି। ପରେ ଗଡ଼ିଶାଗୋଦା ଥାନାରେ ୮୯/୨୫ରେ ଏକ ମାମଲା ରୁଜ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାକାରୀ ଫେରାର୍ ଥିବା ପୋଲିସ୍ କହିଛି। ପୂର୍ବରୁ ପ୍ରତାପଙ୍କର ଗ୍ରାମର କେତେଜଣ ଲୋକଙ୍କ ସହ ରାଜନୈତିକ ବିବାଦ ରହିଥିଲା। ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମଧ୍ୟ ଦେଉଥିବା ପ୍ରତାପଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଛନ୍ତି।

# ୩ ଘଣ୍ଟା ଧରି ଚାଲିଲା ବିତର୍କ

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ପାଟଣାଗଡ଼,୧୩।୫ (ସଚ୍ଚିଦାନନ୍ଦ ମହାକୁର)

ମଙ୍ଗଳବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଉଭୟ ପକ୍ଷର ଓକିଲଙ୍କୁ ନେଇ ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିତର୍କ ହୋଇଥିଲା। ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗୀର ଜେଲରୁ କଡ଼ା ସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ଉଭୟ ପକ୍ଷର ବିତର୍କ ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା। କୋର୍ଟରେ ଉପସ୍ଥିତ ଥିବା ଅଭିଯୋଗକାରୀଙ୍କ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋଙ୍କ କହିବା ଅନୁଯାୟୀ ଏହି ବିତର୍କ ପ୍ରକ୍ରିୟା ୯ ତାରିଖରୁ ଆରମ୍ଭ ହୋଇଛି। ସେମାନେ ମଙ୍ଗଳବାର ଡିଫେନ୍ସ ପାଇଁ କୋର୍ଟକୁ ଜଣାଇଥିଲେ। ସେମାନେ ଯାହା ନୂଆ ତଥ୍ୟ କୋର୍ଟରେ ଉଠାଇଲେ ଆମେ ତା'ର ପ୍ରତ୍ୟୁତ୍ତର ବୁଧବାର ରଖିବୁ। ଆଶା କରାଯାଉଛି ଏହି ବିତର୍କ ପ୍ରକ୍ରିୟା ବୁଧବାର ସରି ଯାଇପାରେ। ଏହାପରେ କୋର୍ଟ ଶୁଣାଣି ତାରିଖ ଧାର୍ଯ୍ୟ କରିବେ।

ଅପରପକ୍ଷରେ ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ରଙ୍କ କହିବା ଅନୁସାରେ ଏହି ମାମଲାରେ ଅନ୍ୟ ବହୁଦିଗ ଓ ଘଟଣା ଥିଲା। ଏହାକୁ କ୍ରାଇମବ୍ରାଞ୍ଚ ଜାଣିଶୁଣି ଚାପଗ୍ରସ୍ତ ହୋଇ ତଦନ୍ତ ପରିସରକୁ ଆଣି ନ ଥିଲା। ଏପରି କି ଅଭିଯୋଗକାରୀଙ୍କ ପରିବାର ସହ ବିଭିନ୍ନ ଦିଗକୁ ନେଇ ଶତ୍ରୁତା ମଧ୍ୟ ଥିଲା। ସେ ଦିଗରେ କ୍ରାଇମବ୍ରାଞ୍ଚ ତଦନ୍ତ କରିନାହିଁ। କେବଳ ପୁଞ୍ଜିଲାଲଙ୍କୁ ଟାର୍ଗେଟକରି ଫସାଇ ଦିଆଯାଇଛି। ଏ ସମ୍ପର୍କରେ ଲିଖିତ ଭାବେ କୋର୍ଟକୁ ଜଣାଯାଇଛି। ଯେହେତୁ ଏହି ମାମଲା ବିଚାରାଧୀନ ଅଛି, ତେଣୁ ଅଧିକ କହିବା ଠିକ୍ ହେବନାହିଁ। ବୁଧବାର ସେମାନେ ଆମର କେତୋଟି ବିଷୟ ଉପରେ କ୍ଲାରିଫିକେଶନ ଦେବେ। ଆମେ ମଧ୍ୟ ତା'ର ପ୍ରତ୍ୟୁତ୍ତର ରଖିବୁ। ଏଥିସହ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚ ସେମିତି କିଛି ଠୋସ୍ ପ୍ରମାଣ ଯୋଗାଡ଼ କରିପାରିନାହିଁ। କ୍ରାଇମବ୍ରାଞ୍ଚ ନିଜର ଲକ୍ଷ୍ୟ ପୂରଣ ପାଇଁ ପୁଞ୍ଜିଲାଲଙ୍କୁ ଏହି ମାମଲାରେ ଛନ୍ଦି ଦେଇଛି ବୋଲି ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ସୁରକ୍ଷାକର୍ମୀଙ୍କ ସହିତ ପୁଞ୍ଜିଲାଲ କୋର୍ଟ ଭିତରୁ ବାହାରକୁ ବାହାରୁଛନ୍ତି।

ଅପରପକ୍ଷରେ ମଙ୍ଗଳବାର କୋର୍ଟରେ ଏହି ମାମଲାର ବିତର୍କ ପରେ ଶୁଣାଣି ତାରିଖ କୋର୍ଟ ଧାର୍ଯ୍ୟ କରିବା ଆଶାରେ ପୁଞ୍ଜିଲାଲଙ୍କ ବାପା, ସ୍ତ୍ରୀ ଓ ତାଙ୍କ ୨ ପୁଅଙ୍କୁ କୋର୍ଟ ପରିସରରେ ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ବିସ୍ଫୋରଣରେ ନବବିବାହିତ ସୌମ୍ୟ ଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣି ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନବବିବାହିତା ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ଏ ଦିଗରେ ତଦନ୍ତକରି ପୁଞ୍ଜିଲାଲଙ୍କୁ ମାମଲାର ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା।

# ଦମ୍ପତିଙ୍କୁ ହାଣି ଲୁଟିନେଲେ ୧୪ ଭରି ସୁନା ଅଳଙ୍କାର

ରାୟଗଡ଼ା,୧୩।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଶିକରପାଇ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ ଧରଣର ସଶସ୍ତ୍ର ଡକାୟତି ହୋଇଛି। ୪ଜଣ ଦୁର୍ବୃତ୍ତ ଦମ୍ପତିଙ୍କୁ ମାରଣାସ୍ତ୍ରରେ ହାଣି ପ୍ରାୟ ୧୪ ଭରି ସୁନା ଅଳଙ୍କାର ସହ ଘରେ ଥିବା ଏକ ଲୁହା ସିନ୍ଦୁକ ମଧ୍ୟ ନେଇଯାଇଛନ୍ତି। ଏ ନେଇ ଘର ମାଲିକ ଗୋପାଳ ଚେଟ୍ଟୀ ମଙ୍ଗଳବାର ସକାଳେ କଲ୍ୟାଣସିଂପୁର ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗକାରୀଙ୍କ ଏତଲା ଅନୁସାରେ, ସୋମବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଘରେ ଲୋକେ ଶୋଇଥିବାବେଳେ ଛାତ ଉପରଦେଇ ୪ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସିନ୍ଦୁକ ଓ ଆଲମାରୀ ଭାଙ୍ଗିବା ବେଳେ ଉଭୟେ ଗୋପାଳ ଓ ତାଙ୍କ ସ୍ତ୍ରୀ ଉଠିପଡିବାରୁ ଦୁର୍ବୃତ୍ତମାନେ ତାଙ୍କ କାନ୍ଧରେ ଛୁରି ଲଗାଇ ପାଟି ଚୁପ୍ କରିଦେଇଥିଲେ। ପରେ ବେକରେ ମାରଣାସ୍ତ୍ର ଲଗାଇବା ସହ ହାତରେ ମଧ୍ୟ ଆଘାତ କରିଥିଲେ। ଏଥିସହ ସେମାନେ ପିନ୍ଧିଥିବା ସୁନା ଅଳଙ୍କାର ଛଡ଼ାଇ ନେଇଯାଇଥିଲେ। ସୁନା ଅଳଙ୍କାର ସହ ୨ଟି ମୋବାଇଲ ଏବଂ ଘରେ ଥିବା ଏକ ଲୁହା ସିନ୍ଦୁକ ମଧ୍ୟ ସେମାନେ ନେଇଯାଇଥିବା ଗୋପାଳ ଅଭିଯୋଗରେ ଉଲ୍ଲେଖ କରିଛନ୍ତ। କଲ୍ୟାଣସିଂହପୁର ପୋଲିସ ଓ ଅତିରିକ୍ତ ଦାୟିତ୍ୱରେ ଥିବା ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ଏହି ମାମଲା ନେଇ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୧୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଅତିରିକ୍ତ ଜିଲାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତ୍ରା ଦାସ ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ତେଲକୋଇ ବ୍ଲକ୍ ସିରିଗିଡ଼ା ଗ୍ରାମର ନରୋତ୍ତମ ପେଣ୍ଡେଇଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଆଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମେ ୧୦ରେ ନରୋତ୍ତମଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ(୪୫), ଶାଶୁ ଗୋମୋତି ପେଣ୍ଡେଇ ଓ ସ୍ତ୍ରୀ ବବିତା ପେଣ୍ଡେଇ ଘରେ ଶୋଇଥିଲେ। ରାତି ୧୦ ଟାରେ ନରୋତ୍ତମ ଏକ କୁରାଢ଼ି ଧରି ଘରେ ପଶିଥିଲେ। ବବିତା ଶୋଇଥିବା ଅବସ୍ଥାରେ ତାଙ୍କ ବେକକୁ ହାଣିଦେଇଥିଲେ। ପରେ ଆଉ ଥରେ ହାଣିବାକୁ ଉଦ୍ୟମ କରିବାରୁ ଗୋମୋତି ଅଟକାଇ ଦେଇଥିଲେ। ପରେ କୁରାଢ଼ି ଧରି ନରୋତ୍ତମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ବବିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏ ନେଇ ରାତି ପ୍ରାୟ ୩ଟା ୧୫ରେ ବିଶ୍ୱନାଥ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୭୫/୨୨) ରୁଜୁକରି ନରୋତ୍ତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଘଟଣାରେ ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କହିଛନ୍ତି।

# ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୩ ଗିରଫ

**ବିଡିଓଙ୍କୁ ଗାଳିଗୁଲଜ, ବ୍ଲକ୍ ପରିସରରେ ଭଙ୍ଗାରୁଜା ଘଟଣା**

କେନ୍ଦୁଝର,୧୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ବିଡିଓଙ୍କୁ ଗାଳିଗୁଲଜ, ଅଫିସରେ ଭଙ୍ଗାରୁଜା ଓ ଗେଟ୍‌ରେ ତାଲା ପକାଇବା ଘଟଣାରେ ନୟାକୋଟ ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ତଥା ଖଜୁରିମୁଣ୍ଡି ଗ୍ରାମର ମାନସ ଦେହୁରୀ(୩୮), କୁମୁଣ୍ଡି(ଖ) ଗ୍ରାମର ଶୁକଦେବ ମହାକୁଡ଼(୫୦) ଓ କାଞ୍ଚିପାଣି ଗ୍ରାମର ପଦ୍ମଲୋଚନ ଆରୁକ(୪୦)।

ପ୍ରକାଶ ଯେ, ମେ ୫ ଅପରାହ୍ନ ୨ଟା ୨୦ରେ ବାଂଶପାଳ ବିଡିଓ ରାଜା ରଣଜିତ୍ ପ୍ରତାପ ବଳ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଅନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ ଦେହୁରୀ ଏବଂ ଅନ୍ୟ ୨ଜଣ ଅଫିସରେ ଜବରଦସ୍ତ ପ୍ରବେଶ କରିଥିଲେ। ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଅଫିସ ଖାଲି କରିବାକୁ ବାଧ କରିଥିଲେ। ଅଫିସ୍‌ର କାଚ କବାଟ ଭଙ୍ଗାରୁଜାକରି ମୁଖ୍ୟ ଗେଟ୍‌ରେ ତାଲା ପକାଇ ପଛ ଗେଟ୍‌ରେ ଚାଲିଯିବାକୁ ବାଧ କରିଥିଲେ। ଏ ନେଇ ବିଡିଓ ନୟାକୋଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁକରି ତଦନ୍ତ କରୁଥିଲା। ସବ୍ ଇନ୍ସପେକ୍ଟର ଫୁଲଜେମ୍ସ ଟିଗା ତଦନ୍ତ କରୁଥିଲେ। ସେମାନଙ୍କ ନିକଟରୁ ଏକ କାର୍(ଓଡି ୦୯ ଡି ୭୯୯୯) ଜବତ ହୋଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଆତୀ ଖାଇଲେ ପଣସ, ଶୁଖୁଆ, ତାଳ; ଜାଣିବ ପିଲାର ପୂରିଲା କାଳ।**

ଗର୍ଭବତୀ ମହିଳାମାନେ ପଣସ, ଶୁଖୁଆ ଓ ତାଳ ଖାଇବା ଅନୁଚିତ୍। କାରଣ ଏପରି ଖାଦ୍ୟ ଖାଇଲେ ତାହା ଗର୍ଭସ୍ଥ ଶିଶୁ ପ୍ରତି ବିପଦ ସୃଷ୍ଟି କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ପିଣ୍ଡାରେ ବସି ଯେ ପଚାରେ ଚାଷ ତା'ର କାହିଁ ପାଇଁ ଚାଷରେ ଆଶ ?**

ଚାଷ କାର୍ଯ୍ୟରେ ବହୁ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ। ତେବେ ନିଜେ ଚାଷ ନ କରି ପର ଉପରେ ନିର୍ଭର କରି ବସି ରହିଲେ ଫସଲରୁ ସେତେ ଅଧିକ ଲାଭ ମିଳି ନ ଥାଏ ଓ ଭଲ ଫସଲ ମଧ୍ୟ ମିଳି ନ ଥାଏ। ଚାଷ କାର୍ଯ୍ୟରେ ପର ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅର୍ଚ୍ଚନା ନାଗଙ୍କୁ କାରଣ ଦର୍ଶାଅ ନୋଟିସ

**ଓକିଲାତି ଲାଇସେନ୍ସ ଆବେଦନପତ୍ରରେ ଫୌଜଦାରି ମାମଲା ତଥ୍ୟ ଲୁଚାଇଛନ୍ତି**

କଟକ,୧୩।୫(କାର୍ତ୍ତିକ ସାହୁ)

ରାଜ୍ୟ ବାର୍ କାଉନସିଲରୁ ଗତ ୧୦ ତାରିଖରେ ଓକିଲାତି ପାଇଁ ଲାଇସେନ୍ସ ପାଇଥିବା ଅର୍ଚ୍ଚନା ନାଗ ଲାଇସେନ୍ସ ପାଇଁ ଦେଇଥିବା ଆବେଦନପତ୍ରରେ ତାଙ୍କ ନାମରେ ଥିବା ଫୌଜଦାରି ମାମଲାଗୁଡ଼ିକର ତଥ୍ୟ ଲୁଚାଇଥିବା ଜଣାପଡ଼ିଛି। ଏହାକୁ ନେଇ ବାର୍ କାଉନ୍‌ସିଲ ପକ୍ଷରୁ ମଙ୍ଗଳବାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନାନୁସାରେ, ଅର୍ଚ୍ଚନା ନାଗ ଓକିଲାତି କରିବା ପାଇଁ ରାଜ୍ୟ ବାର କାଉନସିଲକୁ ଆବେଦନ କରିଥିଲେ।

# ବନ୍ଧାହେଲେ ଆଉ ୨୦ ଅଭିଯୁକ୍ତ

- ଅପରାଧମୁକ୍ତ ଗଞ୍ଜାମ ଲକ୍ଷ୍ୟ: ଦକ୍ଷିଣାଞ୍ଚଳ ଆଇଜି
- ଧରାପଡ଼ିଲେ ସୁରଟ,ରାଉରକେଲା ପୋଲିସର ୨ ୱାଣ୍ଟେଡ

ଛତ୍ରପୁର,୧୩।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଆଉ ୨୦ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ବେଆଇନ୍ ଭାବେ ପିସ୍ତଲ, ଗୁଳି ଆଦି ରଖିବା ଏବଂ ବିଭିନ୍ନ ଆପରାଧିକ ମାମଲାରେ ଏମାନେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତମାନଙ୍କଠାରୁ ୮ଟି ପିସ୍ତଲ, ୩୧ଟି ଗୁଳି ଓ ୧୨ଟି ମାଗାଜିନ୍ ଜବତ ହୋଇଥିବା ମଙ୍ଗଳବାର ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଛତ୍ରପୁରଠାରେ ସୂଚନା ଦେଇଛନ୍ତି।

ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଦକ୍ଷିଣାଞ୍ଚଳ ଆଇଜି ଖବରଦାତା ସମ୍ମିଳନୀ କରି ଅପରାଧ ରୋକିବାରେ ବିଭିନ୍ନ ଥାନା ପୋଲିସ ଭଲ କାମ କରିଥିବା କହିଥିଲେ। ଅପରାଧୀମାନଙ୍କୁ ଧରିବା ପାଇଁ ଗଞ୍ଜାମ ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ ଚାଲିଛି। ଗତ ରବିବାର ପୋଲିସ ଏଭଳି ୧୮ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୧୦ ଦିନ ମଧ୍ୟରେ ୩୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ବହୁତ ପିସ୍ତଲ ଓ ଗୁଳି ଜବତ ହୋଇଛି। ଗଞ୍ଜାମକୁ ଅପରାଧମୁକ୍ତ କରିବା ପାଇଁ ଅଭିଯାନ ଜାରି ରହିବ ବୋଲି ଆଇଜି କହିଛନ୍ତି। ଅଭିଯୁକ୍ତମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୧୧୧ ଓ ଏହି ଆଇନର ଅନ୍ୟାନ୍ୟ ଧାରା, ଆର୍ମ୍ସ ଆକ୍ଟ ଲଗାଯାଇ ମାମଲା ରୁଜୁ କରାଯାଇଛି।




ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଉଛନ୍ତି।



ଜବତ ପିସ୍ତଲ ଓ ଗୁଳି।

ସୂଚନାଯୋଗ୍ୟ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନେତୃତ୍ୱରେ ଚାଲିଥିବା ସ୍ପେଶାଲ ଡ୍ରାଇଭରେ ଦ୍ୱିତୀୟ ପର୍ଯ୍ୟାୟରେ ୪ଟି ଥାନା ଯଥା କୋଟିନଡା, ଆସିକା, ପୋଲସରା ଓ ହିଞ୍ଜିଳି ଥାନା ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି। କୋଟିନଡା ଥାନା ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଜୁଗୁଡି ଗାଁର ରାମଚନ୍ଦ୍ର ଗୌଡ ଓରଫ ରାମ, ବ୍ରହ୍ମପୁର ସଦର ଥାନା ଲାଠି ଗାଁର ପିଣ୍ଟୁ ଗୌଡ ଓରଫ ପଣ୍ଡା, କୋଦଳା ଥାନା ଛଟିନା ଗାଁର ରାଜୁ ଜେନା, ରମ୍ଭା ଥାନା ଖଣ୍ଡଦେଉଳି ଗାଁର ସନ୍ତୋଷ ବେହେରା, ପୋଲସରା ଥାନା ସୋଡ଼କ ଗାଁର ଗଣେଶ ନାହାକ, କୋଟିନଡା ଥାନା ଭେଟନଇ ଗାଁର ପିଣ୍ଟୁ ବେହେରା, ଛତ୍ରପୁର ଥାନା ଅପରବସନ୍ତ୍ରାଣ୍ଡ ରାଜେଶ ମହାରଣା ଓ ପଟ୍ଟନାୟକ କଲୋନୀର ପ୍ରତାପ କୁମାର ଜେନା ଓରଫ ପପୁ। ସେମାନଙ୍କଠାରୁ ୪ଟି ପିସ୍ତଲ, ୧୮ଟି ଗୁଳି, ୮ଟି ମାଗାଜିନ୍, ଗୋଟିଏ କାର୍ ଓ ଗୋଟିଏ ବାଇକ୍ ଏବଂ ୯ ଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ରାଜେଶଙ୍କ ନାଁରେ ସାକୁରା ବେହେରା ହତ୍ୟା ସମେତ ୨ଟି ମାମଲା ରହିଥିବା ବେଳେ ରାମଙ୍କ ନାଁରେ ୪ଟି, ପିଣ୍ଟୁଙ୍କ ନାଁରେ ୯ଟି ମାମଲା, ସନ୍ତୋଷଙ୍କ ନାଁରେ ୧୩ଟି, ଗଣେଶଙ୍କ ନାଁରେ ଗୋଟିଏ ଏବଂ ପ୍ରତାପଙ୍କ ନାଁରେ ୩ଟି ମାମଲା ରହିଛି। ଅଭିଯୁକ୍ତ ରାଜୁ ସୁରଟର ସାରଥନା ଥାନାର ଏକ ମାମଲାରେ ସମ୍ପୃକ୍ତ ଅଛନ୍ତି। ସେହିପରି ସୁନା ଦୋକାନ ଡକାୟତି ଯୋଜନା କରୁଥିବାବେଳେ ଆସିକା ଥାନା ପୋଲିସ ପକ୍ଷରୁ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୁଷୋତ୍ତମପୁରର ଘନଶ୍ୟାମ ବେହେରା ଓରଫ କାଳିଆ, କୋଦଳାର ଦୀପକ ପୃଷ୍ଟି, କବିସୂର୍ଯ୍ୟନଗର ଥାନା ଆଠଗଡପାଟଣାର ଅଜିତ ପଲେଇ, ଆସିକା ଥାନା ପୁଡୁଗେଶ୍ୱରପଲୀର ଟୁକୁନା ବାରିକ ଓ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ହୁଂଜନର ଶିବ ପ୍ରସାଦ ଦାସ। ଏହି ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିସ୍ତଲ, ୭ଟି ଗୁଳି, ୨ଟି ମାଗାଜିନ୍, ୨ଟି ବାଇକ୍ ଓ ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସେହିପରି ପିତଳ ଛକ ଏଟିଏମ ଲୁଟ୍ ଯୋଜନା କରୁଥିବା ନେଇ ହିଞ୍ଜିଳି ଥାନା ପୋଲିସ ହିଞ୍ଜିଳି କେନାଲ ସାହିର ଚିଣ୍ଟୁ ଦାସ, ବେଲଗାଁ ପଳାସି ବଡ ସାହିର ରାଜା ଗୌଡ, ହିଞ୍ଜିଳି ଥାନା ସିକିରି ନୂଆ ସାହିର ହୀନ ସାମଲ, ଗାଙ୍ଗପୁର ଥାନା ନିମିନା ଗାଁର ରାକେଶ ମହାପାତ୍ର, ଧରାକୋଟ ଥାନା ଢଉଗାଁର ଗୋବିନ୍ଦ ବେହେରାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ପିସ୍ତଲ, ୩ଟି ଗୁଳି, ୨ଟି ମାଗାଜିନ୍ ଓ ୪ ଟି ମୋବାଇଲ ଜବତ କରାଯାଇଛି। ପୋଲସରା ଥାନା ପୋଲିସ ମଧ୍ୟ ଗୋଟିଏ ପିସ୍ତଲ, ୩ଟି ଗୁଳି ଜବତ କରିଛି। ଏହି ଘଟଣାରେ ପୋଲସରା ନିଗମ ନଗର ସାହିର କୃଷ୍ଣ ଚନ୍ଦ୍ର ବେହେରା ଓ ଧୋବା ସାହିର ରାଜେ ସେଠୀଙ୍କୁ ଗିରଫ କରାଯାଇଛି। କୃଷ୍ଣ ରାଉରକେଲା ପ୍ଲାଣ୍ଟ ସାଇଡ ଥାନାର ଏକ ମାମଲାରେ ଫେରାର ଥିଲେ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କାର୍ଗୋ ପରିଚାଳନାରେ ଐତିହାସିକ ମାଇଲଖୁଣ୍ଟ

## ବାର୍ଷିକ ଭିତ୍ତିରେ ୪.୩% ବୃଦ୍ଧି

ଭୁବନେଶ୍ୱର,୧୩।୫(ଅଭୟ ଦାଶ)



ଗତ ଦଶନ୍ଧିରେ ଭାରତର ପ୍ରମୁଖ ବନ୍ଦରଗୁଡ଼ିକ ନିରନ୍ତର ଉଲ୍ଲେଖନୀୟ ପ୍ରଗତି ପ୍ରଦର୍ଶନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ କାର୍ଗୋ ପରିଚାଳନା, ପରିଚାଳନାଗତ ଦକ୍ଷତା ଏବଂ ଭିତ୍ତିଭୂମିର ଆଧୁନିକୀକରଣ ଦୃଷ୍ଟିରୁ ଏକ ମାଇଲଖୁଣ୍ଟ ବର୍ଷ ଭାବେ ଉଭାହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ପ୍ରମୁଖ ବନ୍ଦରଗୁଡିକ କାର୍ଗୋ ପରିଚାଳନାରେ ୪.୩% ବାର୍ଷିକ ଭିତ୍ତିରେ ଅଭିବୃଦ୍ଧି ହାର ପଞ୍ଜୀକୃତ କରିଛନ୍ତି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୮୧୯ ନିୟୁତ ଟନ୍‌ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୮୫୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି, ବୃଦ୍ଧି ପାଉଥିବା ବାଣିଜ୍ୟ ପରିମାଣକୁ ସମାୟୋଜନ କରିବାରେ ପ୍ରମୁଖ ବନ୍ଦରଗୁଡିକର ସ୍ଥିରତା ଏବଂ କ୍ଷମତାକୁ ଉଜାଗର କରିଥାଏ। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଧିକ କଣ୍ଟେନର ଥ୍ରୁପୁଟ୍ (୧୦%), ସାର କାର୍ଗୋ ପରିଚାଳନା (୧୩%), ପିଓଏଲ୍ କାର୍ଗୋ ପରିଚାଳନା (୩%) ଏବଂ ବିବିଧ ସାମଗ୍ରୀ ପରିଚାଳନା (୩୧%) ଯୋଗୁ ଟ୍ରାଫିକ୍ ବୃଦ୍ଧି ଘଟିଛି।

ସେହିଭଳି ଦେଶର ପ୍ରମୁଖ ବନ୍ଦରଗୁଡ଼ିକରେ ପରିଚାଳିତ ସାମଗ୍ରୀ ମଧ୍ୟରେ ପେଟ୍ରୋଲିୟମ, ତୈଳ ଏବଂ ଲୁବ୍ରିକାଣ୍ଟ (ପିଓଏଲ୍) ଅଶୋଧିତ, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜି/ଏଲ୍‌ଏନ୍‌ଜି ସମେତ ୨୫୪.୪ ନିୟୁତ ଟନ୍ (୨୯.୮%) ପରିମାଣ ସହିତ ଚାର୍ଟରେ ଆଗୁଆ ରହିଛି। ଏହା ପରେ ୧୯୩.୫ ନିୟୁତ ଟନ୍ (୨୨.୬ %), କୋଇଲା ୧୮୬.୬ ନିୟୁତ ଟନ୍ (୨୧.୮%) ଏବଂ ଅନ୍ୟାନ୍ୟ କାର୍ଗୋ ବର୍ଗ ଯେପରିକି ଲୁହାପଥର, ପେଲେଟ୍, ସାର ଏବଂ ଅନ୍ୟାନ୍ୟ କାର୍ଗୋ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ହୋଇଛି। ସେହିପରି ଦେଶର ପ୍ରମୁଖ ବନ୍ଦରଗୁଡ଼ିକର ଇତିହାସରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏବଂ ଦୀନଦୟାଲ ବନ୍ଦର କର୍ତ୍ତୃପକ୍ଷ (ଡିପିଏ) ୧୫୦ ନିୟୁତ ଟନ୍ କାର୍ଗୋ ପରିଚାଳନା ମାର୍କକୁ ଅତିକ୍ରମ କରିଛନ୍ତି, ଯାହା ସାମୁଦ୍ରିକ ବାଣିଜ୍ୟ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷର ପ୍ରମୁଖ କେନ୍ଦ୍ର ଭାବେ ସେମାନଙ୍କର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସମୟରେ ଜବହାରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ (ଜେଏନ୍‌ପିଏ ) ୭.୩ ନିୟୁତ ଟିଇୟୁ ପରିଚାଳନାକରି ଏକ ରେକର୍ଡ ସ୍ଥାପନ କରିଛି, ଯାହା ବାର୍ଷିକ ୧୩.୫% ଅଭିବୃଦ୍ଧିକୁ ପ୍ରତିଫଳିତ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ବନ୍ଦରଗୁଡିକ ସାମୂହିକ ଭାବେ ବନ୍ଦର ନେତୃତ୍ୱାଧୀନ ଶିଳ୍ପାୟନ ପାଇଁ ୯୬୨ ଏକର ଜମି ଆବଣ୍ଟନ କରିଥିଲେ, ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ୭,୫୬୫ କୋଟି ଟଙ୍କା ଆୟ ସୃଷ୍ଟି କରିବ ବୋଲି ଆକଳନ କରାଯାଇଥିଲା। ଏହା ବ୍ୟତୀତ, ଲିଜ୍‌ଧାରୀମାନେ ଆବଣ୍ଟିତ ଜମିରେ ଭବିଷ୍ୟତରେ ୬୮,୭୮୦ କୋଟି ଟଙ୍କା ନିବେଶ କରିବେ ବୋଲି ଆଶା କରାଯାଉଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୩।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୮୧.୬୮ ପଏଣ୍ଟ ହ୍ରାସ ଘଟି ୮୧,୧୪୮.୨୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୬.୩୫ ପଏଣ୍ଟ କମି ୨୪,୫୭୮.୩୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସପ୍ତାହବ୍ୟାପୀ ନର୍ସ ଦିବସ ପାଳୁଛି କେୟାର



ଭୁବନେଶ୍ୱର, ୧୩।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ କେୟାର୍ ହସ୍ପିଟାଲ ପକ୍ଷରୁ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି। ହସ୍ପିଟାଲ ନର୍ସିଂ ପ୍ରଶାସନର ଉପାଧ୍ୟକ୍ଷ ଡା. ଭିମ୍ବି ଅଶୋକ ତ୍ରିଭୁବନଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗ୍ରୁପ୍ ମୁଖ୍ୟ ଆର୍ଥିକ ଅଧିକାରୀ ବିଶାଳ ମାହେଶ୍ୱରୀ, ଡା. ନିଖିଲ ମାଥୁର, ଡା. ଅମିତ ସିଂହ, ହରେଶ ତ୍ରିବେଦୀ, ବିନୋଦ ରମଣ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। 'ଆମର ନର୍ସ ଆମର ଭବିଷ୍ୟତ ଯତ୍ନର ଅର୍ଥନୈତିକ ଶକ୍ତି' ଦିବସର ବାର୍ତ୍ତା ରହିଥିବାବେଳେ କାର୍ଯ୍ୟକ୍ରମରେ ନର୍ସଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଦକ୍ଷତା ବୃଦ୍ଧି କର୍ମଶାଳା ଆଦିର ଆୟୋଜନ କରାଯାଇଥିଲା। ଏହାସହ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ଅନାଥାଶ୍ରମରେ ପିଲାମାନଙ୍କ ପାଇଁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ମଧ୍ୟ ଆୟୋଜନ କରିଥିଲା। କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଲୟ ଆନନ୍ଦ କହିଛନ୍ତି, ନର୍ସମାନେ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ। ସେମାନଙ୍କର କ୍ଲିନିକାଲ ବିଶେଷଜ୍ଞତା, ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ନିରନ୍ତର ସମର୍ପଣ ପ୍ରତିଦିନ ନିରାପଦ ଏବଂ ପ୍ରଭାବଶାଳୀ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୩।୫

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ତ୍ରୋପଚାର (ଆବ୍‌ଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ) ସଫଳତାର ସହ ଶେଷ ହୋଇଛି। ବାଲେଶ୍ୱରରୁ ଆସିଥିବା ଜଣେ ୬୦ ବର୍ଷୀୟ ରୋଗୀ ହଠାତ୍ ପେଟ ଓ ପିଠିରେ ଯନ୍ତ୍ରଣା ହେବାରୁ ତାଙ୍କ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ଏହା ଜଟିଳ ରୋଗର ଲକ୍ଷଣ ଦେଖି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ରେଫର କରାଇଥିଲେ। ସେଠାରେ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟରଞ୍ଜନ ବେହେରା ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ପରେ ରୋଗୀ ଆବ୍‌ଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ୍‌ରେ ପୀଡିତ ବୋଲି ଜାଣିବାକୁ ପାଇଥିଲେ, ଯେଉଁଥିରେ ଶରୀରକୁ ରକ୍ତ ପ୍ରଦାନ କରୁଥିବା ମୁଖ୍ୟ ରକ୍ତନଳୀ ଆବ୍‌ଡୋମିନାଲ୍ ଏଓର୍ଟ୍ରା ପତଳା ହୋଇ ଏକ ବୋଲୁନ୍ ଭଳି ଫୁଲି ଫାଟିଯିବା ପରିସ୍ଥିତିରେ ପହଞ୍ଚିଯାଇଥିଲା। ଏ ସମ୍ପର୍କରେ ଡା. ବେହେରା କହିଛନ୍ତି, ଠିକ୍ ସମୟରେ ରୋଗକୁ ଚିହ୍ନଟ କରି ଅତ୍ୟାଧୁନିକ ପଦ୍ଧତିରେ ଚିକିତ୍ସା କରାଯିବାରୁ ରୋଗୀର ଜୀବନ ରକ୍ଷା କରାଯାଇପାରିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏଥିପାଇଁ ଡାକ୍ତର ଦିବ୍ୟରଞ୍ଜନ ବିଶେଷ କରି ଡାକ୍ତର ବିଶ୍ୱଜିତ ମହାପାତ୍ର, ଡାକ୍ତର ସୁଭଶ୍ରୀ ସାମନ୍ତରାୟ, ଡାକ୍ତର ରାଜଶ୍ରୀ, ଡାକ୍ତର ବିବେକ ଚୌଧୁରୀଙ୍କ ସମେତ କ୍ୟାଥ୍‌ଲାବ୍ ଓ ସିସିୟୁର ସମସ୍ତ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ଜଟିଳ ଅପରେଶନ ପାଇଁ ଡାକ୍ତର ଦିବ୍ୟରଞ୍ଜନ ବେହେରା ଓ ତାଙ୍କ ପୁରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଲୁମିନିୟମ ଶିଳ୍ପ ବର୍ଜ୍ୟରୁ ଉଚ୍ଚ ଶୁଦ୍ଧତା ଗ୍ରାଫାଇଟ୍

ଭୁବନେଶ୍ୱର,୧୩।୫



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସଫଳତାପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ଏକ ପେଟେଣ୍ଟ ପ୍ରଦାନ କରାଯାଇଛି, ଯାହା ଆଲୁମିନିୟମ ଶିଳ୍ପ ବର୍ଜ୍ୟରୁ ଉଚ୍ଚ ଶୁଦ୍ଧତା ଗ୍ରାଫାଇଟ୍ (୯୯%) ପୁନରୁଦ୍ଧାରକୁ ସକ୍ଷମ କରିଛି। ଏହି ସଫଳତା ଚଳିତ ବର୍ଷର ବିଷୟବସ୍ତୁର ଉଦାହରଣ ଦିଏ, ଯନ୍ତ୍ର-ନୂତନ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ତ୍ୱରାନ୍ୱିତ ପାଇଁ ଯୁଗାନ୍ତର'-ଶିଳ୍ପ ଅପଚୟକୁ ଏକ ରଣନୈତିକ ଜାତୀୟ ସମ୍ପଦରେ ପରିଣତ କରିଛି। ଏହି ପେଟେଣ୍ଟ ପ୍ରକ୍ରିୟା ବେଦାନ୍ତ ଆଲୁମିନିୟମର ଇନ-ହାଉସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଆର୍ ଆଣ୍ଡ ଡି) ଟିମ୍ ଦ୍ୱାରା ସିଏସ୍‌ଆଇଆର୍-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ଭୁବନେଶ୍ୱର ସହିତ ସହଯୋଗରେ ବିକଶିତ ହୋଇଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଇଲେକ୍ଟ୍ରିକ୍ ଯାନ, ଶକ୍ତି ସଂରକ୍ଷଣ ଏବଂ ଉଚ୍ଚ ପ୍ରଯୁକ୍ତି ଇଲେକ୍ଟ୍ରୋନିକ୍ସ ପାଇଁ ଭାରତର ଚାହିଦା ଆକାଶଛୁଆଁ ହେବାକୁ ଯାଉଛି। ଆମର ପେଟେଣ୍ଟ ସମାଧାନ ସମୟୋପଯୋଗୀ ଏବଂ ପରିବର୍ତ୍ତନକାରୀ। ଏହା ଶୂନ୍ୟ-ଅପଚୟ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଉତ୍ପାଦନର ଆମର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ସହିତ ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜ ରୋଡ୍‌ମ୍ୟାପ୍ ପାଇଁ ଆମର ଅବଦାନକୁ ସୁଦୃଢ଼ କରିଛି।

# ସିମ୍ଫୋନିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୧୩।୫(ଅନୁରାଧା ମହାରଣା)

ମେ ୭ ତାରିଖରେ ବଜାର ବନ୍ଦ ହେବା ପରେ ସିମ୍ଫୋନି ଏହାର ଚତୁର୍ଥ ତ୍ରୈମାସିକ ( ଆର୍ଥିକବର୍ଷ-୨୫ର ଚତୁର୍ଥ ତ୍ରୈମାସିକ) ଫଳାଫଳ ଘୋଷଣା କରିଥିଲା। ଏଥିରେ କମ୍ପାନୀ ୭୯ କୋଟିର ନେଟ୍ ଲାଭ ରିପୋର୍ଟ କରିଥିଲା। ଏହା ଗତ ବର୍ଷର ସମାନ ସମୟରେ ରେକର୍ଡ ହୋଇଥିବା '୪୮ କୋଟି ନେଟ୍ ଲାଭ ତୁଳନାରେ ପ୍ରାୟ ୬୫ ପ୍ରତିଶତ ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ସମୟ ମଧ୍ୟରେ କମ୍ପାନୀର ପରିଚାଳନା ଆୟ ୪୮୮ କୋଟିକୁ ବୃଦ୍ଧି ପାଇଛି। ଏହି ଏୟାର କୁଲର ନିର୍ମାଣକାରୀ କମ୍ପାନୀ ୧୦୩ କୋଟିର ଏବିଟିଡା ରିପୋର୍ଟ କରିଛି, ଯାହା ବର୍ଷ ଅନୁପାତରେ ୭୭ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏବିଟିଡା ମାର୍ଜିନ ୨୧.୨୨ ପ୍ରତିଶତ ରହିଛି। ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକ ଫଳାଫଳ ସହ ସିମ୍ଫୋନି ଆର୍ଥିକବର୍ଷ ୨୫ ପାଇଁ ପ୍ରତି ଇକ୍ୱିଟି ଶେୟାର ପାଇଁ ୮ଟଙ୍କାର ଅନ୍ତିମ ଲାଭାଂଶ ଘୋଷଣା କରିଛି। ଲାଭାଂଶ ପାଇବାକୁ ଯୋଗ୍ୟ ଶେୟାରହୋଲ୍ଡରମାନଙ୍କ ପାଇଁ ରେକର୍ଡ ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। କମ୍ପାନୀ କହିଛି, ଭାରତରେ ୨୦୨୫ ଗ୍ରୀଷ୍ମ ଋତୁ ଆଶାଜନକ ଭାବରେ ଆରମ୍ଭ ହୋଇଥିଲା, ମାତ୍ର ତା'ପରେ ଅନିୟମିତ ପାଗ ଯୋଗୁ ଗତି ଟିକେ ଧୀର ହୋଇଯାଇଛି। ଆମେ ଅର୍ଦ୍ଧ ସହରୀ ଏବଂ ଗ୍ରାମୀଣ ବଜାର ସହ ଆଧୁନିକ ଖୁଚୁରା ଚ୍ୟାନେଲ ଉପରେ ଧ୍ୟାନ ଦେଇ ରହିଛୁ। ଆମର ରଣନୈତିକ ଧ୍ୟାନ ଏହି ବିକାଶଶୀଳ ବଜାରଗୁଡ଼ିକରେ ବିସ୍ତାର କରିବା, ଡିଜିଟାଲ ବିସ୍ତାରକୁ ତ୍ୱରାନ୍ୱିତ କରିବା ଏବଂ ଆଧୁନିକ ବାଣିଜ୍ୟ ସହ ସହଭାଗିତାକୁ ବିସ୍ତାର କରିବା ଉପରେ ରହିଛି।

## ଜାତୀୟ/ଅନ୍ତର୍ଜାତୀୟ

# ବିଷାକ୍ତ ମଦ ପିଇ ୨୧ ମୃତ

ଚଣ୍ଡିଗଡ଼/ଅମୃତସର,୧୩।୫(ପି.ଟି.)



ଅମୃତସର ମର୍ଦ୍ଦିକଲନ ଗ୍ରାମରେ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ପରିବାରର ମହିଳାମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି।

ପଞ୍ଜାବର ଅମୃତସର ଜିଲାରେ ବିଷାକ୍ତ ମଦ ପିଇ ୨୧ ଜଣଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ପୋଲିସ କହିଛି। ଅଧିକାଂଶ ମୃତକ ଦିନ ମଜୁରିଆ। ଗୁରୁତର ଅବସ୍ଥାରେ ୬ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ରାତିରେ ଭଙ୍ଗାଲି, ପଟଲପୁରୀ, ମରାରି କଲନ ଏବଂ ଥେରେୱାଲ ଗ୍ରାମରେ ମଦମୃତ୍ୟୁ ଘଟିଛି। ମଦ ପ୍ରସ୍ତୁତି ପାଇଁ ଅନ୍‌ଲାଇନରେ ପ୍ରଚୁର ପରିମାଣରେ ମିଥାନଲ କିଣାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ନିରୀହ ଲୋକଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ ଛଡ଼ାଯିବ ନାହିଁ। ଏହା ମୃତ୍ୟୁ ନୁହେଁ ବରଂ ହତ୍ୟା ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ମଦମୃତ୍ୟୁ ପାଇଁ ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି। ମଦ ମାଫିଆଙ୍କୁ ନିୟନ୍ତ୍ରଣ କରିବାରେ ମାନ୍ ସରକାର ବିଫଳ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମାନ୍ ଏବଂ ଅବକାରୀ ମନ୍ତ୍ରୀ ହରପାଲ ସିଂ ଚିମା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପଞ୍ଜାବରେ ୧୪ ମାସ ମଧ୍ୟରେ ଏହା ଦ୍ୱିତୀୟ ମଦମୃତ୍ୟୁ। ଗତବର୍ଷ ମାର୍ଚ୍ଚରେ ସଙ୍ଗରୁର ଜିଲାରେ ବିଷାକ୍ତ ମଦ ପିଇ ୨୦ ଜଣଙ୍କ ଜୀବନ ଯାଇଥିଲା। ୨୦୨୦ରେ ତର୍ନ ତରନ, ଅମୃତସର ଏବଂ ବାଟଲାରେ ମଦ ପିଇ ମୋଟ ୧୨୦ ଜଣ ପ୍ରାଣ ହରାଇଥିଲେ।

# ଆସୁଛି ବାତ୍ୟା 'ଶକ୍ତି'

ନୂଆଦିଲ୍ଲୀ,୧୩।୫

ବଙ୍ଗୋପସାଗରରେ ଆସନ୍ତା ୨୩ରୁ ୨୮ ତାରିଖ ମଧ୍ୟରେ ଏକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବା ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ ବିଜ୍ଞାନୀ ମୋସ୍ତୋଫା କମଲ ପୋଲାଶ ଏଭଳି ସତର୍କ ସୂଚନା ଦେଇଛନ୍ତି। ଏହି ସମ୍ଭାବ୍ୟ ବାତ୍ୟାର ନାଁ ଶ୍ରୀଲଙ୍କାର ପ୍ରସ୍ତାବକ୍ରମେ 'ଶକ୍ତି' ରଖାଯିବ। ଏହା ଆସନ୍ତା ୨୪ରୁ ୨୬ ତାରିଖ ମଧ୍ୟରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଓଡ଼ିଶା ଉପକୂଳରୁ ବାଂଲାଦେଶର ଚଟ୍ଟୋଗ୍ରାମ ଉପକୂଳ ପର୍ଯ୍ୟନ୍ତ ପ୍ରଭାବିତ ହୋଇପାରେ। ବିଶେଷକରି ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଖୁଲନା ଉପଖଣ୍ଡ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା ରହିଥିବା ମୋସ୍ତୋଫା ସୋସିଆଲ ମିଡିଆରେ ଲେଖିଛନ୍ତି। ଏନେଇ ବାଂଲାଦେଶ ପାଣିପାଗ ବିଭାଗ ପକ୍ଷରୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସତର୍କ ସୂଚନା ଜାରି ହୋଇଛି। ଉକ୍ତ ସୂଚନା ଅନୁଯାୟୀ ମେ' ୧୬ରୁ ୧୮ ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ତାହା କ୍ରମେ ଘନୀଭୂତ ହୋଇ ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ବାଂଲାଦେଶର ଉପକୂଳ ଅଞ୍ଚଳରେ ଜୋର୍‌ଦାର ପବନ ସହ ପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି।

# ଦକ୍ଷିଣ ବଙ୍ଗୋପସାଗରରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ,
୧୩।୫(ପି.ଟି.)

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ନିକୋବର ଦ୍ୱୀପପୁଞ୍ଜ ସମେତ ଉତ୍ତର ଆଣ୍ଡାମାନ ସାଗରର କେତେକ ଅଞ୍ଚଳରେ ପ୍ରବେଶ କରିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ୨ ଦିନ ହେଲା ନିକୋବର ଦ୍ୱୀପପୁଞ୍ଜରେ ପ୍ରବଳ ବର୍ଷା ଲାଗିରହିଛି। ଏହି ସମୟରେ ଦକ୍ଷିଣ ବଙ୍ଗୋପସାଗର, ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରରେ ପ୍ରବଳ ବେଗରେ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ବାଦଲ ଭର୍ତ୍ତିର ସୂଚନା ଦେଉଥିବା ଆଉଟ୍‌ଗୋଇଂ ଲଙ୍ଗୱେଭ୍ ରେଡିଏଶନ (ଓଏଲ୍‌ଆର୍) ଉକ୍ତ ଅଞ୍ଚଳରେ ହ୍ରାସ ପାଇଥିବାରୁ ମୌସୁମୀ ଆସିବା ସ୍ଥିତିକୁ ଏହା ସ୍ପଷ୍ଟ କରୁଛି ବୋଲି ପାଣିପାଗ ବିଭାଗ କହିଛି। ଆଗାମୀ ୩ରୁ ୪ ଦିନ ମଧ୍ୟରେ ମୌସୁମୀ ଦକ୍ଷିଣ ଆରବ ସାଗରର ଅଧିକ ଅଞ୍ଚଳ, ମାଳଦ୍ୱୀପ ଏବଂ କମୋରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର ଅଧିକ ଅଞ୍ଚଳ, ସମ୍ପୂର୍ଣ୍ଣ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଆଣ୍ଡାମାନ ସାଗରର ଅବଶିଷ୍ଟ ଅଞ୍ଚଳ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଅଗ୍ରସର ହେବାର ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। କେରଳରେ ମୌସୁମୀ ମେ' ୨୭ରେ ପହଞ୍ଚି ପ୍ରଥମ ବର୍ଷା କରିପାରେ ବୋଲି ପାଣିପାଗ ବିଭାଗ କହିଛି।

# 'ସରକାରୀ ପଦବୀ ଗ୍ରହଣ କରିବି ନାହିଁ'

## ଅବସର ନେଲେ ସିଜେଆଇ ସଞ୍ଜୀବ ଖାନ୍ନା

ନୂଆଦିଲ୍ଲୀ,୧୩।୫



ସଞ୍ଜୀବ ଖାନ୍ନା

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଙ୍ଗଳବାର ନିଜ ପଦରୁ ଅବସର ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ବି.ଆର୍. ଗଭାଇ ବୁଧବାର ଦାୟିତ୍ୱ ଗ୍ରହଣ କରିବେ। ଜଷ୍ଟିସ୍ ଖାନ୍ ସିଜେଆଇ ଭାବେ ତାଙ୍କର ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ସମାଧାନ କରିଥିଲେ। ଅବସର ପରେ ସେ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ ବୋଲି ବିଦାୟକାଳୀନ ଉତ୍ସବ ଶେଷରେ ସ୍ପଷ୍ଟ କରିଛନ୍ତି। ତେବେ ସେ ତାଙ୍କର ତୃତୀୟ ଇନିଂସରେ ଆଇନ ସମ୍ପର୍କିତ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଜଷ୍ଟିସ୍ ଖାନ୍ନା ୨୦୧୯ ଜାନୁଆରୀ ୧୮ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିବାବେଳେ ୨୦୨୪ ନଭେମ୍ବର ୧୧ରେ ସିଜେଆଇ ନିଯୁକ୍ତ ହୋଇଥିଲେ। ମାତ୍ର ୬ ମାସ ସିଜେଆଇ ଭାବେ ଦାୟିତ୍ୱ ସମ୍ପାଦନ କରିଥିବା ଜଷ୍ଟିସ୍ ଖାନ୍ କେତେକ ସମ୍ବେଦନଶୀଳ ମାମଲାର ସମାଧାନ କରିଥିଲେ। ନ୍ୟାୟ ପ୍ରଦାନରେ ସେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବଢ଼ାଇଥିଲେ। ଜଷ୍ଟିସ୍ ଖାନ୍ ଖୁବ୍ କମ୍ କଥା କୁହନ୍ତି ଏବଂ ସର୍ବସାଧାରଣରେ କ୍ୱଚିତ୍ ଉପସ୍ଥିତି ଜାହିର କରିଥାନ୍ତି। ଭାଷଣ କିମ୍ବା ମନ୍ତବ୍ୟ ଜରିଆରେ କ୍ୱଚିତ୍ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଥାନ୍ତି। ତେବେ ତାଙ୍କର ନ୍ୟାୟିକ କାର୍ଯ୍ୟ ତାଙ୍କ ସମ୍ପର୍କରେ ବହୁତ କିଛି କହିଥାଏ।

# ରେଡ୍ କାର୍ପେଟରେ ନଗ୍ନତା ଉପରେ କଟକଣା

## ଆରମ୍ଭ ହେଲା ୭୮ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ

କାନ୍ସ, ୧୩।୫



ଆମେରିକୀୟ ମଡେଲ ବେଲା ହଦିଦ୍

୭୮ତମ ବାର୍ଷିକ କାନ୍ସ ଫିଲ୍ମ ଫେଷ୍ଟିଭାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚଳଚ୍ଚିତ୍ର ଉତ୍ସବରେ ସିନେମା ଏବଂ ଫ୍ୟାଶନ ଜଗତର ବିଶିଷ୍ଟ ବ୍ୟକ୍ତିଙ୍କ ସମାବେଶ ଲାଗି ରହିବ। ବଡ଼ ବଡ଼ ଷ୍ଟାର୍‌ମାନେ କାନ୍ସର ରେଡ୍ କାର୍ପେଟରେ ସେମାନଙ୍କ ଜଲୱା ଦେଖାଉଥିବା ନଜରକୁ ଆସିବେ। ତେବେ ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସୋମବାର ଏହାର ଆୟୋଜକଙ୍କ ପକ୍ଷରୁ ଏକ ଗାଇଡଲାଇନ୍ ଜାରି କରାଯାଇଛି, ଯେଉଁଥିରେ ପୂର୍ବରୁ ରହିଥିବା ନିୟମରେ ପରିବର୍ତ୍ତନ କରାଯାଇଛି। ନୂତନ ଗାଇଡଲାଇନ ଅନୁଯାୟୀ, ଚଳିତ କାନ୍ସ ଫେଷ୍ଟିଭାଲର ରେଡ୍ କାର୍ପେଟରେ ନଗ୍ନତା ପ୍ରଦର୍ଶନକୁ ବାରଣ କରାଯାଇଛି। ସେହିପରି ରେଡ୍ କାର୍ପେଟରେ ଅତ୍ୟଧିକ ଓଜନଦାର ଏବଂ ଓଭର ସାଇଜ୍ ଆଉଟଫିଟ ପିନ୍ଧିବା ଉପରେ ମଧ୍ୟ କଟକଣା ଲଗାଯାଇଛି। କାନ୍ସ ଫିଲ୍ମ ଫେଷ୍ଟିଭାଲ ପକ୍ଷରୁ କୁହାଯାଇଛି, ଚଳିତ ଥର ରେଡ୍ କାର୍ପେଟ ପାଇଁ ଡ୍ରେସ୍ କୋଡ୍ ଖୁବ୍ ଆକର୍ଷଣୀୟ ହେବାକୁ ଯାଉଛି। ଫରାସୀ ନିୟମ ଏବଂ ଫ୍ୟାଶନ୍‌ର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ନୂତନ ନିୟମକୁ ପ୍ରସ୍ତୁତ କରାଯାଇଛି। ତେବେ ଏହି ନିୟମ ଜରିଆରେ ଫ୍ୟାଶନକୁ ନିୟନ୍ତ୍ରଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଆୟୋଜକ କହିଛନ୍ତି। ନଗ୍ନତା ଏବଂ ଭାରୀ ପୋଷାକ ଯୋଗୁ ରେଡ୍ କାର୍ପେଟରେ ସୃଷ୍ଟି ହେଉଥିବା ସମସ୍ୟାକୁ ଦୂର କରିବା ପାଇଁ ଗାଇଡ୍‌ଲାଇନରେ ପରିବର୍ତ୍ତନ କରାଯାଇଛି। ଲମ୍ବା ଏବଂ ଭାରୀ ପୋଷାକ ଯୋଗୁ ଫେଷ୍ଟିଭାଲରେ ଅତିଥିମାନେ ଉଠିବା କିମ୍ବା ବସିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତାକୁ ଦୃଷ୍ଟିରେ ରଖି ନୂତନ ନିୟମ ଲାଗୁ କରାଯାଇଛି।

ଚଳିତ ଥର କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଅନେକ ଭାରତୀୟ ଷ୍ଟାର୍ ନିଜ ଜଲୱା ଦେଖାଉଥିବାର ନଜରକୁ ଆସିବେ। ଚଳିତ ଥର ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଜାହ୍ନବୀ କପୁର, ଶର୍ମିଳା ଟୋଗୋରଙ୍କ ସହ ଅଭିନେତା ଇଶାନ ଖଟ୍ଟର ମଧ୍ୟ କାନ୍ସର ରେଡ୍ କାର୍ପେଟରେ ନଜରକୁ ଆସିବେ। କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୫ରେ ୫ଟି ଭାରତୀୟ ସିନେମା ପ୍ରଦର୍ଶିତ କରାଯିବ। ଏହି ଇଭେଣ୍ଟରେ ୭୦ ଦଶକରେ ରିଲିଜ୍ ହୋଇଥିବା ଶର୍ମିଳା ଟାଗୋରଙ୍କ ଅଭିନୀତ 'ଆରାନ୍ୟେର ଦୀନ ରାତ୍ରୀ'କୁ ପ୍ରଦର୍ଶିତ କରାଯିବ। ସେହିପରି ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ', ଅଭିନେତା ଅନୁପମ ଖେର୍‌ଙ୍କ ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ', ଶିଳାଦିତ୍ୟ ମୌଳିକଙ୍କ ନିର୍ଦ୍ଦେଶିତ 'ଚରକ' ଏବଂ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଆର୍‌ଏଫ୍‌ଟିଆଇ) ଦ୍ୱାରା ନିର୍ମିତ ଫିଲ୍ମ 'ଏ ଡଲ୍ ମେଡ୍ ଅପ୍ ଅଫ୍ କ୍ଲେ'କୁ ମଧ୍ୟ କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୫ରେ ପ୍ରଦର୍ଶନ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ମୃତ୍ୟୁଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓ୍ୱାରିଙ୍କା, ଗାସ୍କେଟଙ୍କୁ ଓ୍ୱାଇଲ୍ଡ କାର୍ଡ

**ପ୍ୟାରିସ୍, ୧୩।୫ (ଏପି)**

ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଯେଉଁ ଖେଳାଳିମାନଙ୍କୁ ଓ୍ୱାଇଲ୍ଡ କାର୍ଡ ମିଳିଛି, ସେମାନଙ୍କ ମଧ୍ୟରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା ଷ୍ଟାନ୍ ଓ୍ୱାରିଙ୍କା ଓ ଫ୍ରେଞ୍ଚ ଭେଟେରାନ ରିଚାର୍ଡ ଗାସ୍କେଟ ଅନ୍ୟତମ। ଗତ ମାର୍ଚ୍ଚରେ ୪୦ ବର୍ଷ ବୟସରେ ପଦାର୍ପଣ କରିଥିବା ଓ୍ୱାରିଙ୍କା ୨୦୧୪ରେ ଅଷ୍ଟ୍ରେଲିଆନ ଓପନ୍ ଜିତିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ। ପରେ ୨୦୧୫ରେ ଫ୍ରେଞ୍ଚ ଓପନ ଏବଂ ୨୦୧୬ରେ ୟୁଏସ୍ ଓପନ୍ ଟାଇଟଲ ସେ ହାସଲ କରିଥିଲେ। ସୁଇସ୍ ଖେଳାଳି ଜଣକ କିଛିବର୍ଷ ହେଲା ଆଘାତଜନିତ ସମସ୍ୟାରେ ରହୁଥିବାରୁ ଏଟିପି ର୍ୟାଙ୍କିଙ୍ଗ୍ ତାଲିକାରେ ୧୩୨ତମ ସ୍ଥାନକୁ ଖସିଆସିଛନ୍ତି। ଗାସ୍କେଟ ପ୍ୟାରିସ୍‌ରେ ତାଙ୍କର ଶେଷ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯାଉଛନ୍ତି। ଏକ ଗ୍ରାଣ୍ଡସ୍ଲାମ ବିଜେତା ହେବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଥିଲେ ମଧ୍ୟ ସେ କୌଣସି ଥିରେ ସେମିଫାଇନାଲ ଅତିକ୍ରମ କରିବାରେ ସଫଳ ହୋଇପାରିନାହାନ୍ତି। ଗାସ୍କେଟ ଦୁଇଥର ଓ୍ୱିମ୍ବେଲଡନ ସେମିଫାଇନାଲରେ ଏବଂ ଥରେ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ୧୬ ଟୁର୍ ଟାଇଟଲ ହାସଲ କରିଥିବା ବେଳେ ୨୦୧୭ ଡେଭିସ୍ କପ୍ ବିଜେତା ଫ୍ରାନ୍ସ ଦଳର ଅନ୍ୟତମ ସଦସ୍ୟ ଥିଲେ। ଓ୍ୱାଇଲ୍ଡ କାର୍ଡ ପାଇଥିବା ମହିଳା ସିଙ୍ଗଲ୍ସ ଖେଳାଳିମାନଙ୍କ ମଧ୍ୟରେ ଡେଷ୍ଟାନି ଆଇଭା (ଅଷ୍ଟ୍ରେଲିଆ), ଲଏସ ବୋଇସନ (ଫ୍ରାନ୍ସ), ଏଲ୍‌ସା ଜାକ୍ୱେମଟ (ଫ୍ରାନ୍ସ), ଲେଓଲିଆ ଜିନ୍‌ଜିନ୍ (ଫ୍ରାନ୍ସ), ଇଭା ଜୋଭିଚ୍ (ଆମେରିକା), କ୍ଳୋ ପାକ୍ୱେଟ (ଫ୍ରାନ୍ସ), ଡିଆନେ ପ୍ୟାରୀ (ଫ୍ରାନ୍ସ) ଓ ଟିଆଣ୍ଟସୋଆ ସାରା ରାକେଟୋମାଙ୍ଗା ରାଜାଓନା (ଫ୍ରାନ୍ସ) ଅନ୍ୟତମ ରହିଛନ୍ତି। ପୁରୁଷ ସିଙ୍ଗଲ୍ସ ପାଇଁ ଓ୍ୱାଇଲ୍ଡ କାର୍ଡ ପାଇଥିବା ଖେଳାଳିମାନେ ହେଲେ ଫ୍ରାନ୍ସର ଆର୍ଥର ଆଜାକ୍ସ, ରିଚାର୍ଡ ଗାସ୍କେଟ ଓ ପିଏରେ ହ୍ୟୁଗ୍ସ ହରବର୍ଟ ଏବଂ ଆମେରିକାର ଏଲିଲିଓ ନାଭା।


## ମନେ ପଡ଼ନ୍ତି

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ/ବଟକୃଷ୍ଣ ଚୌଧୁରୀ**
ଗ୍ରାମ- ଅଲଣା, ଜିଲ୍ଲା- କଟକ

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୭୬୮୨୪


# ଅଧିକାଂଶ ବିଦେଶୀ ଖେଳାଳି ଫେରିବେ

## ଆଇପିଏଲ୍

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଆସନ୍ତା ୧୭ ତାରିଖରୁ ଆଇପିଏଲ୍ ପୁନଃ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଦେଶୀ ଖେଳାଳିଙ୍କ ଉପଲବ୍ଧତା ଲାଗି ବିସିସିଆଇ ଓ ଆଇପିଏଲ୍ ଫ୍ରାଞ୍ଚାଇଜ୍ ପକ୍ଷରୁ ବିଦେଶୀ ବୋର୍ଡ ଉପରେ ଚାପ ପକାଯାଉଛି। ବିସିସିଆଇ ପକ୍ଷରୁ ଆଇପିଏଲ୍ ସିଓଓ ହେମାଙ୍ଗ ଆମିନଙ୍କୁ ବ୍ୟକ୍ତିଗତ ଭାବେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସହ କଥା ହେବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ଆବଶ୍ୟକ ସୁରକ୍ଷାଜନିତ ଅନୁମତି ମିଳିବା ପରେ ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିଯୋଗୁ ସମସ୍ତ ୧୦ ଦଳ ସେମାନଙ୍କ ଖେଳାଳିଙ୍କୁ ଏକତ୍ରିତ କରାଇବାକୁ ଉଦ୍ୟମ ଚଳାଇଛନ୍ତି। ବିଶ୍ୱର ସର୍ବବୃହତ୍ ଟି୨୦ ଲିଗ୍‌କୁ ଗତ ୯ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ବିବାଦ କାରଣରୁ ସ୍ଥଗିତ ରଖାଯାଇଥିଲା। ସ୍ଥଗିତ ହେବାର ଦିନକ ପରେ ଦୁଇ ଦେଶ ମଧ୍ୟରେ ସିସ୍‌ଫାୟାର ଘୋଷଣା ହୋଇଥିଲା, ଯାହାଫଳରେ ଆଇପିଏଲ୍ ପୁନଃ ଆରମ୍ଭ ଲାଗି ବାଟ ଫିଟିଥିଲା।

'ଆମେ ବିଦେଶୀ ବୋର୍ଡ୍ସଙ୍କ ସହ କଥା ହେଉଛୁ। ଫ୍ରାଞ୍ଚାଇଜ୍‌ମାନେ ସିଧାସଳଖ ଖେଳାଳିଙ୍କ ସହ କଥା ହେଉଛନ୍ତି। ଆମେ ଆଶା କରୁଛୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଖେଳାଳି ଫେରିବେ' ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ତେବେ ଆଇପିଏଲ୍‌ରେ ଖେଳିବେ କି ନାହିଁ ନିଷ୍ପତ୍ତିକୁ ଖେଳାଳିଙ୍କ ଉପରେ ଛାଡ଼ିଦେଇଛି ସିଏ। ଏଭଳି ବିଷୟରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ଆସୋସିଏଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଖେଳାଳିଙ୍କ ଉପଲବ୍ଧତା ସମ୍ପର୍କରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ସିଇଓ କାଶୀ ବିଶ୍ୱନାଥନ କହିଛନ୍ତି, ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ସୋମବାର ରାତିରେ ଘୋଷଣା କରାଯାଇଛି। ଆମେ ଆମ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ ଆରମ୍ଭ କରିଛୁ। ଆମକୁ ବୁଧବାର ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିଯିବ। ଆମେ ଆସନ୍ତା ୨୦ ତାରିଖରେ ମ୍ୟାଚ୍ ଖେଳିବୁ। ଆମ ପାଖରେ ଯଥେଷ୍ଟ ସମୟ ଅଛି। ସିଏସ୍‌କେର ବିଦେଶୀ ଖେଳାଳିଙ୍କ ମଧ୍ୟରେ ଡେଭନ କନ୍‌ୱେ, ରାଚିନ ରବୀନ୍ଦ୍ର, ସାମ୍ କୁରାନ, ଜେମି ଓଭରଟନ, ନୂର ଅହମ୍ମଦ ଓ ମାଥିଶା ପାଥିରନା ରହିଛନ୍ତି। ଆଫଗାନିସ୍ତାନର ନୂର ଓ ଶ୍ରୀଲଙ୍କାର ପାଥିରାନା ଦଳରେ ଯୋଗଦେବେ। କିନ୍ତୁ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଉପଲବ୍ଧତାକୁ ନେଇ ସନ୍ଦେହ ରହିଛି। ଅଷ୍ଟ୍ରେଲିଆର ମାର୍କସ୍ ଷ୍ଟୋଇନିସ୍ ଓ ଜୋଶ୍ ଇଙ୍ଗଲିଶଙ୍କ ଫେରିବାର ସମ୍ଭାବନା କମ୍। ସେମାନଙ୍କୁ ପଞ୍ଜାବ କିଙ୍ଗ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ଅଷ୍ଟ୍ରେଲିଆର ଜାଭିୟର ବାର୍ଟଲେଟ, ଆରୋନ ହାର୍ଡି, ଆଫଗାନିସ୍ତାନର ଆଜମାତୁଲା ଓମାରଜାଇ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଫେରିବେ ବୋଲି ଆଶା କରାଯାଉଛି। ୨୦୧୪ ପରେ ପ୍ରଥମଥର ପାଇଁ ପଞ୍ଜାବ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିବାକୁ ଯାଉଛି। ସିଏସ୍‌କେ ଭଳି ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି। ହେଲେ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ଓ ଓପନର ଟ୍ରାଭିସ ହେଡ୍ ବଳକା ୩ ମ୍ୟାଚ୍ ଲାଗି ଫେରିବେ ବୋଲି ଆଶା କରାଯାଉଛି। ପ୍ଲେଅଫ୍ ଦୌଡ଼ରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମଙ୍ଗଳବାର ସକାଳେ ବିଦେଶୀ ଖେଳାଳିଙ୍କୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି। ବୁଧବାର ସୁଦ୍ଧା ଏ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି। ଆଇପିଏଲ୍ ଜୁନ୍ ୩ରେ ଶେଷହେବାକୁ ଥିବାବେଳେ ୧୧ ତାରିଖରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଡବ୍ଲୁଟିସି ଫାଇନାଲ ଖେଳାଯିବ। ଏଥିଯୋଗୁ ଆଇପିଏଲ୍ ପ୍ଲେଅଫ୍ସରେ ଭାଗନେବାକୁ ଥିବା ଏହି ଦୁଇ ଦେଶର ଖେଳାଳିଙ୍କ ପାଖରେ ଖୁବ୍ କମ୍ ଦିନ ରହିବ।

# ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍: ମନ୍ଧାନା ଦ୍ୱିତୀୟ

**ଦୁବାଇ, ୧୩।୫(ପି.ଟି.)**

ଭାରତର ଷ୍ଟାଇଲିସ୍ ଓପ୍‌ନର ସ୍ମୃତି ମନ୍ଧାନା ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ବିଶ୍ୱର ନମ୍ବର-୧ ସ୍ଥାନ ନିକଟତର ହୋଇଛନ୍ତି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ମନ୍ଧାନା ଏହା ପୂର୍ବରୁ ଗତ ୨୦୧୯ରେ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ନିକଟରେ ସେ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମୋଟ ୫ଟି ଇନିଂସରେ ୨୬୪ ରନ୍ ସଂଗ୍ରହକରି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଅଗ୍ରଣୀ ରନ୍‌ସ୍କୋରର ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ୧୦୧ ବଲ୍‌ରୁ ୧୧୬ ରନ୍ କରିଥିବା ମନ୍ଧାନା ବର୍ତ୍ତମାନ ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଲ୍ଭାର୍ଡଟଙ୍କଠାରୁ ୧୧ ରେଟିଂ ପଏଣ୍ଟ ପଛରେ ରହିଛନ୍ତି, ଯିଏକି ତ୍ରିରାଷ୍ଟ୍ରୀୟ ସିରିଜରେ ମାତ୍ର ୮୬ ରନ୍ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୩୯ ରନ୍ କରିଥିବା ଶ୍ରୀଲଙ୍କା ଅଧିନାୟକ ଚାମରୀ ଆଥାପାଥୁଙ୍କର ଟପ୍ ୧୦କୁ ପଦୋନ୍ନତି ଘଟିଛି। ବୋଲର ତାଲିକାରେ ପଦୋନ୍ନତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାରତୀୟ ସ୍ପିନର ସ୍ନେହ ରାଣା ରହିଛନ୍ତି।

# ଓଡ଼ିଶା ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଖେଳାଳିଙ୍କ ସଫଳତା


ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଖୋ ଖୋ ଖେଳାଳି।

**ଭୁବନେଶ୍ୱର, ୧୩।୫**

ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୩ ଖେଳାଳି ଚଳିତ ବର୍ଷ ବିହାରର ଗୟାଠାରେ ଅନୁଷ୍ଠିତ ୭ମ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶା ବାଳିକା ଓ ବାଳକ ଦଳର ପ୍ରତିନିଧିତ୍ୱ କରିଥିଲେ। ଏଥିରେ ବାଳିକା ଦଳ ଚାମ୍ପିୟନ ଓ ବାଳକ ଦଳ ରନରଅପ୍ ହୋଇଥିଲା। ଓଡ଼ିଶା ବାଳିକା ଦଳ ଏକ ରୋମାଞ୍ଚକ ଫାଇନାଲରେ ମହାରାଷ୍ଟ୍ରକୁ ହରାଇ ଥିବାବେଳେ ବାଳକ ଦଳ ମହାରାଷ୍ଟ୍ରଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଏହା ବ୍ୟତୀତ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ତାଲିମପ୍ରାପ୍ତ କୋହ୍ଲାପୁରର ଜଣେ ଆଥଲେଟ୍ ଶରଦ ଘଟଗେ ମହାରାଷ୍ଟ୍ର ଦଳର ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଚପିସିର ଆଉ ଜଣେ ଆଥଲେଟ୍ ରାହୁଲ ମଧ୍ୟ ଦିଲ୍ଲୀ ଦଳର ପ୍ରତିନିଧିତ୍ୱ କରିଥିଲେ। ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସ୍‌ଆର୍ ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି ଯେ, "ଏହି ସଫଳତା ଆମ ଖେଳାଳି ଏବଂ ପ୍ରଶିକ୍ଷକଙ୍କ ଦୃଢ଼ ନିଷ୍ଠା ଏବଂ ନିରନ୍ତର ପ୍ରୟାସର ଫଳ। ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ତୃଣମୂଳସ୍ତରରୁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମ ଆଥଲେଟ୍‌ମାନେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ"।


କରାଟେ କ୍ରୀଡ଼ାର ବିକାଶ ଲକ୍ଷ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ଓଡିଶା ରାଜ୍ୟ କରାଟେ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ।

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

Teli Boy 1992, 5'5", +2, dving Business Monthly 30,000/- "Sunasansar"-9937512659. D-76268

Brahmin Boy 1993, 5'11", MBA Serving Bhubaneswar, Monthly 60,000/- "Sunasansar"-9937512659. D-76267

### GROOM WANTED

47 ବର୍ଷ SBI BANK ରେ କାର୍ଯ୍ୟରତ, ବିବାହଯୋଗ୍ୟ ବ୍ୟକ୍ତି ଯୋଗାଯୋଗ କରନ୍ତୁ- 8455853154. D-491



## REAL ESTATE
## SALE


ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76452

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Ground Floor Single Room attached Toilet for office at VSS Nagar. 7873657633. D-520




**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open health benefits SPA by expert therapist. Contact- 8280961126. D-76913

## AFFIDAVIT

I, Saswat Routray, S/o- Subodha Chandra Routray, R/o. Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 40, dated 02.05.2025 that I have changed the name of my son from Shaunak to SHAUNAK ROUTRAY for all purposes. D-528

By virtue of an affidavit Sl. No.-460, dated 13.05.2025, I, Khushboo Paswan (New name), formerly called Khushboo Barma (Old name), W/o- Suraj Barma, R/o. At- Kudabaga, P.O.- Kundukela, P.S.- Bhasma, Dist.- Sundargarh, Odisha, PIN- 770019 declare that I have changed my name from Khushboo Barma to Khushboo Paswan. Henceforth, I shall be known as Khushboo Paswan for all purposes. D-521

By virtue of an affidavit sworn before the Executive Magistrate, Baripada, Mayurbhanj, dt. 18.03.2025, I, Guru Bari Devi, W/o- Late Kalicharan Bindhani, At-Tulasibani, P.O.- Baunsda, P.S-Jharpokharia, Dist.-Mayurbhanj (Odisha)- 757031 declare that I have changed my name Guru Bari Bindhani to Guru Bari Devi. Henceforth, I will be known as Guru Bari Devi for all purpose. D-524

I, Arzoo Gattani, W/o- Saswat Routray, R/o. Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 41, dated 03.05.2025 that I have changed my name from Arjoo Gattani to ARZOO GATTANI for all purposes. D-529

By virtue of an affidavit before Notary Public, Kantabanji on 13.5.2025 formerly I known as Manjula Herna, D/o- Purasatam Herna of Village- Budhibahal, P.O./P.S.- Turekela, Dist.- Bolangir and after marriage to Bisnu Bag my name is written as Manjula Bag, W/o- Bisnu Bag which is also updated my Aadhaar Card and now I treated as Manjula Bag, W/o- Bisnu Bag of Village- Larki, P.O./P.S.- Turekela, Dist.- Bolangir whereas Manjula Herna and Manjula Bag, W/o- Bisnu Bag is same and one person and from today I will be known as Manjula Bag, W/o- Bisnu Bag in all purposes. D-522

By virtue of an affidavit sworn before the Executive Magistrate, Saintala, dated 13.05.2025, I, Nira Meher, aged about 75 years, D/o- Gokul Meher, W/o- Laxmicharan Meher, resident of Village: At- Kudasingha, P.O.- Tikrapada, P.S.- Saintala, Dist.- Balangir (Odisha), PIN- 767026 declare that I have changed my name from Nirabati Meher to Nira Meher. Henceforth, I shall be known as Nira Meher for all purpose.
Nira Meher
D-530

## LEGAL NOTICE

I.R. No.- 622/ Date- 21.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ପ୍ରଦୀପ କୁମାର ନାୟକ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଆର୍.ପି. କେସ୍ ନଂ.- ୧୯୫୫/୨୦୧୪

କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ, ପିତା- ଭରତ ପାଣିଗ୍ରାହୀ ....ବାଦୀ

ବନାମ

ଏମ୍/ଅସ ସୃଷ୍ଟି ଇଷ୍ଟେଟ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୩(କ) ରାମଚନ୍ଦ୍ର ଭୋଇ, ପିତା- ସ୍ୱର୍ଗତ ଭ୍ରମରବର ଭୋଇ, ସା/ପୋଷ୍ଟ- ଘାଟିକିଆ, ଥାନା-ଖଣ୍ଡଗିରି, ଜିଲା-ଖୋର୍ଦ୍ଧା

ଏତଦ୍ବାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଘାଟିକିଆ, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ସାବକ

ଖାତା ନଂ.-୧୮, ପ୍ଲଟ୍ ନଂ.-୯୫୮, କିସମ- ଶାରଦ-୩, ରକବା- ଏ.୦.୯୧୮ଡି., ସ୍ୱଧରୁ ଏ.୦.୦୮୪ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ.- ୧୫୫, ପ୍ଲଟ୍ ନଂ.- ୫୨୨୯, କିସମ- ଶାରଦ ଅଣ ଜଳସେଚିତ-୩, ରକବା- ଏ.୦.୧୦୦ଡି., ସ୍ୱଧରୁ ଏ.୦.୦୮୪ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୫୨୩

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଫଳଚାରା ଲଗାଇବା ସମୟରେ...

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ। ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛ ଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ ।

# ଫସଲ ଉତ୍ପାଦନରେ ମାଙ୍ଗାନିଜ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଫସଲ ତା'ର ଖାଦ୍ୟ ପ୍ରସ୍ତୁତି ପାଇଁ ବିବିଧ ଜୈବ ଏନ୍‌ଜାଇମ୍ ଉପରେ ନିର୍ଭର କରିଥାଏ । ଉକ୍ତ ଜୈବ ଏନ୍‌ଜାଇମ୍‌ଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ ମାଙ୍ଗାନିଜ୍ ବଡ଼ ଭୂମିକା ନେଇଥାଏ । ଗଛ ପ୍ରସ୍ତୁତ କରୁଥିବା ଜଟିଳ ଶ୍ୱେତସାରକୁ ଭାଙ୍ଗି ସରଳ ଶ୍ୱେତସାରରେ ପରିଣତ କରିବା ମାଙ୍ଗାନିଜ୍‌ର କାମ । ଗଛ ଦିବାଲୋକରେ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ଏବଂ ରାତିରେ ଅଙ୍ଗାରକାମ୍ଳଜାନ ନିର୍ଗତ କରିବା କାମକୁ ମାଙ୍ଗାନିଜ୍ ତ୍ୱରାନ୍ୱିତ କରିଥାଏ । ଉକ୍ତ ଦୁଇ ପ୍ରକ୍ରିୟା ପାଇଁ ଫସଲ ଯେଉଁ ଏନ୍‌ଜାଇମ୍ ଆବଶ୍ୟକ କରିଥାଏ, ମାଙ୍ଗାନିଜ୍ ଉକ୍ତ ଏନ୍‌ଜାଇମ୍‌ର ପ୍ରସ୍ତୁତି ପାଇଁ ସାହାଯ୍ୟକରେ । ମାଙ୍ଗାନିଜ୍ ଏପରି ଏକ ଉପାଦାନ, ଯାହା ଫସଲର ସବୁ ଏନ୍‌ଜାଇମ୍ ପାଇଁ କାମକରି ନିଜେ ଅକ୍ଷତ ଥାଏ ଏବଂ ପୁନର୍ବାର ସେହି କାର୍ଯ୍ୟରେ ଲାଗେ ।

ମାଙ୍ଗାନିଜ୍ ଅଣୁ ଖାଦ୍ୟ ଉପାଦାନ ଅଭାବରେ ଗଛର ନୂଆପତ୍ରର ଉପରଭାଗ ବାଦାମୀ ଏବଂ ନିମ୍ନଭାଗ ଫିକା ସବୁଜ ଥାଏ । କ୍ରମେ ଉକ୍ତ ପତ୍ର ଫିକା ହଳଦୀ ରଙ୍ଗର ହୁଏ । ଏହି ସମୟରେ ଗଛର ପୁରୁଣା ପତ୍ର ବାଦାମୀ ରଙ୍ଗ ହୁଏ । ମାଙ୍ଗାନିଜର ଅଭାବଜନିତ ଲକ୍ଷଣ ବିଭିନ୍ନ ଫସଲରେ ସମାନ ନ ହୋଇ ପୃଥକ୍ ପୃଥକ୍ ହୋଇଥାଏ। ଶସ୍ୟଜାତୀୟ ଫସଲ ଯଥା : ଧାନ, ଗହମ, ବାଜାରା, ଜୁଆର ଆଦିର ଉଭୟ ନୂଆ ଏବଂ ପୁରୁଣା ପତ୍ର ବାଦାମୀ ରଙ୍ଗର ହୁଏ । ଅନ୍ୟାନ୍ୟ ଫସଲ ଅପେକ୍ଷା ଗହମ ଫସଲରେ ମାଙ୍ଗାନିଜ୍‌ର ଅଭାବ ଅଧିକ ପରିସ୍ଫୁଟ ହୁଏ । ମାଙ୍ଗାନିଜ୍‌ର କମ୍ ଅଭାବରେ ଗହମର ଉପର ପତ୍ରର ମଝି ଅଂଶ ଫିକା ହଳଦିଆ ଥିଲା ବେଳେ ପତ୍ରର ତଳ ଭାଗ ଫିକା ସବୁଜ ଥାଏ । ମଧ୍ୟମ ମାଙ୍ଗାନିଜ୍ ଅଭାବରେ ଗହମ ପତ୍ରର ମଝି ଶିରା ଫିକା ସବୁଜ ଥାଇ ପତ୍ରର ଅନ୍ୟ ଶିରା ସବୁ ବାଦାମୀ ରଙ୍ଗର ହୁଏ । ମାତ୍ରାଧିକ ମାଙ୍ଗାନିଜ୍ ଅଭାବରେ ଗହମ କେଣ୍ଡା ସମ୍ପୂର୍ଣ୍ଣ ବାହାରିପାରେ ନାହିଁ । ଗହମ କେଣ୍ଡାର ପାର୍ଶ୍ୱ ପତ୍ର ଫିକା ସବୁଜ ଥାଇ ପତ୍ରର ଅନ୍ୟ ଶିରା ସବୁ ବାଦାମୀ ହୁଏ । ମାଙ୍ଗାନିଜ୍ ଅଭାବରେ ମୁଗ ଗଛର ଉପର ପତ୍ର ସବୁଜ ଥିଲାବେଳେ ତଳ ପତ୍ର ବାଦାମୀ ହୁଏ ଏବଂ ଉପର ପତ୍ରର ଆକାର ଠାରୁ ଛୋଟ ହୁଏ । ସୋୟାବିନ୍ ଫସଲର ଶିରା ସବୁ ସବୁଜ ଥିଲାବେଳେ ଦୁଇ ଶିରାର ମଝି ଭାଗ ହଳଦୀ ରଙ୍ଗର ହୁଏ। ଚିନାବାଦାମ ଫସଲର ଚେର ବଢ଼ିପାରେ ନାହିଁ ଏବଂ ଯେଉଁ ଫଳ ଆସେ, ତାହା ଛୋଟ ଆକାରର ହୁଏ ।

ବାଲି ଏବଂ ବାଲିଆ ଦୋରସା ମାଟିରେ ମାଙ୍ଗାନିଜ ଉପାଦାନ ବାନ୍ଧିହୋଇ ନ ପାରି ବର୍ଷା ଏବଂ ଅଧିକ ଜଳସେଚନ ଦ୍ୱାରା ଧୋଇ ନଷ୍ଟହୁଏ । ସମସ୍ତ ବୟନ ଶ୍ରେଣୀର ମାଟିର ପିଏଚ୍ ୭.୫ରୁ ଅଧିକ ହେଲେ ସେହି ମାଟିରେ ସୁଲଭ ମାଙ୍ଗାନିଜ୍ ଅଭାବ ହୁଏ। ଖାରି ମାଟିରେ ମାଙ୍ଗାନିଜ ଦ୍ରବୀଭୂତ ହୋଇ ନ ପାରି ବାନ୍ଧିହୋଇ ଫସଲକୁ ଗ୍ରହଣଯୋଗ୍ୟ ହୁଏ ନାହିଁ । ମାଟି ପରୀକ୍ଷାରୁ ହେକ୍ଟର ପ୍ରତି ୨.୦ କି.ଗ୍ରା.ରୁ ମାଙ୍ଗାନିଜ୍ କମ୍ ହେଲେ ମାଟିରୁ ମାଙ୍ଗାନିଜ ଅଭାବ ହୁଏ । ଆମ ରାଜ୍ୟର ବିଭିନ୍ନ ଜିଲାର ମାଟିର ସୁଲଭ ମାଙ୍ଗାନିଜ୍ ପରୀକ୍ଷାରୁ ଜଣାପଡ଼େ ଯେ, ଓଡ଼ିଶାର ସମୁଦାୟ ଚାଷଜମିର ମାତ୍ର ୧.୨୨ ଶତକଡ଼ା ଜମିରେ ସୁଲଭ ମାଙ୍ଗାନିଜ୍‌ର ଅଭାବ ରହିଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ ଜଗତ୍‌ସିଂହପୁର ଜିଲାର ସମୁଦାୟ ଚାଷ ଜମିର ସର୍ବାଧିକ ୩୦ ଭାଗ ଜମିରେ ସୁଲଭ ମାଙ୍ଗାନିଜ୍ ଅଧିକ ମାତ୍ରାରେ ରହିଛି । ଅନ୍ୟାନ୍ୟ ଜିଲା ଅର୍ଥାତ୍ କଟକ ଜିଲାରେ ସମୁଦାୟ ଚାଷଜମିରେ ଶତକଡ଼ା ୫ ଭାଗ ଜମିରେ ମାଙ୍ଗାନିଜ୍ ଅଭାବ ଥିଲାବେଳେ ଗଜପତି ଜିଲାରେ ଶତକଡ଼ା ୧.୦ ଭାଗ, ବାଲେଶ୍ୱର ଜିଲାରେ ଶତକଡା ୦.୪ ଭାଗ ଏବଂ ମାଲକାନାଗିରି ଜିଲାର ସବୁଠାରୁ କମ୍ ଅର୍ଥାତ୍ ଶତକଡା ୦.୭ ଭାଗ ଜମିରେ ଅଭାବ ରହିଛି । ରାଜ୍ୟର ଅନ୍ୟାନ୍ୟ ଜିଲାର ଚାଷଜମି ମାଟିରେ ଲୁକ୍କାୟିତରୁ ନଗଣ୍ୟ ପରିମାଣର ସୁଲଭ ମାଙ୍ଗାନିଜ୍ ଅଛି ।

> ''ପ୍ରତ୍ୟେକ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ଫସଲ ଆବଶ୍ୟକ କରୁଥିବା ୧୭ ଗୋଟି ଖାଦ୍ୟ ଉପାଦାନ ମାଟିରେ ସମତୁଲ ପରିମାଣରେ ରହିବା ଦରକାର । ଉକ୍ତ ଖାଦ୍ୟ ଉପାଦାନଗୁଡ଼ିକ ମଧ୍ୟରୁ ମାଙ୍ଗାନିଜ୍ ଅନ୍ୟତମ । ଫସଲ, ଉକ୍ତ ଉପାଦାନକୁ ସ୍ୱଳ୍ପ ପରିମାଣରେ ଚାହୁଁଥିବାରୁ ମାଙ୍ଗାନିଜ୍ ଏକ ଅଣୁ ଖାଦ୍ୟ ଉପାଦାନ । ଉକ୍ତ ଅଣୁ ଉପାଦାନ ୧ କି.ଗ୍ରା. ମାଟିରେ ୨ ମିଲିଗ୍ରାମରୁ କମ୍ ରହିଲେ ଫସଲ ଅମଳ ପ୍ରାୟ ୨୦ ରୁ ୨୫ ଶତକଡ଼ା କମିଥାଏ ।''



ମାଙ୍ଗାନିଜ୍ ଅଭାବ ଥିବା ମାଟିରେ ଫସଲ ପାଇଁ ମାଙ୍ଗାନିଜ୍ ସାର ପ୍ରୟୋଗ କରାଯାଏ । ମାଙ୍ଗାନିଜ୍ ଜାତୀୟ ସାର ମଧ୍ୟରେ ମାଙ୍ଗାନିଜ୍ ସଲ୍‌ପେଟ୍, ମାଙ୍ଗାନିଜ୍ ଅକ୍ସାଇଡ୍ ଏବଂ ମାଙ୍ଗାନିଜ୍ କ୍ଲୋରାଇଡ୍ ମୁଖ୍ୟ । ମାଙ୍ଗାନିଜ୍ ସଲ୍‌ପେଟ୍‌ରେ ଶତକଡ଼ା ୩୦ ଭାଗ, ମାଙ୍ଗାନିଜ୍ ଅକ୍ସାଇଡ୍‌ରେ ଶତକଡା ୨୫ ଭାଗ ଏବଂ ମାଙ୍ଗାନିଜ୍ କ୍ଲୋରାଇଡ୍ ୨ ଗ୍ରେଡ୍‌ର ଯଥା ଶତକଡ଼ା ୧୦ ଏବଂ ଶତକଡ଼ା ୧୬ ଭାଗ ମାଙ୍ଗାନିଜ୍ ଥାଏ । ଆମ ରାଜ୍ୟର କୃଷି ବିଭାଗ ଦ୍ୱାରା ମୁଖ୍ୟତଃ ୩୦ ଭାଗଥିବା ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ଫସଲରେ ପ୍ରୟୋଗ ପାଇଁ ଅନୁମୋଦନ କରାଯାଏ । ହେକ୍ଟର ପ୍ରତି ୫୦ କି.ଗ୍ରା. ମାଙ୍ଗାନିଜ୍ ସଲ୍‌ଫେଟ୍‌ରେ ଏହାର ୫ ଗୁଣା ଶୁଖିଲା ଗୁଣ୍ଡ ଗୋବରଖତ ମିଶାଇ ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟରେ ପ୍ରୟୋଗ କରାଯାଇ ପାରେ । ଠିଆ ଶସ୍ୟଜାତୀୟ ଫସଲରେ ମାଙ୍ଗାନିଜ୍‌ର ଅଭାବ ଦେଖାଦେଲେ ଶତକଡା ୧.୦ ଭାଗ ମାଙ୍ଗାନିଜ୍ ସଲ୍‌ଫେଟ୍ ଅର୍ଥାତ୍ ୧୦୦ ଗ୍ରାମ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ର ଛିଞ୍ଚା କରାଯିବା ଉଚିତ୍ ।

ବିଭିନ୍ନ ପନିପରିବା ଯଥା–ବନ୍ଧାକୋବି, ଫୁଲକୋବି, ଗଣ୍ଠିକୋବି, ବିଟ୍ ଓ ଗାଜର ଆଦିରେ ମାଙ୍ଗାନିଜ୍‌ର ଅଭାବ ଅଧିକ ଦେଖାଯାଏ । ଏପରି ସ୍ଥଳେ ଶତକଡା ୦.୫ ଭାଗ ଅର୍ଥାତ୍ ୧୦ ଲିଟର ପାଣିରେ ୫୦ ଗ୍ରାମ ମାଙ୍ଗାନିଜ୍ ସଲ୍‌ଫେଟ୍‌ର ଦ୍ରବଣକରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଏ । ଫଳଜାତୀୟ ଗଛ ଯଥା: ଆମ୍ବ, ପିଜୁଳି, ଲେମ୍ବୁ, କମଳା, କରମଙ୍ଗା ଆଦି ଗଛରେ ମାଙ୍ଗାନିଜ୍‌ର ଅଭାବ ଦେଖାଯାଏ। ଏପରି ସ୍ଥଳେ ଶତକଡ଼ା ୦.୫ ଭାଗ ମାଙ୍ଗାନିଜ୍ ସଲ୍‌ଫେଟ୍ ଅର୍ଥାତ୍ ୫୦ ଗ୍ରାମ୍ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କରାଯାଏ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ସଫଳ ଚାଷୀ
### ରଞ୍ଜନ କୁମାର ସେଠୀ

# ଫୁଲଚାଷ ନୂଆ ପରିଚୟ ଦେଇଛି





ନିଜର ଉଦ୍ୟମ ବଳରେ ସେ ଆଜି ଚାଷ କ୍ଷେତ୍ରରେ ସଫଳତା ହାସଲ କରିପାରିଛନ୍ତି। ପାଠପଢ଼ା ଶେଷହେବା ପରେ ସେ ଚାକିରି ନ କରି ନିଜ ପୈତୃକ ଚାଷଜମିରେ ଚାଷକାମ ଆରମ୍ଭ କରିବାକୁ ବାହାରିଲେ । ଆଉ ଆଜି ସେ ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ଗ୍ରାମର ରଞ୍ଜନ କୁମାର ସେଠୀ। ତା'ସହ ନିଜ ଅଞ୍ଚଳରେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଥିବା ରଞ୍ଜନ କହନ୍ତି, ''ପ୍ରଥମେ ନିଜର ୨ ଏକର ଜମିରେ ଜୈବିକ ପଦ୍ଧତିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୨୦୧୬ରେ ଏମ୍‌ଏ ପାସ୍ କଲି। କିନ୍ତୁ ତା'ପରେ ଚାକିରି କରିବାକୁ ମୋର ଆଗ୍ରହ ନ ଥିଲା। ଚାଷରେ ଜଣେ ଭଲ ରୋଜଗାର କରିପାରିବ–ଏକଥା ମୋ ମନରେ ଆସିଥିଲା। ବାସ୍, ତା'ପରେ କୃଷିକୁ ହିଁ ମୋ ଜୀବିକା ଭାବରେ ଗ୍ରହଣ କରିନେଇଥିଲି। ଆଜି ସେହି ଗେଣ୍ଡୁଫୁଲ ଚାଷ ମୋତେ ଏକ ନୂଆ ପରିଚୟ ଦେଇଛି। ବର୍ଷକୁ ପାଖାପାଖି ୧୨ ଲକ୍ଷ ଟଙ୍କା ଆୟ ହେଉଛି। ୨୦୨୦ରେ ମୁଁ ମାତ୍ର ୧୦,୦୦୦ ଟଙ୍କା ପୁଞ୍ଜିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ଏବେ ମୁଁ ଚେରି, ଚିନା, ବାସନ୍ତୀ, ନାଲି ଗେଣ୍ଡୁ, ରକ୍ତ ଗେଣ୍ଡୁ ଇତ୍ୟାଦି ଚାଷ କରୁଛି। ଏହି ଫୁଲଚାଷ ପାଇଁ ଚାରା ପଶ୍ଚିମବଙ୍ଗର ରାଏ, ପାଂଶ୍‌କୁଡ଼ା, କଲାଘାଟ ଆଦି ଅଞ୍ଚଳରୁ ସଂଗ୍ରହ କରିଥାଏ। ଚାରା ଲାଗିବାର ୩୫ରୁ ୪୦ ଦିନ ମଧ୍ୟରେ ଗଛରେ ଫୁଲ ଫୁଟିବା ଆରମ୍ଭ ହୁଏ। ଫୁଲ ଫୁଟିବା ଆରମ୍ଭ ହେଲେ ସେବେଠାରୁ ପାଖାପାଖି ୪ ମାସ ପର୍ଯ୍ୟନ୍ତ ଫୁଲ ଅମଳ ହୁଏ।'' ରଞ୍ଜନ ଉତ୍ପନ୍ନ ହେଉଥିବା ଫୁଲକୁ ଜଳେଶ୍ୱର ସମେତ ଭୋଗରାଇ, ବସ୍ତା, ବାଲିଆପାଳ, ରାସଗୋବିନ୍ଦପୁର ଏପରିକି ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ପଠାଇଥାନ୍ତି। ରଞ୍ଜନଙ୍କ ପରିବାର ଏବଂ ତାଙ୍କ ଗ୍ରାମର ୫ ଜଣ ଏହି ଫୁଲଚାଷ କାମରେ ନିୟୋଜିତ ଥାଆନ୍ତି। ଗତ ୪ ବର୍ଷ ହେଲା ରଞ୍ଜନ କେବଳ ଗେଣ୍ଡୁଫୁଲ ଚାଷକୁ ଗୁରୁତ୍ୱ ଦେଉଥିବା ବେଳେ ଚଳିତ ବର୍ଷଠାରୁ ବୁକେ ଓ ଫୁଲତୋଡ଼ା ପ୍ରସ୍ତୁତ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟ ଫୁଲ ଓ ଡାଳ ସବୁ ଚାଷ କରିବାକୁ ସ୍ଥିର କରିଛନ୍ତି। ଯଦି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଙ୍କୁ ଫୁଲଚାଷ ପାଇଁ ପ୍ରଶିକ୍ଷଣ ଏବଂ ଆର୍ଥିକ ସହାୟତା ମିଳିପାରନ୍ତା ତା'ହେଲେ ସେ ଆହୁରି ଅଧିକ ଜମିରେ ଚାଷ କରିପାରନ୍ତେ ବୋଲି କହନ୍ତି ରଞ୍ଜନ।

–ନବୀନ ସାହୁ, ଜଳେଶ୍ୱର

# ଅଣଧାନ ଫସଲ ଚାଷ କରୁଥିଲେ...



ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ତଳି ପଟିରେ ବିହନ ବୁଣିବା ସମୟରେ...



ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିଲାଗି ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମି ଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନ ଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ x ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣି ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

# ଢିପ ଜମିରେ ଡାଲି ଜାତୀୟ ଫସଲ



ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ ।

## ଚିନାବାଦାମ ଚାଷ

ଚିନାବାଦାମ ଚାଷ କରିବା ସମୟରେ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଫସଲରେ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରବ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

# ପନିପରିବାରେ ରୋଗ ପୋକ ନିୟନ୍ତ୍ରଣ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପକରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ।



ଆଲବାନିଆର ଭ୍ଲୋରେଠାରେ ଅନୁଷ୍ଠିତ ଗିରୋ ଡି' ଇଟାଲିଆ ସାଇକେଲ ରେସର ତୃତୀୟ ଷ୍ଟେଜ୍ ଅବସରରେ ପ୍ରତିଯୋଗୀମାନେ।

# ପେଡେରେଶନ ଡବଲ ଷ୍ଟେଜ୍ ବିଜେତା

**ରୋମ୍, ୧୩।୫**

ବିଶ୍ୱର ଅନ୍ୟତମ ସମ୍ମାନଜନକ ସାଇକେଲ ରେସ୍ ଗିରୋ ଡି' ଇଟାଲିଆର ୧୦୮ତମ ସଂସ୍କରଣ ଆଲବାନିଆର ଡୁରେସରେ ଆରମ୍ଭ ହୋଇଯାଇଛି। ୩ ସପ୍ତାହବିଶିଷ୍ଟ ଏହି ଗ୍ରାଣ୍ଡ ଟୁର୍ ସାଇକ୍ଲିଂ ଷ୍ଟେଜ୍ ରେସ୍ ଆସନ୍ତା ୧ ତାରିଖରେ ରୋମ୍‌ରେ ଶେଷହେବ। ପ୍ରତିଯୋଗିତାରେ

**ଗିରୋ ଡି ଇଟାଲିଆ-୨୦୨୫**

ମୋଟ ୨୧ଟି ଷ୍ଟେଜ୍ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୨ଟି ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍ ଓ ୩ଟି ୨୦୦ କିମିରୁ ଊର୍ଦ୍ଧ୍ୱ ଷ୍ଟେଜ୍ ବିଶିଷ୍ଟ ରେସ୍ ରହିଛି। ଏଥର ପ୍ରତିଯୋଗିତାରେ ମୋଟ ୨୩ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ (ୟୁସିଆଇ) ନିୟମ ଅନୁସାରେ, କୌଣସି ଏକ ଗ୍ରାଣ୍ଡ ଟୁର୍‌ରେ ୨୨ଟି ଟିମ୍ ଅଂଶଗ୍ରହଣ କରିପାରିବେ। ସେହି ଅନୁସାରେ ଗିରୋ ଡି' ଇଟାଲିଆରେ ୧୮ଟି ୟୁସିଆଇ ୱାର୍ଲ୍ଡ ଟିମ୍, ପୂର୍ବ ସିଜନରେ ୨ଟି ଉଚ୍ଚ ର‌୍ୟାଙ୍କପ୍ରାପ୍ତ ୟୁସିଆଇ ପ୍ରୋ ଟିମ୍ ଏବଂ ଆୟୋଜକଙ୍କ ପକ୍ଷରୁ ୨ଟି ଆମନ୍ତ୍ରଣୀୟ ଟିମ୍ ଏଥିରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ଗ୍ରାଣ୍ଡ ଟୁର୍ ରେସ୍ ଆୟୋଜକ ଏଏସ୍‌ଓ ଏବଂ ଆରସିଏସ ସ୍ପୋର୍ଟ ୱାଇଲ୍ଡ କାର୍ଡ ମାଧ୍ୟମରେ ଆଉ ଏକ ଟିମ୍‌କୁ ସାମିଲ କରିବାକୁ ୟୁସିଆଇକୁ ଅନୁରୋଧ କରିବାପରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୨୩ରେ ପହଞ୍ଚିଛି। ଆଲ୍‌ବାନିଆର ଡୁରେସଠାରୁ ଟିରାନା ପର୍ଯ୍ୟନ୍ତ ୧୬୦ କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌ରେ ଲିଡଲ-ଟ୍ରେକ୍ ଟିମ୍‌ର ଡେନ୍‌ମାର୍କ ରାଇଡର ମ୍ୟାଡ୍ସ ପେଡେରେଶନ ବିଜେତା ହୋଇଛନ୍ତି। ଟିରାନାରେ ଅନୁଷ୍ଠିତ ୧୩.୭ କିଲୋମିଟର ବିଶିଷ୍ଟ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ ରେସ୍‌କୁ ଗ୍ରେଟ୍ ବ୍ରିଟେନର ଜୋଶୁଆ ଟାର୍ଲିଂ ଜିତିଛନ୍ତି। ଆଲବାନିଆର ଭ୍ଲୋରେରେ ଅନୁଷ୍ଠିତ ୧୬୦ କିଲୋମିଟର ବିଶିଷ୍ଟ ତୃତୀୟ ତଥା ହିଲି ଷ୍ଟେଜ୍‌କୁ ପେଡେରେଶନ ପୁଣି ଜିତି ଷ୍ଟାଣ୍ଡିଂର ଆଗରେ ରହିଛନ୍ତି। ୧୨ ତାରିଖ ବିଶ୍ରାମ ଦିବସ ଥିବାବେଳେ ମଙ୍ଗଳବାର ଆଲବେରୋବେଲୋଠାରୁ ଲିସେ ପର୍ଯ୍ୟନ୍ତ ୧୮୯ କିଲୋମିଟର ବିଶିଷ୍ଟ ୪ର୍ଥ (ଫ୍ଲାଟ୍) ଷ୍ଟେଜ୍ ଅନୁଷ୍ଠିତ ହେଉଛି।



ତୃତୀୟ ଷ୍ଟେଜ୍ ଜିତିବା ପରେ ମ୍ୟାଡ୍ସ ପେଡେରେଶନ।

## ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକିରେ ଭାଗନେବ ଭାରତ

**ନୂଆଦିଲ୍ଲୀ, ୧୩।୫ (ପି.ଟି.):** ଆସନ୍ତା ୨୫ରୁ ଆର୍ଜେଣ୍ଟିନାରେ ଖେଳାଯିବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ନାମେଣ୍ଟରେ ଭାରତୀୟ ଜୁନିୟର ମହିଳା ଦଳ ଭାଗନେବ। ବର୍ଷର ପରବର୍ତ୍ତୀ ଭାଗରେ ହେବାକୁଥିବା ବିଶ୍ୱକପ୍ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହା ସହାୟକ ହେବ। ଦଳ ରୋସାରିଓ ଗସ୍ତକରି ସେଠାରେ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ ଓ ଚିଲି ବିପକ୍ଷରେ ୬ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଭାରତ ମେ'୨୫ରେ ଚିଲି ବିପକ୍ଷରେ ଏକ ମ୍ୟାଚ୍ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପରଦିନ ଦଳ ଉରୁଗୁଏ ବିପକ୍ଷରେ ଖେଳିବ। ଗୋଟିଏ ଦିନ ବିଶ୍ରାମ ପରେ ମେ' ୨୮ରେ ଆର୍ଜେଣ୍ଟିନାକୁ ଭେଟିବ। ସମାନ ଭେନ୍ୟୁରେ ଭାରତ ଏହାର ରିଟର୍ନ ଲେଗ୍‌ରେ ଚିଲିକୁ ମେ' ୩୦, ଉରୁଗୁଏକୁ ଜୁନ୍ ୧ ଏବଂ ଆର୍ଜେଣ୍ଟିନା ସହିତ ଜୁନ୍ ୨ରେ ମୁକାବିଲା କରିବ।

## କୋହଲି-ରୋହିତଙ୍କ ଅନୁପସ୍ଥିତି ଇଂଲଣ୍ଡକୁ ଫାଇଦା: ମୋଇନ

**ମୁମ୍ବାଇ, ୧୩।୫:** ଭାରତୀୟ ଟେଷ୍ଟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଘରୋଇ ଦଳକୁ ବଡ଼ ଫାଇଦା ଦେବ। ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ମୋଇନ ଅଲୀ ମଙ୍ଗଳବାର ଏହା କହିଛନ୍ତି। ତାଙ୍କ ମତରେ ଆସନ୍ତା ମାସରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଶୁବମନ ଗିଲ ଭାରତୀୟ ଦଳର ନେତୃତ୍ୱ ନେବେ। ରୋହିତ ଓ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବାରୁ ଭାରତୀୟ ଦଳକୁ ତା'ର ସବୁଠୁ ଅଭିଜ୍ଞ ବ୍ୟାଟରଙ୍କ ବିନା ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଖେଳିବାକୁ ପଡ଼ିବ। ଏହି ସିରିଜ ସହିତ ୨୦୨୫-୨୭ ଡବ୍ଲ୍ୟୁଟିସି ସାଇକେଲ ଆରମ୍ଭ ହେବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ ୨୦ ତାରିଖରେ ହେଡିଂଲେଠାରେ ଖେଳାଯିବ।

ମୋ ମତରେ ଦୁଇ ସିନିୟର ବ୍ୟାଟରଙ୍କ ଅନୁପସ୍ଥିତି ଇଂଲଣ୍ଡ ଦଳକୁ ବଡ଼ ଫାଇଦା ପ୍ରଦାନ କରିବ। ଦୁଇ ସିନିୟର ଖେଳାଳି ଅନେକ ଥର ଇଂଲଣ୍ଡ ଟୁର କରିଥିଲେ। ଏଣୁ ସେମାନଙ୍କ ପାଖରେ ଅଭିଜ୍ଞତା ଥିଲା। ମୋର ମନେ ଅଛି, ରୋହିତ ଗତ ଥର ଇଂଲଣ୍ଡ ଟୁରରେ ଖୁବ ଭଲ କରିଥିଲେ। ଦୁହେଁ ଭାରତୀୟ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ଭାରତୀୟ ଦଳ ପାଇଁ ବଡ଼ କ୍ଷତି ବୋଲି ମୋଇନ କହିଛନ୍ତି। ଏତଦ ବ୍ୟତୀତ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଭାବେ ସେ ଶୁବମନ ଗିଲଙ୍କୁ ବାଛିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଲମ୍ବା ଫର୍ମାଟରେ ଦଳର ନେତୃତ୍ୱ ନେବାର ଅଭିଜ୍ଞତାର ଅଭାବ ସତ୍ତ୍ୱେ ଗିଲ ଜଣେ ଭଲ ବିକଳ୍ପ। ବିସିସିଆଇ ଯଶପ୍ରୀତ ବୁମରାଙ୍କୁ ଅଧିନାୟକ ଦାୟିତ୍ୱ ଲାଗି ବାଛିପାରେ। କାରଣ ସେ ଜଣେ ଭଲ ଲିଡର ଏବଂ ପୂର୍ବରୁ ଦଳର ନେତୃତ୍ୱ ମଧ୍ୟ ନେଇଛନ୍ତି। କିନ୍ତୁ ତାଙ୍କର ଇଞ୍ଜୁରୀ ରେକର୍ଡ ଯେଉଁ ଭଳି ରହିଛି, ସେ ପୂରା ସିରିଜ୍ ଖେଳିବା ସହଜ ନୁହେଁ। ଏଣୁ ବିସିସିଆଇ ସେଭଳି ଜଣେ ଖେଳାଳିଙ୍କୁ ଅଧିନାୟକ କରିବ, ଯିଏକି ଟେଷ୍ଟ କ୍ରିକେଟରେ ଠିକଠାକ ପ୍ରଦର୍ଶନ କରିଛନ୍ତି। ଗିଲ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ତାଙ୍କ ପାଖରେ ଏକ ଭଲ ଅଧିନାୟକ ବିକଳ୍ପ ରହିଛି। କିନ୍ତୁ ଇଂଲିଶ କଣ୍ଡିଶନରେ ଦଳର ନେତୃତ୍ୱ ନେବା ଏକ ଚ୍ୟାଲେଞ୍ଜ ହେବ।

## ପ୍ରେମାନନ୍ଦ ଜୀ ମହାରାଜଙ୍କ ଦର୍ଶନ କଲେ କୋହଲି, ଅନୁଷ୍କା



ଅନୁଷ୍କା ଶର୍ମା ଓ ବିରାଟ କୋହଲି।

**ନୂଆଦିଲ୍ଲୀ, ୧୩।୫**

ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିବା ପରେ ଭାରତର ମହାନ୍ କ୍ରିକେଟର ବିରାଟ କୋହଲି ମଙ୍ଗଳବାର ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବୃନ୍ଦାବନ ଗସ୍ତ କରିଥିଲେ। ସେଠାରେ ସେ ଶ୍ରୀ ହିତ ପ୍ରେମାନନ୍ଦ ଗୋବିନ୍ଦ ଶରନ ଜୀ ମହାରାଜଙ୍କଠାରୁ ତାଙ୍କ ଆଶ୍ରମରେ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ପ୍ରେମାନନ୍ଦ ଜୀ ମହାରାଜଙ୍କ ସହ କୋହଲିଙ୍କର ସ୍ୱତନ୍ତ୍ର ବାର୍ତ୍ତାଳାପ ହୋଇଥିଲା, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଆଶ୍ରମରେ ପହଞ୍ଚିବା ପରେ କୋହଲି ଓ ଅନୁଷ୍କା ପ୍ରେମାନନ୍ଦ ଜୀ ମହାରାଜଙ୍କୁ ପ୍ରଣାମ କରିଥିଲେ। ପ୍ରେମାନନ୍ଦ ଜୀ ମହାରାଜ ପ୍ରଶ୍ନ କରିଥିଲେ ଯେ, ଖୁସି ଅଛ ? ଏହାର ଉତ୍ତରରେ କୋହଲି କହିଥିଲେ, ଏବେ ଠିକ୍ ଅଛି। ଏହାପରେ କୋହଲି ଓ ଅନୁଷ୍କାଙ୍କୁ ମହାରାଜ ଆଧ୍ୟାତ୍ମିକ ଶିକ୍ଷା ଦେଇଥିଲେ। ଏହି ଦମ୍ପତି ଚଳିତବର୍ଷ ଦ୍ୱିତୀୟଥର ପାଇଁ ବୃନ୍ଦାବନ ଗସ୍ତ କରିଛନ୍ତି। ଗତ ଜାନୁଆରୀରେ କୋହଲି ଅନୁଷ୍କା ଓ ସେମାନଙ୍କ ପିଲାଙ୍କ ସହ ବୃନ୍ଦାବନ ଯାଇ ପ୍ରେମାନନ୍ଦ ଜୀ ମହାରାଜଙ୍କ ଆଶୀର୍ବାଦ ନେଇଥିଲେ।

## ମଧୁସ୍ମିତାଙ୍କ ମାଉଣ୍ଟ ଲବୁଚେ ଆରୋହଣ




ମାଉଣ୍ଟ ଲବୁଚେ ଆରୋହଣ ପରେ ମଧୁସ୍ମିତା ପାତ୍ର।

**ଭୁବନେଶ୍ୱର, ୧୩।୫(ତପନ ସ୍ୱାଇଁ)** ଗଞ୍ଜାମ ଜିଲା ମହାଶାୟୀ ପେଣ୍ଠର ମଧୁସ୍ମିତା ପାତ୍ର ନେପାଳର ଆଉ ଏକ ପର୍ବତ ମାଉଣ୍ଟ ଲବୁଚେ (୬,୧୧୯ମି)କୁ ସଫଳତାର ସହ ଆରୋହଣ କରିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଆରୋହଣ। ପୂର୍ବରୁ ସେ ୨୯ ଏପ୍ରିଲରେ ମାଉଣ୍ଟ ମୀରା (୬,୪୭୬ମି) ଓ ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି) ଆରୋହଣ କରିଥିଲେ। ଏହି ଶୃଙ୍ଗଗୁଡ଼ିକ ଆରୋହଣ ଦ୍ୱାରା ମଧୁସ୍ମିତା ପର୍ବତାରୋହଣ ପାଇଁ ଅତି ଆବଶ୍ୟକ ଧୈର୍ଯ୍ୟ, ସହନଶୀଳତା ଏବଂ ଟେକ୍ନିକ୍ ଆଦି ଅଭିଜ୍ଞତା ହାସଲ କରିଛନ୍ତି।

## ୭ ରାଉଣ୍ଡ ଶେଷସୁଦ୍ଧା ୯ ମିଳିତ ଅଗ୍ରଣୀ

**ଭୁବନେଶ୍ୱର, ୧୩।୫ (ତପନ ସ୍ୱାଇଁ)**

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

କିଟ୍ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ୍ 'ଏ' ବର୍ଗର ୨ଟି ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୭ମ ରାଉଣ୍ଡ ଶେଷସୁଦ୍ଧା ୯ ଖେଳାଳି ୫.୫ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ରୁଷିଆ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଡାଭିଡ ଗୋଚେଲାଶଭିଲି, ପଶ୍ଚିମବଙ୍ଗ ଆଇଏମ୍ କୌସ୍ତୁଭ କୁଣ୍ଡୁ, ଫିଡେ ଅଧୀନରେ ଖେଳୁଥିବା ମାକ୍ସିମ ଶେକାଚିଖିନ୍, ଭିଏତନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ ଭାନ୍ ହୁଇ, ବେଲାରୁଷ୍ ଗ୍ରାଣ୍ଡମାଷ୍ଟର ଆଲେକ୍ସି ଫେଡୋରୋଭ ଓ ଏଭଗେନି ପେଡୋଲଚେଙ୍କୋ, ରୁଷିଆ ଗ୍ରାଣ୍ଡମାଷ୍ଟର ବୋରିସ ସାଭ୍‌ଚେଙ୍କୋ, କାଜାଖସ୍ତାନ ଆଇଏମ୍ ଟୋଲୋଗୋନ ଟେଲିନ ସେମେଟେଇ ଏବଂ ସ୍ଲୋଭାକିଆ ଗ୍ରାଣ୍ଡମାଷ୍ଟର ମିକୁଲାସ ମାନିକ। ୧୦ ଖେଳାଳି ୫ ପଏଣ୍ଟ ଲେଖାଏ ପାଇଥିବାବେଳେ ଓଡ଼ିଶାର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହିତ ୨୦ତମ ସ୍ଥାନରେ ରହିଛନ୍ତି। ଏହି ୧୦ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତା ୧୬ ତାରିଖରେ ଶେଷହେବ। ୧୭୦୦ ରେଟିଂରୁ କମ୍ 'ସି' ବର୍ଗ ପ୍ରତିଯୋଗିତା ଆରମ୍ଭ ହୋଇଛି।

## ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ମେଲବୋର୍ନ, ୧୩।୫(ପି.ଟି.):** ଆସନ୍ତା ଜୁନ୍ ୧୧ରେ ଇଂଲଣ୍ଡର ଲର୍ଡ୍ସଠାରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବାର ଅଛି। ଏଥିଲାଗି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପକ୍ଷରୁ ମଙ୍ଗଳବାର ସେମାନଙ୍କ ଦଳ ଘୋଷଣା କରାଯାଇଛି।

ପ୍ୟାଟ୍ କୁମିନ୍ସଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରେ ବିସ୍ଫୋରକ ଓପନର ସାମ୍ କନଷ୍ଟାସ୍ ଓ ଆହତ ସମସ୍ୟାରୁ ଫେରିଥିବା ଅଲ୍‌ରାଉଣ୍ଡର କାମରନ ଗ୍ରୀନ୍ ସ୍ଥାନ ପାଇଛନ୍ତି। ଏହାଛଡ଼ା ଗତ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଖେଳିଥିବା ପ୍ରାୟ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି। ଗ୍ରୀନ୍ ବ୍ୟାକ୍ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତବର୍ଷ ଏଥିଲାଗି ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ପିନର ମ୍ୟାଟ୍ କୁହ୍ନେମ୍ୟାନଙ୍କୁ ରେଗୁଲାର ସ୍ପିନର ନାଥନ ଲିୟନଙ୍କ ବ୍ୟାକ୍‌ଅପ ଭାବେ ଏବଂ ବ୍ରେଣ୍ଡନ ଡଗେଟଙ୍କୁ ଟ୍ରାଭେଲିଂ ରିଜର୍ଭ ଭାବେ ଦଳରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରେ ଲୁଙ୍ଗି ଏନ୍‌ଗିଡି, କାଗିସୋ ରାବାଡ଼ା ଓ ଅଲ୍‌ରାଉଣ୍ଡର କର୍ବିନ ବୋଶ୍ଚ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଜୁନ୍ ୩ରୁ ୬ ପର୍ଯ୍ୟନ୍ତ ଜିମ୍ବାୱେ ବିପକ୍ଷରେ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବ। ହେଲେ ଆଇପିଏଲରେ ଭାଗନେବାକୁ ଯାଉଥିବା ୮ ଖେଳାଳି ଯଥା ଏନ୍‌ଗିଡି, ବୋଶ୍ଚ, ରାବାଡ଼ା, ମାର୍କୋ ଜାନସେନ, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକଲଟନ ଏଥିଲାଗି ଉପଲବ୍ଧ ରହିବେ ନାହିଁ।

**ଡବ୍ଲ୍ୟୁଟିସି ଫାଇନାଲ**

ଅଷ୍ଟ୍ରେଲିଆ ଦଳ: ପ୍ୟାଟ୍ କୁମିନ୍ସ (ଅଧିନାୟକ), ସ୍କଟ୍ ବୋଲାଣ୍ଡ, ଆଲେକ୍ସ କ୍ୟାରି, କାମରନ ଗ୍ରୀନ, ଜୋଶ ହାଜେଲଉଡ, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ, ଉସ୍ମାନ ଖ୍ୱାଜା, ସାମ୍ କନଷ୍ଟାସ, ମ୍ୟାଟ କୁହ୍ନେମ୍ୟାନ, ମାର୍ନସ ଲାବୁସେନ, ନାଥନ ଲିୟନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ବେଉ ୱେବଷ୍ଟର। ଟ୍ରାଭେଲିଂ ରିଜର୍ଭ: ବ୍ରେଣ୍ଡନ ଡଗେଟ। ଦକ୍ଷିଣ ଆଫ୍ରିକା ଦଳ: ଟେମ୍ବା ବଭୁମା (ଅଧିନାୟକ), ଡେଭିଡ ବେଡିଂହାମ, କର୍ବିନ ବୋଶ୍ଚ, ଟୋନି ଡି ଜର୍ଜି, ମାର୍କୋ ଜାନସେନ, କେଶବ ମହାରାଜ, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ସେନୁରାନ ମୁଥୁସାମୀ, ଲୁଙ୍ଗି ଏନ୍‌ଗିଡି, ଡେନ ପାଟରସନ, କାଗିସୋ ରାବାଡ଼ା, ରିୟାନ ରିକଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନେ।

## ଜୋକୋଭିଚ୍-ମୁରେ ବିଚ୍ଛେଦ

**ଲଣ୍ଡନ, ୧୩।୫ (ଏପି):** ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ଆଉ ଦୁଇ ସପ୍ତାହ ବାକିଥିବା ବେଳେ ସର୍ବୀୟ ଟେନିସ୍ ଷ୍ଟାର୍ ନୋଭାକ ଜୋକୋଭିଚ୍‌ଙ୍କର କୋଚ୍ ଆଣ୍ଡି ମୁରେଙ୍କ ସହ ରହିଥିବା ପାର୍ଟନରଶିପ୍ ଭାଙ୍ଗିଯାଇଛି। ଏହି ଦୁଇ ପୂର୍ବତନ ନମ୍ବର-୧ ର‌୍ୟାଙ୍କିଙ୍ଗ୍ ଖେଳାଳି ଏଣିକି ଏକତ୍ର କାର୍ଯ୍ୟ କରିବେ ନାହିଁ ବୋଲି ମୁରେଙ୍କ ପ୍ରତିନିଧି ପ୍ରକାଶ କରିଛନ୍ତି। ମୁରେ ୬ ମାସ ହେଲା ଜୋକୋଭିଚ୍‌ଙ୍କ କୋଚ୍ ଭାବେ କାର୍ଯ୍ୟ କରିଆସୁଥିଲେ। ସୂଚନାଯୋଗ୍ୟ, ବ୍ରିଟିଶ ଖେଳାଳି ମୁରେ ଗତବର୍ଷ ଖେଳରୁ ଅବସର ନେବାପରେ ଅଷ୍ଟ୍ରେଲିଆନ୍ ଓପନ୍ ପୂର୍ବରୁ ଜୋକୋଭିଚ୍‌ଙ୍କ କୋଚ୍ ହୋଇଥିଲେ। ଜୋକୋଭିଚ୍ ଫେବୃଆରୀରେ କହିଥିଲେ ଯେ, କିଛି କ୍ଲେ-କୋର୍ଟ ଟୁର୍ନାମେଣ୍ଟ ସମେତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଙ୍କ କୋଚ୍ ଭାବେ କାର୍ଯ୍ୟ କରିବା ଲାଗି ମୁରେ ରାଜି ହୋଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ